# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 42 • ISSUE-327 • BHUBANESWAR • MONDAY • 26 MAY 2025 • PAGE-12 • ₹ 6.00

SAMBALPUR

• ବର୍ଷ-୪୨ • ସଂଖ୍ୟା-୩୨୭ • ଭୁବନେଶ୍ୱର • ସୋମବାର • ୨୬ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




୧୦୦ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

▶ପୃଷ୍ଠା ୧୨ ଦେଖନ୍ତୁ...


## ADYANTIANS: Maintaining the Traditions of Excellence

## OUR RESULTS AT A GLANCE

Well Done ! We are Proud of you !!!

ADYANT HIGHER SECONDARY SCHOOL

(A Division of Adyant Educational & Charitable Trust)

In Association With Aakash Medical|IIT - JEE Foundations

BIJETA BEHERA Roll No. 395MA355 SCORE 580

SHRADDHA SUMAN SEN Roll No. 395MA004 SCORE 573

RATNASAGAR DAS Roll No. 395MA003 SCORE 572

RAJESWARI JENA Roll No. 395MA018 SCORE 569

S KRISHNA SAHOO Roll No. 395MA013 SCORE 566

ABHIJIT MOHANTY Roll No. 395MA001 SCORE 565

SURYAKANTA SWAIN Roll No. 395MA002 SCORE 562

SUSREE SANGITA BEHERA Roll No. 395MA015 SCORE 562

ASMITA BEHERA Roll No. 395MA008 SCORE 561

HIMANSHU S. PRUSTY Roll No. 395MA022 SCORE 561

RAMESH NAIK Roll No. 395MA361 SCORE 561

RAJENDRA KU. SAMANTARAY 560 · AYUSH JENA 559 · ABHIPSA BEHERA 559 · SHRADHANJALI ROUT 558 · ANKITA PARIDA 557 · KONARK SHIKHAR NATH 557 · SAUMYA KANTA ARUK 557 · SUSAMA NAYAK 557 · SHUBHANKAR BEHERA 556 · ASUTOSH SAHOO 556 · SAISMITA DASH 556

NISHIKANTA TRIPATHY 555 · AKANKSHYA P. PRADHAN 555 · DEEPAK KUMAR SEND 555 · JITENDRA NARAYAN PANI 555 · AYUSH SARANGI 555 · PRAGYNA P. BEHERA 554 · BARSHA P. SAHUY 554 · MAMALI PRADHAN 554 · GAURICK DEY 553 · MINAKSHI MOHANTY 553 · RUDRA P. SAMANTARAY 553

APARNA PRADHAN 552 · JYOTIRMAYEE MISHRA 551 · SUBRAT MAHARANA 551 · ALISHA MEHER 551 · CHINMAY KU. KHUNTIA 550 · GYANASHREE RATH 550 · SUJIT KUMAR SAMAL 550 · TRUPTIMAYEE PRIYADARSHINEE 548 · ASHISH NARAYAN MARTHA 548 · SAIKRISHNA ROUT 547 · PRATIK KUMAR MALLICK 546

SUBHA PRASAD MALLIK 546 · RAJLAXMI DIXIT 545 · RISHITA MISHRA 545 · BHAKTI PRASAD JENA 544 · SATYARANJAN PADHIARY 544 · PRIYABRATA RATH 543 · ABHIRAM ROUT 543 · NIHAR RANJAN SAHOO 543 · MUSKAN ROUT 542 · SMRUTI SULAGNA SAHOO 541 · MATHUPRASAD SAHU 541 · SRIYANSU S. MAHARANA 540

And many more...

e-Admission in +2 Science for the Session 2025-27

For Admission Apply through Student Academic Management System (SAMS Online) as per Govt. Notification

ADYANT HIGHER SECONDARY SCHOOL (A Division of Adyant Educational & Charitable Trust)

OUR RESULTS AT A GLANCE

| 56 | 122 | 181 | 229 | 276 | 339 | 94% |
|---|---|---|---|---|---|---|
| Students Above 90% Marks | Students Above 85% Marks | Students Above 80% Marks | Students Above 75% Marks | Students Above 70% Marks | Students Above 60% Marks Out of 361 Students | students got 1st Division |

1. AC & Digital Classrooms
2. Guided Study Programme
3. Daily Doubt Clearing Classes
4. Vocal, Dance, Guitar, Keyboard, Drum Classes
5. Outdoor & Indoor Gymnasium
6. Outdoor & Indoor Auditorium
7. 24 X 7 CCTV Surveillance And Security
8. 24 X 7 Ambulance & Health Facilities
9. Separate Hostels for Boys & Girls
10. Separate Cafeteria for Boys & Girls
11. Separate Playgrounds for Boys & Girls
12. Transport Facility

Campus : Bhatakhuri, Gangapada, Janla, Bhubaneswar-752054, Mobile : 700 800 4000

www.adyanthighersecondaryschool.org | www.facebook.com/adyant.school | www.instagram.com/adyant.school | @ adyant_school | college@adyant.org

# ଲାଲୁ ପରିବାରରେ ଝଡ଼

ପାଟନା, ୨୫।୫ (ଏଜେନ୍ସି): ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି। ଏହି ଝଡ଼ ଅଚାନକ ଆସି ଲାଲୁ ପରିବାରକୁ ଭାଗ ଭାଗ କରିଦେଇଛି। ଶେଷରେ ବାପା ବାଧ୍ୟ ହୋଇ ବଡ଼ ପୁଅ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳ ଏବଂ ପରିବାରରୁ ବିଦା କରି ଦେଇଛନ୍ତି। ପୁଅ ଦାୟିତ୍ୱହୀନ କାମ କରିଛି ବୋଲି କହିଛନ୍ତି। ଫେସ୍‌ବୁକ୍‌ରେ ଲାଲୁ ନିଜେ ଏହି ସୂଚନା ଦେଇ ପୁଅ ନୈତିକ ମୂଲ୍ୟବୋଧ ଏବଂ ସଂସ୍କାରକୁ ଭୁଲି ଯାଇଥିବା ଅଭିଯୋଗ କରିଛନ୍ତି। ପୁଅର ବ୍ୟକ୍ତିଗତ ଜୀବନ ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରୁଛି। ଲୋକଲଜ୍ଜା ଦେଖି ପରିବାରରେ ନୀତି ଆଦର୍ଶରେ ପରିଚାଳିତ ହୋଇ ବିବେକର ସହ ନିଷ୍ପତ୍ତି ନେବାକୁ ଲାଲୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଆଜିଠୁ ଦଳ ଏବଂ ପରିବାରରେ ତେଜପ୍ରତାପଙ୍କ କୌଣସି ଭୂମିକା ରହିବା ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବିହାର ଏବଂ ଦେଶ ରାଜନୀତିରେ ଚର୍ଚ୍ଚାରେ ଥିବା ଏହି ଘଟଣା ପଛରେ ପୁଅ ତେଜପ୍ରତାପଙ୍କ ପ୍ରେମ କାହାଣୀ ରହିଛି। ଏହି ପ୍ରେମ କାହାଣୀ ଲାଲୁ ପରିବାର ପାଇଁ ଅସହ୍ୟ ହୋଇ ପଡ଼ିଛି।



- ବଡ଼ ପୁଅ ତେଜ ପ୍ରତାପ ଦଳରୁ ବହିଷ୍କୃତ
- ପରିବାରରୁ ମଧ୍ୟ ତଡ଼ା ଖାଇଲେ
- ଭାଇରାଲ ହେଉଛି ମହିଳାଙ୍କ ସହ ତେଜଙ୍କ ଫଟୋ

ଦିନକ ତଳେ ଶନିବାର ସନ୍ଧ୍ୟାରେ ତେଜ ପ୍ରତାପଙ୍କ ସହ ଜଣେ ମହିଳା (ଅନୁଷ୍କା ଯାଦବ) ଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ତେଜପ୍ରତାପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅପ୍‌ଲୋଡ କରାଯାଇଥିଲା। ଉଭୟେ ୧୨ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିବା କହିଥିଲେ। ସମସ୍ତେ ସ୍ୱୀକାର କରିବେ ବୋଲି ଆଶା କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସବୁ କିଛି ବଦଳି ଯାଇଥିଲା। ନିଜ ପରିବାର ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ତୀବ୍ର ବିରୋଧ କରିଥିଲା। ଏଥିପାଇଁ ଲାଲୁଙ୍କ ବଡ଼ ତନୟଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ସେ ଆଇଡି ହ୍ୟାକ ହୋଇଯାଇଥିବା ଏବଂ କେହି ଏଡିଟିଂ କରି ଫଟୋ ଅପଲୋଡ୍ କରିଥିବା କହିଥିଲେ। କିନ୍ତୁ ଏହା ପରେ ପରେ ସେହି ମହିଳାଙ୍କ ସହ ତେଜପ୍ରତାପଙ୍କ ୬ଟି ଫଟୋ ଏବଂ ୨ଟି ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ଉଭୟେ 'କରବା ଚୌଥ' ପାଳୁଥିବା ଫଟୋ ମଧ୍ୟ ସାମିଲ ଥିଲା। ତେଜପ୍ରତାପ ଦ୍ୱିତୀୟ ବିବାହ କରି ସାରିଥିବା ଲୋକେ ଅନୁମାନ କରୁଛନ୍ତି। କିନ୍ତୁ ଲାଲୁ ପରିବାରର ଏହି ଝଡ଼କୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରାଚେଲ ଗୋଡିହ୍ନୋଙ୍କ ସହ ସାନ ପୁଅ ତେଜସ୍ୱୀର ପ୍ରେମ ବିବାହ କରାଇଥିବା ଲାଲୁ ଏହି ବିବାହରେ କାହିଁକି ରାଜି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ଯଦି ତେଜପ୍ରତାପ ୧୨ ବର୍ଷ ହେଲା ଭଲ ପାଉଥିଲେ ତେବେ ୨୦୧୮ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦାରୋଗା ରାୟଙ୍କ ନାତୁଣୀ ଐଶ୍ୱର୍ଯ୍ୟା ରାୟଙ୍କୁ ବିବାହ କରିବାକୁ କାହିଁକି ରାଜି ହୋଇଥିଲେ? ଏହା ପଛରେ ପିତା ଏବଂ ପରିବାରର ଚାପ ନ ଥିଲା ତ? ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବାପାଙ୍କ କଥାରେ ପଡ଼ି ତେଜପ୍ରତାପ ଆଉ ବାହା ହୋଇ ନ ଥିଲେ? ଏଥିପାଇଁ ତାଙ୍କ ବିବାହ ତିଷ୍ଠି ପାରି ନ ଥିଲା ତ? ସୂଚନାଯୋଗ୍ୟ ଯେ ଏବେ ଐଶ୍ୱର୍ଯ୍ୟ ଏବଂ ତେଜପ୍ରତାପଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଚାଲିଛି। ଲାଲୁଙ୍କ ବଡ଼ ପୁଅ ମାଡ଼ ମାରି ଡ୍ରଗ୍ସ ଦେଉଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ। ଏହି ଖବର ଆସିବା ପରେ ଐଶ୍ୱର୍ଯ୍ୟାଙ୍କ ମା ପୁନମ ରାୟ କହିଥିଲେ ଯେ ପୂର୍ବରୁ ଏ ବିଷୟରେ ସେ ଜାଣିଥିଲେ। ସମସ୍ତେ ଏ ବିଷୟରେ ଜାଣିଛନ୍ତି। ଏଥିରେ କିଛି ଲୁଚାଛପା ନାହିଁ। ସେହିପରି ଏହି ପ୍ରସଙ୍ଗକୁ ନେଇ ତେଜସ୍ୱୀ କହିଛନ୍ତି ଯେ ସେ ଏଭଳି ମାମଲାକୁ ବରଦାସ୍ତ କରନ୍ତିନି। ଭାଇଙ୍କ କ୍ଷେତ୍ରରେ ରାଜନୈତିକ ଏବଂ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା ହୋଇଥାଏ। ନିଜ ନିଷ୍ପତ୍ତି ନେବାରେ ସେ ସ୍ୱାଧୀନ।

# ତୁଣ୍ଡରେ ଲଗାମ ପାଇଁ ଅମାନିଆଙ୍କୁ ମୋଦୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏନଡିଏ ନେତାମାନେ ସାଧାରଣରେ ଟିକା ଟିପ୍ପଣୀ ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ ଏବଂ ଅଯଥା କଥା କହି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ବିଶେଷକରି ଅପରେସନ ସିନ୍ଦୂରକୁ ନେଇ ଏନଡିଏର କିଛି ନେତା ଦେଇଥିବା ଟିପ୍ପଣୀ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ସ୍ଥିତିରୁ ବର୍ତ୍ତିବାକୁ ସେ କହିଛନ୍ତି। ଏନଡିଏ ଶାସିତ ରାଜ୍ୟରେ ସୁଶାସନ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବିଷୟକୁ ନେଇ ରବିବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏନଡିଏ ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ



ଅଧ୍ୟକ୍ଷତା କରି ଏହା କହିଛନ୍ତି। ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଥିଲା ବେଳେ ମୋଦୀ ଏ ସମ୍ପର୍କରେ ମଧ୍ୟ ନେତାମାନଙ୍କୁ ସ୍ପଷ୍ଟ କରାଇ ଦେଇଛନ୍ତି। ପାକିସ୍ତାନର ଅନୁରୋଧ ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ମୋଦୀ କହିଛନ୍ତି। କିନ୍ତୁ ଏହି ବିଷୟକୁ ନେଇ କୌଣସି ନେତା ଭୁଲ ତଥ୍ୟ ଦେଇ ଅଯଥା ଟିପ୍ପଣୀ ଦେବା ଉଚିତ ନୁହେଁ। ଏହାଦ୍ୱାରା ଦଳୀୟ ଛବି କ୍ଷୁଣ୍ଣ ହେବା ସହିତ କୌଣସି କାରଣ ନଥାଇ ବିବାଦୀୟ ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କୌଣସି ନେତା ସାଧାରଣରେ ଯେକୌଣସି ପ୍ରସଙ୍ଗରେ ଟିପ୍ପଣୀ ଦିଅନ୍ତୁ ନା କାହିଁକି , ତାଙ୍କ ବକ୍ତବ୍ୟ ଶାଳୀନ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂରକୁ ନେଇ ବହୁ ବିଜେପି ନେତା ଦେଇଥିବା ବୟାନ ନିକଟରେ ବିବାଦ ସୃଷ୍ଟି କରିଥିଲା। ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଜଗଦ୍ଧୀଶ ଦେବଦାଙ୍କ ଭଳି କିଛି ନେତାଙ୍କ ବୟାନ ବିବାଦ ବଢାଇଥିବାରୁ ଏଥିରୁ ନିବୃତ୍ତ ହେବାକୁ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏନଡିଏ ଶାଶିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କିଛି କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ରହିଥିଲେ।

## କାହିଁକି ଛାଡ଼ିଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା

ଲଣ୍ଡନ, ୨୫।୫ (ଏଜେନ୍ସି): ହାଇଦରାବାଦରେ ଜାରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅତିଥିଙ୍କୁ ଖୁସି କରିବା ପାଇଁ ଚାପ ପକାଯାଉଛି। ଅର୍ଥ ଲଗାଣକାରୀଙ୍କ ସହ ସମ୍ପର୍କ ବଢ଼ାଇବାକୁ କୁହାଯାଉଛି। ବେଶ୍ୟା ଭଳି ବ୍ୟବହାର କରାଯାଉଛି। ଆୟୋଜକମାନେ ଅସମ୍ମାନ କରୁଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ଛାଡ଼ି ଚାଲି ଯାଇଥିବା ମିସ୍ ଇଂଲଣ୍ଡ ମିଲା ମାଗି ଇଂଲଣ୍ଡର ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଏଭଳି ଗୁରୁତର ଅଭିଯୋଗ ଲଗାଇଛନ୍ତି। ମିସ୍ ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ବିବୃତ୍ତି ଜାରି କରି ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। ମା'ଙ୍କ ଦେହ ଖରାପ ଥିବା କହି ମିଲା ପ୍ରତିଯୋଗିତା ଛାଡ଼ିଥିବା କହିଛନ୍ତି।



**ଅତିଥିଙ୍କୁ ଖୁସି କରିବାକୁ ପକା ଯାଉଥିଲା ଚାପ**

ଗତ ୭ ତାରିଖରେ ହାଇଦରାବାଦରେ ପହଞ୍ଚି ଥିବା ମିଲା ୧୬ରେ ପ୍ରତିଯୋଗିତା ଛାଡ଼ି ବ୍ରିଟେନ ଫେରି ଯାଇଥିଲେ। ମିସ୍ ୱାର୍ଲ୍ଡରେ ପ୍ରଥମ ଥର ପାଇଁ ଇଂଲଣ୍ଡର ପ୍ରତିନିଧିତ୍ୱ କରୁଥିବା ପ୍ରତିଯୋଗୀ ଅଚାନକ ବଦଳି ଯାଇଥିଲେ। ମିଲାଙ୍କ ସ୍ଥାନରେ ମିସ୍ ଇଂଲଣ୍ଡ ରନର୍ସ ଅପ୍ ସାମିଲ ହୋଇଥିଲେ। ତେବେ ମିଲା ଅଭିଯୋଗ କରିଥିଲେ ଯେ ପ୍ରତିଯୋଗିତାରେ ଅଧିକ ବୟସର ପୁରୁଷଙ୍କ ସହ ସମୟ ବିତାଇବାକୁ, ଭାବ ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସବୁ ପ୍ରତିଯୋଗୀଙ୍କୁ ଦିନ ଯାକ ମେକ୍‌ଅପ୍‌ରେ ରହିବାକୁ ପଡୁଥିଲା। ଜଳଖିଆ କରିବା ସମୟରେ ବି ଗାଉନ ପିନ୍ଧିବାକୁ କୁହାଯାଉଥିଲା। ପ୍ରତି ଟେବୁଲରେ ୬ ଜଣ ଅତିଥି ଏବଂ ୨ ଜଣ ଯୁବତୀଙ୍କୁ ବସା ଯାଉଥିଲା। ଅତିଥିଙ୍କୁ ଖୁସି କରିବାକୁ ଝିଅଙ୍କୁ କୁହାଯାଉଥିଲା। ଏହା ଦେଖି ବହୁତ ଖରାପ ଲାଗିଥିଲା। ଏପରି କରି ତାଙ୍କୁ ବେଶ୍ୟା ଭଳି ଅନୁଭବ ହେଉଥିଲା। ଏଠାରେ ଖରାପ ଲାଗିବା ଭଳି ଆଲୋଚନା ହେଉଥିଲା। ଭାଗ ନେଇଥିବା ୧୦୯ ଯୁବତୀଙ୍କୁ ମାଦା କହି ଗାଳି କରାଯାଇଥିଲା। ମାଙ୍କଡ଼ ଭଳି ବ୍ୟବହାର କରାଯାଉଥିଲା। ତେଣୁ ଏହାକୁ ବରଦାସ୍ତ କରିପାରିଲି ନାହିଁ ବୋଲି ମିଲା କହିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ଚିନ୍ତାରେ ପାକିସ୍ତାନ ସରକାର

## ଅସ୍ତିତ୍ୱ ପାଇଁ ଭାରତ ବିପଦ

ୱାଶିଂଟନ୍,୨୫।୫(ଏଜେନ୍ସି): ଭାରତକୁ ପାକିସ୍ତାନ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସବୁଠୁ ବଡ଼ ବିପଦ ବୋଲି ଚିନ୍ତା କରୁଛି। ଏଥିପାଇଁ ପାକିସ୍ତାନ କ୍ରମାଗତ ଭାବେ ନିଜର ସେନାର ଆଧୁନିକୀକରଣ କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପରମାଣୁ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିଆସୁଛି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଗୁଇନ୍ଦା ଏଜେନ୍ସି ଦ୍ୱାରା ପ୍ରକାଶ କରାଯାଇଥିବା 'ୱାର୍ଲଡ ଥ୍ରେଟ୍ ଆସେସମେଣ୍ଟ ରିପୋର୍ଟ'ରେ କୁହାଯାଇଛି। ପାକିସ୍ତାନର ଅସ୍ତିତ୍ୱ ପାଇଁ ଭାରତ ବିପଦ ହୋଇ ରହିଆସିଛି। ତେଣୁ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ, ପରମାଣୁ କମାଣ୍ଡ ସେଣ୍ଟରର ରକ୍ଷଣାବେକ୍ଷଣ ଏବଂ ସାମୁହିକ ବିଧ୍ୱଂସକାରୀ ଅସ୍ତ୍ର ମହଜୁଦ ରଖିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଚୀନ ଭରସାଯୋଗ୍ୟ ହୋଇଛି। ପାକିସ୍ତାନ ଚୀନ୍ ଠାରୁ ମିଲିଟାରୀ ସହାୟତା ହାସଲ କରିବା ସହିତ ଏଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଚୀନ୍ ସେନା ସହିତ ମିଳିତ ସମରାଭ୍ୟାସ କରିବାକୁ ଗୁରୁତ୍ୱ ଦେଇଛି ବୋଲି କୁହାଯାଇଛି। ଏପରିକି 'ଡବ୍ଲ୍ୟୁଏମଡି (ୱିପନସ୍ ଅଫ୍ ମାସ୍ ଡିଷ୍ଟ୍ରକ୍ସନ) କ୍ରୟ କରିବାକୁ ମଧ୍ୟ ପାକିସ୍ତାନ ଚୀନ୍‌କୁ ଭରସା କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

## 'ଯୁଦ୍ଧ ଲଗାଇ ଅର୍ଥ ଉପାର୍ଜନ କରୁଛି ଆମେରିକା'

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆମେରିକା ଅର୍ଥ ଉପାର୍ଜନ କରିବାକୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇବାକୁ ପଛାଉ ନାହିଁ। ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରଣନୀତି ପ୍ରସ୍ତୁତ କରିବା ସହିତ ଅର୍ଥ ଉପାର୍ଜନ କରୁଛି ବୋଲି ସେ କହିଛନ୍ତି। ଆମେରିକା ବିରୋଧରେ ଖୱାଜା ଆସିଫଙ୍କ ଏଭଳି ରୋଚକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଂଲାଦେଶକୁ ଆମେରିକା ହାତରେ ଟେକିଦେଇଛନ୍ତି ୟୁନୁସ୍ : ହାସିନା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ନେଇ ଏବେ ରାଜନୈତିକ ଦୃଶ୍ୟପଟ୍ଟରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ବାଂଲାଦେଶ ସେନା ମୁଖ୍ୟ ୱାକର ଜମାନ ୟୁନୁସ୍ ବିରୋଧୀ ହୋଇ ପଡ଼ିଥିଲା ବେଳେ ଅନ୍ୟପଟେ ନିର୍ବାଚନ ହେଉ ନଥିବାରୁ ବହୁ ରାଜନୈତିକ ଦଳ ୟୁନୁସ୍ଙ୍କ ଆଭିମୁଖ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ୟୁନୁସ ବାଂଲାଦେଶକୁ ଆମେରିକା ହାତରେ ବିକ୍ରି କରିଦେବାକୁ ଯୋଜନା କରିଛନ୍ତି ବୋଲି ହସିନା କହିଛନ୍ତି। ହସିନା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ, 'ୟୁନୁସ୍ କଠୋରପନ୍ଥୀ ସଂଗଠନଗୁଡିକୁ ହାତ କରି କ୍ଷମତା ଦଖଲ କରିଛନ୍ତି। ଏପରିକି ଯେଉଁସବୁ ସଂଗଠନଗୁଡିକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ସେମାନଙ୍କୁ ହାତ ବାରିସି କରି ୟୁନୁସ୍ ବାଂଲାଦେଶ କ୍ଷମତା ହାସଲ କରିବା ସହିତ ବର୍ତ୍ତମାନ ସେମାନଙ୍କ ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ବିଦେଶୀ ସହାୟତା ମଧ୍ୟ ପାଉଛନ୍ତି। ଯେଉଁ କଠୋରପନ୍ଥୀ ସଂଗଠନ ଠାରୁ ଆମେ ବାଂଲାଦେଶର ଲୋକଙ୍କୁ ସୁରକ୍ଷା ଦେଇ ଆସିଥିଲୁ ୟୁନୁସ୍ ବର୍ତ୍ତମାନ ସେସବୁ ଗୋଷ୍ଠୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ସଂଗଠନର ବହୁ ନେତାଙ୍କୁ ଆମ ସରକାର ଗିରଫ କରିଥିଲା। କିନ୍ତୁ ୟୁନୁସ୍ ସରକାର ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁକ୍ତ କରି ସେମାନଙ୍କୁ ହାତ ବାରିସି କରି ଶାସନ ଚଳାଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଙ୍ଗୀୟ ଜାତିର ମୁକ୍ତି ସଂଗ୍ରାମ ଏବଂ ସମ୍ବିଧାନକୁ ନେଇ ବାଂଲାଦେଶ ବହୁତ କିଛି ହାସଲ କରିଥିଲା। ହେଲେ ସେସବୁକୁ କ୍ଷୁଣ୍ଣ କରାଯାଇ ଏବେ କାର୍ଯ୍ୟ କରାଯାଉଛି। ୟୁନୁସ ଦେଶର ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ବୋଲି ହସିନା କହିଛନ୍ତି।



## କଣ୍ଡୋମ୍ ଲଗାଇ ସୁନା ଚାଲାଣ

ମୁରାଦାବାଦ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶ ମୁରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏନ୍‌କାଉଣ୍ଟର ପରେ ଦୁବାଇରୁ ସୁନା ଚୋରା ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଅପହରଣକାରୀଙ୍କ କବ୍‌ଜାରୁ ମୁକ୍ତ କରି ମୁରାଦାବାଦ ପୁଲିସ ଗିରଫ କରିଛି। ଯଦି ପୁଲିସ ପହଞ୍ଚିବାରେ ସାମାନ୍ୟ ବିଳମ୍ବ କରିଥାଆନ୍ତା ତେବେ ଜାଲ୍ ସୀମାଶୁଳ୍କ ଅଧିକାରୀ ହୋଇ ଆସିଥିବା ଅପହରଣକାରୀ ସୁନା ବାହାର କରିବା ପାଇଁ ଏହି ୬ ଜଣଙ୍କ ପେଟ ଚିରି ଦେଇଥାନ୍ତେ। ପୁଲିସ ୨ ଅପହରଣକାରୀଙ୍କୁ ଗୁଳି କରି ଧରିଥିଲା।

ମୁରାଦାବାଦ ଏସଏସ୍‌ପି ସତପାଲ ଅନ୍ତିଲ କହିଛନ୍ତି ଯେ ୪ ଚୋରା ଚାଲାଣକାରୀଙ୍କ ପେଟ ଏବଂ ଗୁପ୍ତାଙ୍ଗରୁ ୨୯ଟି ସୁନା କ୍ୟାପସୁଲ ଜବତ କରାଯାଇଛି। ଏମାନେ ଗୁପ୍ତାଙ୍ଗରେ କଣ୍ଡୋମ

**୬ ଜଣଙ୍କୁ ଗିରଫ କଲା ପୁଲିସ**

ଲଗାଇ ସୁନା ଚାଲାଣ କରୁଥିଲେ। ଜବତ ସୁନାର ଓଜନ ପ୍ରାୟ କେଜିଏ ହେବ। ଏହି ଗ୍ୟାଙ୍ଗରେ ସାମିଲ ଅନ୍ୟମାନଙ୍କୁ ମଧ୍ୟ ଟ୍ରେସ କରାଯାଉଛି। ସାଉଦିରୁ ସୁନା ଲୁଚାଇ ଆଣୁଥିବା ଏହି ଗ୍ୟାଙ୍ଗ ଦୀର୍ଘ ଦିନ ହେଲା ରାମପୁରର ଟାଣ୍ଡା ଅଞ୍ଚଳରେ ସକ୍ରିୟ ରହିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଟାଣ୍ଡା ବାଦଲି ଅଞ୍ଚଳର ମହମ୍ମଦ ମୁତଲିବ, ଅଜହରୁଦ୍ଦିନ, ସାନେ ଆଲମ ଏବଂ ଜୁଲଫିକର ଅଲି ଦୁବାଇରୁ ମୁମ୍ବାଇ ବିମାନରେ ଆସିଥିଲେ। ପରେ ଏଠାରୁ ବିମାନରେ ଦିଲ୍ଲୀ ଯାଇଥିଲେ। ସେହିପରି ନାଭେଦ ଏବଂ ଜାହିଦ ଅଲ୍ଲୀ ସିଧା ଦୁବାଇରୁ ଦିଲ୍ଲୀରେ ପହଞ୍ଚି ଥିଲେ। ସମସ୍ତେ ଦିଲ୍ଲୀ ବିମାନବନ୍ଦରରେ ଏକାଠି ହୋଇଥିଲେ। ପୂର୍ବରୁ ଏମାନେ ସୁନା ଚୋରା ଚାଲାଣ କରୁଥିବାର ସୂଚନା କିଛି ଲୋକ ପାଇଥିଲେ। ସେମାନେ ଜାଲ୍ ଶୁଳ୍କ ଅଧିକାରୀ ଭାବେ ଏହି ୬ ଜଣଙ୍କୁ ଧରି ଅପହରଣ କରି ଜଙ୍ଗଲକୁ ନେଇଥିଲେ। ମାତ୍ର ସେଠାରେ ପୁଲିସ ପହଞ୍ଚି ଯାଇଥିଲା।



# ଦିଲ୍ଲୀରେ ପ୍ରବଳ ବର୍ଷା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବଜ୍ରପାତ ସାଧାରଣ ଜନଜୀବନକୁ ଭାରୀ ମାତ୍ରାରେ ପ୍ରଭାବିତ କରିଛି। ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ଦିଲ୍ଲୀ ଏବଂ ଏନସିଆରର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ-୧ର ଏକ କାନୋପି( ଟେନସାଇଲ ଫାବ୍ରିକ ଛାତ) ଖସି ପଡ଼ିବାରୁ ବିମାନ ବନ୍ଦର ସେବା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିମାନ ବନ୍ଦର ବାହାରେ ଲାଗିଥିବା କାନୋପିଗୁଡିକରେ ପାଣି ଜମା ହୋଇଯାଇଥିଲା। ଫଳରେ ଗୋଟିଏ କାନୋପି ଖସି ପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବହୁ ବିମାନ ଉଡାଣରେ ବିଳମ୍ବ ଘଟିଛି। ଯାହାକୁ ନେଇ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସିରହିବାକୁ ବାଧ୍ୟ ହୋଇଥିଲେ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀର ପ୍ରବାହ ଶୀଘ୍ର ହେବା ସହିତ ମୌସୁମୀ କେରଳ ଉପକୂଳ ଛୁଇଁବା ପରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ବର୍ତ୍ତମାନ ଏହା ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର କିଛି ଭାଗ ଛୁଇଁସାରିଥିଲା ବେଳେ ଆଉ କିଛି ଘଣ୍ଟା ମଧ୍ୟରେ ମୌସୁମୀ ମୁମ୍ବାଇ ସମେତ ଗୋଆ, କର୍ଣ୍ଣାଟକ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଉ କିଛି ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଥିବାରୁ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ପାର୍ବତ୍ୟପୂର୍ଣ୍ଣ ଜିଲ୍ଲାଗୁଡିକରେ ପ୍ରବଳ ପବନ ସହିତ ଧୂଳିଝଡ଼ ଏବଂ ବର୍ଷା ସମ୍ଭାବନା ଥିବାରୁ ଏଠାରେ ମଧ୍ୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

**ଏନ୍‌ସିଆର ସମେତ ବହୁ ଅଞ୍ଚଳ ଜଳମଗ୍ନ**

**ଖସିପଡ଼ିଲା ଆନ୍ତର୍ଜାତିକ ବିମାନ ବନ୍ଦର କାନୋପି**

## ବିଏଲ୍‌ଏ ଆକ୍ରମଣରେ ୩୨ ପାକିସ୍ତାନୀ ଯବାନ ନିହତ

କ୍ୱେଟା,୨୫।୫(ଏଜେନ୍ସି): ପାକିସ୍ତାନ ସେନା ଉପରେ ବେଲୁଚିସ୍ତାନ ଲିବରେସନ ଆର୍ମି( ବିଏଲଏ)ର ସାନି ଆକ୍ରମଣ ଘଟଣାରେ ପାକିସ୍ତାନ ସେନାର ୩୨ ଯବାନ ନହିତ ହେବା ସହିତ ୩ ଗାଡି ଧ୍ୱଂସ ହୋଇଯାଇଛି। କରାଚି-କ୍ୱେଟା ଜାତୀୟ ରାଜପଥର ଖୁଜଦାରର ଜିରୋ ପଏଣ୍ଟ ନିକଟରେ ବିଏଲଏ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବହୁ ସଂଖ୍ୟକ ଯବାନଙ୍କୁ ନେଇ ପାକିସ୍ତାନ ସେନାର ଏକ ମୋଟର କେଡ୍ ଯାଉଥିଲା ବେଳେ ଏହି ସମୟରେ ବିଏଲଏ ପକ୍ଷରୁ 'ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ 'ଦ୍ୱାରା ଆକ୍ରମଣ କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଏକ କାର୍ ଏହି ମୋଟରକେଡ୍ ଉପରେ ମାଡ଼ ହେବା ଦ୍ୱାରା ପାକ୍ ସେନାର ୩ ଗାଡିରେ ବିସ୍ଫୋରଣ ଘଟି ସେଗୁଡିକ ଧ୍ୱଂସ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିବା କୁହାଯାଇଛି। ନିକଟରେ ପାକ୍ ସେନା ଜଣେ ବରିଷ୍ଠ ବଲୁଚ ସାମ୍ବାଦିକଙ୍କୁ ହତ୍ୟା କରିଥିଲା। ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଏଲଏ ଲଗାତାର ଭାବେ ପାକ୍ ସେନକୁ ଟାର୍ଗେଟ କରି ଆକ୍ରମଣ ଚଳାଇଛି।

## ୟୁକ୍ରେନ୍ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ

କିଭ୍,୨୫।୫(ଏଜେନ୍ସି): ୟୁକ୍ରେନର କିଭ୍ ସମେତ ଅନ୍ୟ ପ୍ରମୁଖ ସହର ଉପରେ ରୁଷ ଗତକାଲି ଆରମ୍ଭ କରିଥିବା ଆକ୍ରମଣକୁ ଆହୁରି ତୀବ୍ର କରିଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୩୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଯାହାକି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ତିନି ଶିଶୁଙ୍କ ସମେତ ୩୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଥିବା ୟୁକ୍ରେନ ଆଭ୍ୟନ୍ତରୀଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ରୁଷ ଅତ୍ୟନ୍ତ ଅମାନବୀୟ ଭାବେ ୟୁକ୍ରେନର ଜନବସତି ଉପରେ ଯେଭଳି ଆକ୍ରମଣ ଚଳାଇଛି ତାହାକୁ ତୁରନ୍ତ ରୋକାଯିବା ଦରକାର ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା ସତ୍ତ୍ୱେ ରୁଷ ଆକ୍ରମଣ ବନ୍ଦ କରୁନାହିଁ। ତେବେ ଆମେରିକାର ନିରବତା ରୁଷକୁ ଆକ୍ରମଣ ପାଇଁ ଖୋରାକ୍ ଯୋଗାଉଛି ବୋଲି ଜେଲେଁସ୍କି କହିଛନ୍ତି।

**୩୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼; ୩୬ ମୃତ**



## ବୁଡ଼ିଯାଇଥିବା ଜାହାଜରୁ ଲିକ୍ ହେଉଛି ପ୍ରଚୁର ତେଲ

ତିରୁଅନନ୍ତପୁରମ୍,୨୫।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତକାଲି ବୁଡିବାକୁ ଆରମ୍ଭ କରିଥିବା ଲାଇବେରିଆ ପଣ୍ୟବାହୀ ଜାହାଜ ରବିବାର ସମ୍ପୂର୍ଣ୍ଣ ବୁଡି ଯାଇଛି। ଏହାଦ୍ୱାରା ଏହି ଜାହାଜରେ ରହିଥିବା କିଛି ବିପଦପୂର୍ଣ୍ଣ କଣ୍ଟେନର ସମେତ ଏଥିରୁ ବିପୁଳ ପରିମାଣରେ ନିର୍ଗତ ହେଉଥିବା ତୈଳ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେରଳ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜାହାଜରେ ରହିଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ।



KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf
Among Indian Universities Ranked by NIRF, Govt. of India

A++ Grade
Accredited by NAAC

Tier 1 NBA
Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in

Last Date to Apply 4th June 2025
No Examination Fee (Computer-Based Test)

KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET ACCREDITED PROGRAMME The Institution of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-327 ◆BHUBANESWAR ◆MONDAY ◆26 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ସୋମବାର ◆୨୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଭାଙ୍ଗିବ ଗରିବଙ୍କ ଘର ସ୍ୱପ୍ନ

## ରାଜ୍ୟକୁ 'ଆବାସ' ଅନୁଦାନ ୩୪୮୫ କୋଟି ହ୍ରାସ

■ ଭୁବନେଶ୍ୱର, ୨୫।୫ (ସମିସ): ରାଜ୍ୟରେ କେହି ଜଣେ ବି ଲୋକ କଚ୍ଚା ଘରେ ରହିବେ ନାହିଁ ଓ ବର୍ଷକ ମଧ୍ୟରେ ସବୁ କଚ୍ଚାଘର ପକ୍କା କରାଯିବ ବୋଲି ନିର୍ବାଚନ ସମୟରେ ବିଜେପି ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ଲକ୍ଷଲକ୍ଷ ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ; ଫନି ପ୍ରଭାବିତ ଉପକୂଳ ଓଡ଼ିଶାର ହଜାର ହଜାର ପରିବାର ଏବେ ବି ପକ୍କା ଘରପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ସମୟରେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କୁ କରିଥିବା ପ୍ରତାରଣାର ଆଉ ଏକ ଛବି ପଦାକୁ ଆସିଛି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡ଼ବଲ ଅନୁଦାନ ଆଣିବା ପରିବର୍ତ୍ତେ ଡବଲ ପ୍ରତାରଣା ଦେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଗ୍ରାମୀଣ ଓ ସହରାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ପ୍ରତାରିତ ହୋଇଛନ୍ତି। ତତ୍‌କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶା କେନ୍ଦ୍ରରୁ ଯେତିକି ଅନୁଦାନ ପାଇଥିଲା, ଏବେ ବିଜେପି ସରକାର ତାହାର ଏକ ଚତୁର୍ଥାଂଶରୁ କମ୍ ଅନୁଦାନ ଆଣିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷରେ ରାଜ୍ୟ ସରକାର କେବଳ 'ଆବାସ' ଯୋଜନାରେ ୩୪୮୫ କୋଟି ଟଙ୍କା କମ୍ ଅନୁଦାନ ପାଇଛି।

- ୨୦୨୩-୨୪ରେ ମିଳିଥିଲା ୪୩୧୦ କୋଟି ଟଙ୍କା
- ୨୦୨୪-୨୫ରେ ମିଳିଛି ମାତ୍ର ୮୨୫ କୋଟି ଟଙ୍କା
- ଗରିବଙ୍କ ଘର ପାଇଁ ସରକାରଙ୍କ ପାଖରେ ନାହିଁ ପାଣ୍ଠି

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟର ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଥାଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଅନ୍ତି ଓ ରାଜ୍ୟ ସରକାର ନିଜ ଅଂଶ ପ୍ରଦାନ କରି ଲୋକଙ୍କୁ ଘର ପ୍ରଦାନ କରିଥାଆନ୍ତି। ତତ୍‌କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ▶ପୃଷ୍ଠା-୭

**ବାଲେଶ୍ୱରରେ ଲଜ୍ଜା।**

## ସାତ ଦିନରେ ୨ ଦୁଷ୍କର୍ମ

- ଦୁଷ୍କର୍ମ ପରେ ଜଣେ ନାବାଳିକାଙ୍କୁ ହତ୍ୟା
- ମାନସିକ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ
- ବିବାହିତାଙ୍କୁ ମାଡ଼ ସହ ଦୁଷ୍କର୍ମ ଉଦ୍ୟମ

■ ବାଲେଶ୍ୱର(ଉତ୍ତର)/ଜଳେଶ୍ୱର ବ୍ଲକ, ୨୫।୫ (ସମିସ): ରାଜ୍ୟରେ ଶାସନ ବ୍ୟବସ୍ଥା ହୁଗୁଳିଛି। ବିଭିନ୍ନ ସ୍ଥାନରେ ହତ୍ୟା, ଧର୍ଷଣ, ଚୋରି, ରାହଜାନି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ସପ୍ତାହ ମଧ୍ୟରେ ଭୋଗରାଇ ଏବଂ ଜଳେଶ୍ୱର ଅଞ୍ଚଳରେ ଦୁଇ ନାବାଳିକା ସହ ଜଣେ ବିବାହିତ ମହିଳାଙ୍କ ଦୁଷ୍କର୍ମ ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ଅଞ୍ଚଳରେ ଜନୈକା ମାନସିକ ବିକୃତ ୧୪ ବର୍ଷର ନାବାଳିକା ଗତ ଶୁକ୍ରବାର ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଶ୍ରମିକ ମୃତ

■ ଯଖପୁରା, ୨୫।୫ (ସମିସ): ଯାଜପୁର ଜିଲ୍ଲା ଯଖପୁରା ରେଳ ଡିଭିଜନରେ ରେଳ କେବୁଲ ଲାଇନ୍ ବିଛାଉଥିବା ବେଳେ କେନ୍ଦୁଡିପ ଲେବୁଲକ୍ରସିଂ ନିକଟରେ ପଛ ପଟୁ ଟ୍ରେନ ଧକ୍କା ଦେବାରୁ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲ୍ଲା କୁନାରପୁର ଗ୍ରାମରେ। ଦୁଇ ମୃତ ଶ୍ରମିକ ହେଲେ ଲାଲୁ ଦିଗାର (୪୫) ଓ ସାଖର ଦିଗାର (୩୫) ବୋଲି ଜଣାପଡିଛି। ୧୦ରୁ ୧୨ ଜଣ ▶ପୃଷ୍ଠା-୭


# ସାଇକୃପା କଲେଜ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର

## ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ୮ ପରୀକ୍ଷାର୍ଥୀ

STATE RANK 13


SUBHASHREE(BABANDHA)

STATE RANK 19


PRIYANKA (SANTHASARA)

STATE RANK 21


PADMINI (BHUBAN)

STATE RANK 22


AMRUTANSU- ACHALAKOTE

STATE RANK 25


AKASH (KUTURIA)



MUKESH (MAHULPAL, BBN)

CHSE RESULT -2025
1ST DIVISION -109/129
ABOVE 90% - 08Nos.
ABOVE 500 - 27Nos.
ABOVE 80% - 42Nos.



SHUBHAM (BANASINGH)



ANSHUMAN (KUTURIA)

100 Marks in MATH-18, CHEM-11, PHY- 09
ENG 97 Mark- 3nos

ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ

| Roll No. | Applicant Name | +2 % | 10th % |
|---|---|---|---|
| 350DB004 | SUBHASHREE BISWAL | 95.17 % | 84 % |
| 350DB008 | PRIYANKA PRIYA. BISWAL | 94.17 % | 82.5 % |
| 350DB002 | PADMINI MAHARANA | 92.33 % | 87.5 % |
| 350DB054 | AMRUTANSHU ROUT | 92.17 % | 76 % |
| 350DB005 | AKASH SAHU | 91 % | 84 % |
| 350DB080 | MUKESH OJHA | 91 % | 63.83 % |
| 350DB011 | SHUBHAM HATI | 90.5 % | 81.67 % |
| 350DB016 | ANSHUMAN SAHOO | 90.17 % | 80 % |
| 350DB091 | GYANAMANGALAM | 87.83 % | 71 % |
| 350DB015 | MONALISHA SAHOO | 86.83 % | 72 % |
| 350DB089 | LARENS SAHU | 85.33 % | 71 % |
| 350DB012 | SOUMYADEEP BEHERA | 85.17 % | 73.5 % |
| 350DB120 | JIBANTOSH MUDULI | 85 % | 68.83 % |
| 350DB060 | RUDRA NARAYAN RAJ | 84.67 % | 70.14 % |
| 350DB024 | BIKASH RANA | 84.33 % | 71.12 % |
| 350DB007 | MAHENDRA SAMAL | 83.5 % | 72.72 % |
| 350DB030 | SAGAR BEHERA | 83.33 % | 71.68 % |
| 350DB074 | BARSARANI SAHOO | 83.33 % | 73.84 % |



GYANAMANGALAM (GENGUTIA)



MONALISHA (SANKULEI)



SUBHASMITA (TARAVA)



LARENS (BUHALIPAL)



SUBHALAXMI (BELTIKIRI)




SOUMYADEEP( BABANDHA)



JIBANTOSH(GOVINDPUR)



RUDRA (BANASINGHA)



BIKASH (BHUBAN)



SAGAR (NIMABAHALI)



MAHENDRA (KURUMITHA)



BARSHARANI(SANKARPUR)

NEET, JEE-MAIN
by experts form KOTA

AT.: DHENKANAL / M- 9437799193, 9437027391,8917381641

# ବନ୍ଦ ପଡ଼ିଛି 'ଆମର୍ ପସରା'

## ଜଙ୍ଗଲଜାତ ଦ୍ରବ୍ୟ ପାଇଁ ବଜାର ବ୍ୟବସ୍ଥାର ମାଧ୍ୟମ ଥିଲା

**ବଲାଙ୍ଗିର, ୨୫।୫(ସମିସ)**




ବନ ସୁରକ୍ଷା ସମିତି (ଭିଏସ୍ଏସ) ଦ୍ୱାରା ପ୍ରସ୍ତୁତ ଜଙ୍ଗଲଜାତ ସାମଗ୍ରୀକୁ ବଜାର ବ୍ୟବସ୍ଥା ଯୋଗାଇ ଦେବାପାଇଁ ବନବିଭାଗର ସହାୟତାରେ ଏକ ସୁନ୍ଦର ପ୍ରଚେଷ୍ଟା କରାଯାଇଥିଲା। ହେଲେ କିଛି ମାସ ଚଳାଇବା ପରେଏବେ ତାହା ବନ୍ଦ ପଡ଼ିଛି। କାହିଁକି ବନ୍ଦ ହେଲା ଏ ସମ୍ପର୍କରେ ବନବିଭାଗ ଜାଣିନଥିବା ବେଳେ 'ଆମର୍ ପସରା' ପରିଚାଳନା ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟକ ଦଳର ମହିଳାମାନେ ଏଥିପାଇଁ ଦାୟୀ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଜଙ୍ଗଲ ସୁରକ୍ଷା ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା 'ଆମର୍ ପସରା'। ସ୍ଥାନୀୟ ଭାଗିରଥୀ ଛକ ସ୍ଥିତ ବନଖଣ୍ଡ ଅଧିକାରୀଙ୍କ ପୁରୁଣା କାର୍ଯ୍ୟାଳୟ ଠାରେ ଏହା ଆରମ୍ଭ କରାଯାଇଥିଲା। ପୂର୍ବତନ ବନଖଣ୍ଡ ଅଧିକାରୀ ନିତୀଶ କୁମାରଙ୍କ ପ୍ରଚେଷ୍ଟାରେ ଏହି ଷ୍ଟଲ ଆରମ୍ଭ କରାଯାଇଥିବା ବେଳେ ବଲାଙ୍ଗିର ସଦର ବ୍ଲକ ସ୍ୱୟଂ ସହାୟକ ମହିଳା ମହାସଂଘର ସମ୍ପାଦିକା ସୁରୁସୂତା ବାଗ ଓ ତାଙ୍କର ନେତୃତ୍ୱଧୀନ ଦଳ ଏହାର ପରିଚାଳନା ଦାୟିତ୍ୱ ନେଇଥିଲେ। ସକାଳୁ ସକାଳୁ ବିଭିନ୍ନ ପ୍ରକାର ଜଳଖିଆ ମିଳୁଥିଲା। ଏହା ସହିତ ଜଙ୍ଗଲଜାତ ଦ୍ରବ୍ୟ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୀ କରାଯାଉଥିଲା। ମହିଳାମାନଙ୍କ ହାତ ତିଆରି ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଲୋକେ ବେଶ ପସନ୍ଦ କରୁଥିଲେ। କିନ୍ତୁ ଏହି ଷ୍ଟଲ ଚାଲିବାର ମାତ୍ର ତିନି ଚାରି ମାସ ପରେ ଏହାକୁ ବନ୍ଦ କରିଦିଆଗଲା। ବର୍ତ୍ତମାନ ସେଠାରେ ଖାଲି ଷ୍ଟଲ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଷ୍ଟଲ କାହିଁକି ବନ୍ଦ ହେଲା ସେ ସମ୍ପର୍କରେ ବନବିଭାଗ ଜାଣିନି। ବନବିଭାଗର ସହାୟତାରେ ଯେଉଁ ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନେ ତାଙ୍କୁ ଆଉ

**୩/୪ ମାସ ଚାଲିବା ପରେ ବନ୍ଦ ପଡ଼ିଛି ଷ୍ଟଲ**

ଯୋଗାଯୋଗ କରୁନାହାନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ ମହିଳା ଗୋଷ୍ଠୀ ବଲାଙ୍ଗିର ବସ ଟର୍ମିନାଲରେ ଥିବା କାଫେ ଓ ମିଲ ସେଣ୍ଟର ଚଳାଉଥିବାରୁ ଆମର୍ ପସରା ପ୍ରତି ଧ୍ୟାନ ଦେଉନଥିବା କୁହାଯାଉଛି। ତୁରନ୍ତ ଏହାକୁ ଖୋଲିବାକୁ ଦାବି ହେଉଛି।

### ଚୁଲିଫୁଙ୍କା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ନିମ୍ନମାନର ନିର୍ମାଣ ଅଭିଯୋଗ






**କଣ୍ଟାବାଞ୍ଜି, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକରେ ଅବସ୍ଥିତ ଚୁଲିଫୁଙ୍କା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ୨୦୨୪-୨୫ କ୍ରିଟିକାଲ୍ ଗ୍ରାଣ୍ଟ ଅଧୀନରେ ପ୍ରକଳ୍ପକୁ ଉନ୍ନତ କରାଯାଉଛି, କିନ୍ତୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଏବଂ ସ୍ଥାୟୀତ୍ୱ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ନିର୍ମାଣ କାର୍ଯ୍ୟର ଯାଞ୍ଚରୁ ଜଣାପଡ଼ିଲା ଯେ, ବିଶେଷକରି ଗାଧୋଇବା ସିଡ଼ି ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ସ୍ଥାନୀୟ ଲୋକମାନେ ପ୍ରଶାସନକୁ ଏହି ଘଟଣାର ତଦନ୍ତ କରି ଦାୟୀ ନିର୍ମାଣ ସଂସ୍ଥା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛନ୍ତି।ଅଭିଯୋଗର ତଦନ୍ତ କରି ପ୍ରକଳ୍ପଟି ଆବଶ୍ୟକୀୟ ମାନଦଣ୍ଡ ପୂରଣ କରୁଛି କି ନାହିଁ ତାହା ନିଶ୍ଚିତ କରିବାକୁ ସ୍ଥାନୀୟ ଲୋକମାନେ ପ୍ରଶାସନକୁ ଅନୁରୋଧ କରୁଛନ୍ତି।

# ପୁଇଁତଲା ଗ୍ରାମର ବାବା ବଟୁକ ଭୈରବ

**ବଲାଙ୍ଗିର, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧିନସ୍ଥ ପୁଇଁତଲା ଗ୍ରାମରେ ରହିଛି ବାବା ବଟୁକ ଭୈରବଙ୍କ ମନ୍ଦିର। ବଲାଙ୍ଗିର ସଦର ମହକୁମା ଠାରୁ ମାତ୍ର ତିନି କିମି ଦୂରରେ ମନ୍ଦିର ଅବସ୍ଥିତ। କୁହାଯାଏ ବାବା ବଟୁକ ଭୈରବ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା। କାହିଁ କେଉଁ କାଳରୁ ପୁଇଁତଲା ଗ୍ରାମରେ ଆବିର୍ଭାବ ହୋଇ ପୂଜା ପାଇଆସୁଛନ୍ତି। ଏହି ମନ୍ଦିର ଯେତେ ପୁରୁଣା ତାର କାହାଣୀ ମଧ୍ୟ ସେତେ ରୋଚକ ଅଟେ। ଗ୍ରାମବାସୀଙ୍କ କହିବା



ଅନୁସାରେ ମନ୍ଦିର ଅତ୍ୟନ୍ତ ପୁରୁଣା ହୋଇଥିବାରୁ ମନ୍ଦିର ସମ୍ପର୍କରେ ସଠିକ ତଥ୍ୟ ଦେବା କଷ୍ଟକର। କିନ୍ତୁ ଯେଉଁ ପୂଜାରୀ ପରିବାର ବାବା

**'ମୋ ଗାଁ ମୋ ମନ୍ଦିର'**

ବଟୁକ ଭୈରବଙ୍କ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି ତାଙ୍କର ୭/୮ ପିଢୀ ଧରି ସେମାନେ ବାବାଙ୍କ ସେବାୟତ ଭାବରେ ରହିଆସୁଛନ୍ତି। ଏଥରୁ ମନ୍ଦିର କେତେ ପୁରୁଣା ସେ ସମ୍ପର୍କରେ ଅନୁମାନ କରାଯାଇପାରେ। ବାବା ବଟୁକ ଭୈରବ ପ୍ରତ୍ୟକ୍ଷ ଦେବତା ଅଟନ୍ତି ବୋଲି ବିଶ୍ୱାସ କରାଯାଏ। ଯିଏବି ବାବାଙ୍କ ନିକଟକୁ ଯାଇଛି କେବେ ଖାଲି ହାତରେ ଫେରେ ନାହିଁ। ଭକ୍ତଙ୍କ ମନୋବାଞ୍ଛା ପୂରଣ କରୁଥବାରୁ ଦୂରଦୂରାନ୍ତରରୁ ବାବାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନ ହୁଏ ବୋଲି କୁହାଯାଏ। ଏଠାରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଏ। ବଲାଙ୍ଗିର ସହରର ଅନତୀ ଦୂରରେ ଏଭଳି ଏକ ପ୍ରସିଦ୍ଧ ମନ୍ଦିର ରହିଥିଲେ ହେଁ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏହି ମନ୍ଦିରର ବିକାଶ କରାଯାଇପାରିଲେ ମନ୍ଦିର ଆହୁରି ପ୍ରସିଦ୍ଧ ହେବା ସହିତ ଭକ୍ତ ଆଗମନର ସଂଖ୍ୟା ବଢ଼ି ପାରନ୍ତା।

# ଲଣ୍ଡନ ଗଲା ଟିଟିଲାଗଡ଼ର ଆମ୍ବ

**ପାଟଣାଗଡ଼, ୨୫।୫(ସମିସ):** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଯୁଗାନ୍ତକାରୀ ପଦକ୍ଷେପକ୍ରମେ ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ଆମ୍ବ ପ୍ରଥମ ଥର ପାଇଁ ଲଣ୍ଡନ ରପ୍ତାନୀ



ହୋଇଛି।ସ୍ଥାନୀୟ ଦେଶିଲ ସ୍ଥିତ ଆଶା କାର୍ଯ୍ୟାଳୟ ପରିସରରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସବୁଜ ପତକା ଦେଖାଇ ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରୁ ସଡକ ପଥରେ ୩୦କୁଇଣ୍ଟାଲ ଆମ୍ବ କଲିକତା ଯାଇ ସେଠାରୁ ବିମାନ ଯୋଗେ ଲଣ୍ଡନ ରପ୍ତାନି ହେବ। ୨୦କୁଇଣ୍ଟାଲ ଆମ୍ବ ଦିଲ୍ଲୀ ମଦର ଡ଼ାଇରୀକୁ ଆଜି ସମତା ଏକ୍ସପ୍ରେସ୍ ଯୋଗେ ରପ୍ତାନି ହୋଇଛି। ସରକାରୀ ସ୍ତରରେ ନାବାର୍ଡ, ଓରମାସ, ଏପେଡ଼ା, ଉଦ୍ୟାନ କୃଷି ବିଭାଗ, ପାଲାଡିୟମ ତଥା ଆଶା ସଂସ୍ଥାର ପ୍ରୋତ୍ସାହନରେ ସ୍ଥାନୀୟ ଜାଡେନ ଏଫପିଓ, କୃଷକ ଉନ୍ନୟନ, ଫାର୍ମିଙ୍ଗ ଏଣ୍ଡ ନନଫାର୍ମିଙ୍ଗ ସଂସ୍ଥା ବଲାଙ୍ଗିରଙ୍କ ଉଦ୍ୟମକ୍ରମେ ଚାଷୀଙ୍କ ଆମ୍ବ ଉଚିତ ମୂଲ୍ୟରେ ଖରିଦି ସହ ବାହାରକୁ ରପ୍ତାନୀ ଉତ୍ସାହ ସୃଷ୍ଟି କରିଛି ବୋଲି କାର୍ଯ୍ୟକ୍ରମର ସଂଯୋଜକ ଟିଟିଲାଗଡ଼ ଉଦ୍ୟାନ କୃଷି ବିଭାଗ ସହକାରୀ ଉପନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ କହିଛନ୍ତି। ଏହି ଐତିହାସିକ ମୁହୂର୍ତ୍ତରେ ନାବାର୍ଡ ବଲାଙ୍ଗିର ଡ଼ିଡ଼ିଏମ ବିବେକ ନାୟକ, ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ, ଉଦ୍ୟାନ କୃଷି ଅଧିକାରୀ ବଙ୍ଗୋମୁଣ୍ଡା ସୁନିଲ ମାଝୀ, ମୁରିବାହାଲ ମନବୋଧ ମାଝୀ, ତୁରେକେଲା ତ୍ରିଜକ ଦାଶ, ଜାଡେନ ଏଫପିଓ ଅଧକ୍ଷା ମଧୁମିତା ପଟ୍ଟନାୟକ, ଏମଡି ପ୍ରକାଶ ଉପାଧ୍ୟାୟ, କୃଷକ ଉନ୍ନୟନ ଅଧକ୍ଷ ଗୁପ୍ତେଶ୍ୱର ମାଝୀ, ଫାର୍ମିଙ୍ଗ ଏଣ୍ଡ ନନଫାର୍ମିଙ୍ଗ ସିଇଓ ସୁଖଦେବ ଦାଶ ପ୍ରମୁଖ ସାମିଲ ହୋଇଥିଲେ।ବିନୟ ମହାପାତ୍ର, ମାନସ ପଟ୍ଟନାୟକ, କୁଶ ସାହୁ, ସରୋଜ ସାହୁ, ଅରବିନ୍ଦ ରଣା, ମିଲି ପଟ୍ଟନାୟକ, ଚିତ୍ତ ନାଗ, ଅଜିତ ତରିଆ, ପ୍ରୀୟଦର୍ଶୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ପାଟଣାଗଡ଼, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣଗଡ଼ ଥାନା ମରୁଆଁ ଗାଁରେ ପୋଖରୀରେ ବୁଡି ଜଣେ ନାବାଳକର ମୃତ ହୋଇଛି। ମୃତ ନାବାଳକ ଉକ୍ତ ଗାଁର ପ୍ରଜ୍ଞା ସାହୁ (୯)। ସୂଚନା ଅନୁସାରେ ରବିବାର ସକାଳୁ ପ୍ରଜ୍ଞା ଗାଁ ମୁଣ୍ଡର ଅନିତ ଦୂରରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ଗାଁର ଲୋକମାନେ ସେଠାକୁ ଯିବାବେଳେ ପ୍ରଜ୍ଞା ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ। ପରେ ଗାଁ ଲୋକେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଆସି ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣାଗଡ଼ ଉପଖଣ୍ଡଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାଟଣାଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରଖିଛି।

# ଡିଏଭି କଲେଜର ତଥ୍ୟ ସଂଗ୍ରହ କଲା 'ନାକ୍'



**ଟିଟିଲାଗଡ଼, ୨୫।୫(ସମିସ):** ଟିଟିଲାଗଡ଼ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନାକ କମିଟି ଦୁଇ ଦିନିଆ ଆଭାସି ପରିଦର୍ଶନ ସହ ତନ୍ନ ତନ୍ନ କରି ମହାବିଦ୍ୟାଳୟର ବିବରଣୀ ସଂଗ୍ରହ କରିଛନ୍ତି।କମିଟିର ସଂଯୋଜକ ଡ଼.ନିଲୁ ସୁଦ, ଡ଼. ଟଗରଲାଲ ଖାନ, ଡ଼. ପଲନ୍ୟୁମେନ ତାଙ୍କ ପରିଦର୍ଶନ ସମୟରେ ଡ଼ିଏଭି ମହାବିଦ୍ୟାଳୟ ଅଧକ୍ଷ ଡ଼. ପ୍ରଣବ କିଶୋର ପୁରୋହିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଆରକ୍ୟୁଏସି ସଂଯୋଜିକା ସସ୍ମିତା ପାଣିଗ୍ରାହୀ, ନାକ ଟିମ୍ ସଂଯୋଜକ ଅରୁଣ ପ୍ରଧାନ, ପ୍ରଶାସନିକ ପ୍ରମୁଖ ବିଧାନ ଚନ୍ଦ୍ର ମିଶ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ପରୀକ୍ଷା ସମୂହ ନିୟନ୍ତ୍ରକ, ଆଇସିଟି, କ୍ରୀଡା ଅଧିକାରୀ ପ୍ରଶିକ୍ଷକ, ପୁରାତନ ଛାତ୍ର ସଂସଦ, ପରିଚାଳନା କମିଟି ସଭାପତି, ସଭ୍ୟସଭ୍ୟା, ସବୁଜ ପରିବେଶ ସଞ୍ଚାଳକ, ଏନସିସି, ଏନଏସଏସ ପ୍ରମୁଖ, ଗବେଷଣା ଓ ଅନୁସୃଜନ ଦଳ, ଗ୍ରନ୍ଥାଗାରିକ, ସାନିଟାଇଜେସନ ଅଧିକାରୀ, ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଙ୍କୁ ନାକ ଟିମ୍ ବିଭିନ୍ନ ବିଷୟ ନେଇ ପଚାରି ବୁଝିଥିଲେ। ନାକ କମିଟି ସମସ୍ତ ବିଷୟ ନେଇ ସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି।ଏହି ଅବସରରେ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ପୁରାତନ ଛାତ୍ର ଆଲୁମିନି ସଦସ୍ୟ ସର୍ବଦା ତତ୍ପର ରହିଛୁ ବୋଲି ପୂର୍ବତନ ଟିଟିଲାଗଡ଼ ନଗରପାଳ ଶୁଭ୍ରାଂଶୁ ଦାଶ ପ୍ରତିକ୍ରିୟାରେ କହିଛନ୍ତି।

# ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଚୂଡାନ୍ତ ବୈଠକ



**ଦେଓଗାଁ, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣିରେ ଶିତଳ ଷଷ୍ଠୀ ମହୋତ୍ସବ ପାଇଁ ରବିବାର ସନ୍ଧ୍ୟାରେ ପୁରୁଣାପାଣି ଠାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟ ପ୍ରଧାନୀଙ୍କ ପରିଚାଳନାରେ ତଥା ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକେ ୨୧ତମ ଶିବପାର୍ବତୀ ବିବାହୋତ୍ସବ ଅବସରରେ ୪ର୍ଥ ଶିତଳ ଷଷ୍ଠୀ ମହୋତ୍ସବ ଆସନ୍ତା ୨୯ ତାରିଖରୁ ୧ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ଜିଲ୍ଲା ବାହାରୁ ଲୋକକଳା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆଞ୍ଚଳିକ କଳାକାରଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଜଳନ୍ଧର ଦରବାର ଓ ମୀନା ବଜାର ବିଶେଷ ଆକର୍ଷଣ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ବୈଠକରେ କଳାକାର ଅତିଥିଭାବେ ଦିଲିପ ଦୀପ ଯୋଗଦେଇଥିବା ବେଳେ ମଧୁବନ ଭୋଇ, ସୁରେନ୍ଦ୍ର ମାଝୀ, ଶ୍ରୀଧର କର୍ମୀ, ଶିବ ମାଝୀ, ବ୍ରଜ ନାଏକ, ଦୂତିଆ ଭୋଇ, ଶ୍ରୀପତି ପଧାନ, ଗଡ଼ତ୍ୟା ବାଗ, ତ୍ରୀନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାରାରୋପଣ କରି ଜନ୍ମଦିନ ପାଳିଲେ କରାଟେ କୋଚ୍ ଅସୀମ

**ବଲାଙ୍ଗିର, ୨୫।୫(ସମିସ):** ଆଜି ଦିନରେ ପାଶ୍ଚାତ୍ୟ ଦେଶର ପରମ୍ପରା ଅପଣାଇ ଜନ୍ମଦିନରେ ଲୋକେ କେକ୍ କାଟି, ଭୋଜି ଭାତି, ନାଚ ଗୀତ ସହିତ ବଡ ଧୁମଧାମରେ ପାଳନ କରିଥାନ୍ତି। କିନ୍ତୁ ନିଜ ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଜାତୀୟସ୍ତରୀୟ କରାଟେ ତଥା ଟାଇକ୍ୱୋଣ୍ଡ କୋଚ୍ ଅସୀମ କୁମାର ଭୋଇ। ଅସୀମ ଭୋଇ ନିଜ ଜନ୍ମ ଦିନରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ଜିଲ୍ଲା ଟାଇକ୍ୱୋଣ୍ଡ ସଂଘର ଛାତ୍ରଛାତ୍ରୀଙ୍କ ସହଯୋଗକ୍ରମେ ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୪୦ଟି ଚାରା ରୋପଣ କରିଛନ୍ତି। ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଏକ ବିରାଟ ପଡ଼ିଆ ହୋଇଥିବା ସତ୍ତ୍ୱେ ଏଠି ଗୋଟିଏ ଗଛ ନ ଥିବାରୁ ଖେଳାଳିମାନେ ବୃକ୍ଷର ଛାଇ ଟିଏ ପାଇବା ପାଇଁ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି।ସେ ସବୁକୁ ଦୃଷ୍ଟିରେ ରଖି ଆଜି କିଛି ଛାୟା ପ୍ରଦାନକାରୀ ଗଛ ଓ ଫଳ ଗଛ ଲଗାଯାଇଥିବା ଯୁବ ସମାଜସେବୀ ଅସୀମ ଭୋଇ ସୂଚନା ଦେଇଛନ୍ତି। ଏହି ବୃକ୍ଷମାନଙ୍କର ରକ୍ଷଣାବେକ୍ଷଣ ପାଇଁ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲା ପ୍ରଶାସନ ଠାରେ ଅନୁରୋଧ କରିଛନ୍ତି।

# ବନ ବିଭାଗ ଅଧିକାରୀଙ୍କ ସୁନାଆଡକି ବନୀକରଣ ପରିଦର୍ଶନ

**ଦେଓଗାଁ, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ଦେଓଗାଁ ସୁନାଆଡକି ଜଙ୍ଗଲରେ ହୋଇଥିବା ବନୀକରଣ ଓ ସ୍ଥାୟୀଚାରା ନର୍ସରୀକୁ ରବିବାର ପରିଦର୍ଶନ କରିଛନ୍ତି ବନ ବିଭାଗର ସ୍ୱତନ୍ତ୍ର ଟିମ୍। ଏହି ଟିମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଅଧିକାରୀ(ପିସିସିଏଫ) ସୁରେଶ ପନ୍ତ, ଆଞ୍ଚଳିକ ବନ ସଂରକ୍ଷକ ଅଧିକାରୀ ସନ୍ତୋଷ ଯୋଷୀ, ବଲାଙ୍ଗିର ବନଖଣ୍ଡ ଅଧିକାରୀ ଅଜିତ କୁମାର ବିଶି, ଏସିଏଫ ମାନସ ରଞ୍ଜନ ବେହେରା ପ୍ରମୁଖ ପରିଦର୍ଶନରେ ଆସି ପ୍ରଥମେ କଛାରପାଲି ମୌଜାରେ ଥିବା ସ୍ଥାୟୀ ଚାରା ନର୍ସରୀକୁ ବୁଲି ଦେଖିଥିଲେ। ସେଠାରେ ଚାଲିଥିବା କୋଠା ନିର୍ମାଣ ସହ ବିଭିନ୍ନ ପ୍ରଜାତିର ଚାରାକୁ ଦେଖିଥିଲେ। ପରେ ନିକଟରେ ଥିବା ସୁନାଆଡକି ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ହୋଇଥିବା



ବନିକରଣକୁ ପରିଦର୍ଶନ କରିଥିଲେ। ସୁନାଆଡକି ପ୍ରୋଜେକ୍ଟର ଉନ୍ନତିକରଣ ସହ ଏହାକୁ ନଗରବନ ଯୋଜନାରେ ଅର୍ନ୍ତଭୁକ୍ତ କରାଗଲେ ଦେଓଗାଁ ସମେତ ଆଖପାଖ ପଞ୍ଚାୟତର ଲୋକେ ଉପକୃତ ହୋଇ ପାରିବେ ଓ ଏହା ଏକ ସୁନ୍ଦର ଇକୋଟୁରିଜିମ୍ ଭାବେ କାମରେ ଆସିପାରିବ ବୋଲି ଦାବି ହୋଇଥିଲା। ତତ୍କାଳୀନ ବଲାଙ୍ଗିର ବନଖଣ୍ଡ ଅଧିକାରୀ ନିତିଶ କୁମାର ଏହାକୁ ନଗରବନ ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଏଣୁ ଏଦିଗରେ ପଦକ୍ଷେପ ନେବାକୁ ପିସିସିଏଫ୍‌ଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି। ଦେଓଗାଁ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲ, ଫରେଷ୍ଟର ବ୍ୟାସଦେବ ସାହୁଙ୍କ ସମେତ ସମସ୍ତ ବନକର୍ମଚାରୀ, ପାରାଷ୍ଟାଫ ଉପସ୍ଥିତ ଥିଲେ।

# ମାଁ ମାହେଶ୍ୱରୀ ସେନାର ଜିଲ୍ଲାସ୍ତରୀୟ ବୈଠକ



**ବଲାଙ୍ଗିର, ୨୫।୫(ସମିସ):** ମାଁ ମାହେଶ୍ୱରୀ ସେନା ତରଫରୁ ବଲାଙ୍ଗିର ଜିଲ୍ଲା ଶ୍ରମିକ ଭବନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଁ ମାହେଶ୍ୱର ସେନା ଦ୍ୱାରା ବିଗତ ଦିନମାନଙ୍କରେ ହୋଇଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବା ସହ ନୂତନ ଭାବେ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯାଇଛି।ମାଁ ମାହେଶ୍ୱରୀ ସେନାର କେନ୍ଦ୍ରୀୟ ସଦସ୍ୟ ଥବିର କର୍ମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ସଭାପତି ଭାବେ ମନୋଜ କରନ, ସମ୍ପାଦକ ରମାକାନ୍ତ ମେଶ୍ୱା, ଉପସଭାପତି ମନୋଜ ଖମାରୀ, ସହସମ୍ପାଦକ ଭାଗବତ ଦନ୍ତା, କୋଷାଧକ୍ଷ ଅରୁଣ ପଲତା, ସହ କୋଷାଧକ୍ଷ ବଳିଆର ବସ୍ତିଆ, ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ପାର୍ଥ କର୍ଣ୍ଣ ଓ ସୁରେଶ ଚନ୍ଦ୍ର କମ୍ପ ମନୋନିତ ହୋଇଥିଲେ। ମାଁ ମାହେଶ୍ୱରୀ ସେନାର ଜିଲ୍ଲାସ୍ତରୀୟ କମିଟିରେ ମନୋନିତ ହୋଇଥିବା କର୍ମକର୍ତ୍ତା ନିଜ ପଦବୀରେ ଦାୟିତ୍ୱ ନେଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନା କରିବା ସହ ଆଗାମୀ ଜୁନ ୨ ତାରିଖରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜସ୍ଥିତ ବ୍ଲଡ୍ ବ୍ୟାଙ୍କ ଠାରେ ଆୟୋଜିତ ହେବାକୁ ଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ କେମିତି ସଫଳ କରାଯିବ ଆଲୋଚନା କରାଗଲା।

# ପୋତି ହୋଇଗଲାଣି ଗଡ଼ିଆଯୋର ପ୍ରକଳ୍ପ

**କଣ୍ଟାବାଞ୍ଜି, ୨୫।୫(ସମିସ)**



ସରକାର ଚାଷୀ ଓ ଚାଷ ପାଇଁ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କାର ଯୋଜନା। ଚାଷୀଙ୍କ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଗଡ଼ିଆଯୋର ପ୍ରକଳ୍ପ ହୋଇଥିଲା। ହେଲେ ଅବହେଳା ଯୋଗୁଁ ପଙ୍କ ଓ କାଦୁଅରେ ପୋତି ହୋଇଗଲାଣି ଗଡ଼ିଆଯୋର ପ୍ରକଳ୍ପ। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା କନାବିରା ଗାଁ ନିକଟରେ ୧୯୯୫ ମସିହାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା ଗଡ଼ିଆଯୋର ପ୍ରକଳ୍ପ। ଏହି ପ୍ରକଳ୍ପ ହେବା ଦ୍ୱାରା ଆଖପାଖରେ ଥିବା ୭ରୁ ଅଧିକ ଗାଁର ଲୋକେ ଉପକୃତ ହେବା ସହିତ ଅଞ୍ଚଳ ଜଳସେଚିତ ହେଉଥିଲା। ଲୋକେ ଖରିଫ ଓ ରବିରେ ପାଣି ପାଇ ଚାଷ କରୁଥିଲେ।ଏହି ଗଡ଼ିଆଯୋରର ପାଣିକୁ ନେଇ ଲୋକେ ଘରେ ବ୍ୟବହାର କରି ପିଉଥିଲେ। ହେଲେ ପରିତାପର ବିଷୟ ଯେ ବିଭାଗୀୟ ଓ ପ୍ରଶାସନିକ ଅଧିକାରୀ ଅବହେଳା ଯୋଗୁଁ ଏହି ପ୍ରକଳ୍ପ ଏବେ ଧ୍ୱଂସ ଆଡ଼କୁ ଗତି କରୁଛି। ବିଭାଗ ପକ୍ଷରୁ ୪୬୫ ହେକ୍ଟର ଅଞ୍ଚଳରେ ବିରାଟକାୟ ଗଡ଼ିଆ ଯୋର ପ୍ରକଳ୍ପ ହୋଇଥିଲା। ଏବେ ପ୍ରକଳ୍ପରେ ପଙ୍କ କାଦୁଅରେ ଭର୍ତ୍ତି ହୋଇ ଜଳସ୍ତର କମି ଗଲାଣି। ଲୋକେ ଖରିଫରେ ଆଉ ନିଜ ଚାଷ ଜମିକୁ ପାଣି ପାଉନାହାନ୍ତି। ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ପାଣି ବ୍ୟବହାର କଲେ ବିଭିନ୍ନ ସମୟରେ ଚର୍ମ ରୋଗରେ ପଡୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନେକ ଥର ସ୍ଥାନୀୟ ଲୋକେ ନେତା, ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ ମଧ୍ୟ ଫଳ ଶୂନ। ଏନେଇ ଗତ କିଛି ଦିନ ବଲାଙ୍ଗିର ଜିଲ୍ଲାପାଳ ବଙ୍ଗୋମୁଣ୍ଡା ଗସ୍ତରେ ଆସିଥିବା ବେଳେ ପଚାରିବାରୁ ଗଡ଼ିଆଯୋର ପ୍ରକଳ୍ପର ପୁନଃଉଦ୍ଧାର ଶୀଘ୍ର ଆରମ୍ଭ ହେବା ସହ କିଭଳି ଏ ଅଞ୍ଚଳ ଜଳସେଚିତ ହେବ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଆଇନଜୀବୀ ଚନ୍ଦନ ବେହେରା ହତ୍ୟା ମାମଲା

# ସରିଲା ବିଚାର; ୨୭ରେ ରାୟ

**ରାଉରକେଲା, ୨୫ା୫(ସମିସ)**

ବହୁ ଚର୍ଚ୍ଚିତ ଆଇନଜୀବୀ ଚନ୍ଦନ ବେହେରାଙ୍କ ହତ୍ୟା ମାମଲାର ବିଚାର ପୁରୀ ଏଡିଜେ-୧ଙ୍କ କୋର୍ଟରେ ଶେଷ ହୋଇଛି। ଆସନ୍ତା ୨୭ ତାରିଖରେ ରାୟ ପ୍ରକାଶ ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି। ସରକାରୀ ଓକିଲ ସତ୍ତ୍ୱେ ମୃତ ଚନ୍ଦନ ବେହେରାଙ୍କ ସପକ୍ଷରେ ରାଉରକେଲାର ବରିଷ୍ଠ ଓକିଲ କୈଳାଶ ଚନ୍ଦ୍ର ପ୍ରଧାନ ଏହି ମାମଲାର ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଗତ ୨୦୧୭ ମସିହାରେ ରାଉରକେଲା ଶକ୍ତିନଗର ନିବାସୀ ଆଇନଜୀବୀ ଚନ୍ଦନ ବେହେରାଙ୍କୁ ଖୋଦ ତାଙ୍କ ନିଜ ପତ୍ନୀ ଯୋଜନାବଦ୍ଧ ଭାବେ ତାଙ୍କ ସହଯୋଗୀଙ୍କ ସହ ମିଶି ଅତ୍ୟନ୍ତ ନିର୍ମମ ଭାବେ ପୁରୀରେ ହତ୍ୟା କରିଥିଲେ। ସେତେବେଳେ ଏହି ହତ୍ୟାକାଣ୍ଡ କେବଳ ରାଉରକେଲା ସହ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପୁରୀର ରେଣୁକା ଲେନରେ ଗତ ୨୦୧୭ ଜାନୁଆରୀ ୭ ସନ୍ଧ୍ୟା ୭ଟା ବେଳେ ଏହି ହତ୍ୟାକାଣ୍ଡ ଘଟିଥିଲା।



ପୁରୀ ରେଣୁକା ଲେନରେ ଚନ୍ଦନ ବେହେରା 'ଖୁସି' ନାମକ ଏକ ରେଷ୍ଟୁରାଣ୍ଟ କରିଥିଲେ। ଘଟଣା ଦିନ ସନ୍ଧ୍ୟାବେଳେ ଚନ୍ଦନ ତାଙ୍କର ବନ୍ଧୁ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହ ଏକ ସ୍କୁଟିରେ ରେଷ୍ଟୁରାଣ୍ଟକୁ ଫେରିଥିଲେ। ରେଷ୍ଟୁରାଣ୍ଟ ସମ୍ମୁଖରେ ଶ୍ରୀ ପ୍ରଧାନ ଗାଡି ରଖିବା କ୍ଷଣି ସେଠାରେ ଯୋଜନା ମୁତାବକ ଲୁଚି ରହିଥିବା ବାସୁଦେବ ଭଟ୍ଟ ଓରଫ ଜଗା, କପିଳାସ ଭୋଇ ଓରଫ କପିଳା ଓ ବ୍ରଜ କିଶୋର ଭୋଇ ଓରଫ୍ ବରଜୁ ନାମକ ତିନି ଅଭିଯୁକ୍ତ ଖଣ୍ଡା ଓ ଭୁଜାଲିରେ ଚନ୍ଦନ ବେହେରାଙ୍କୁ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଚନ୍ଦନଙ୍କୁ ରକ୍ଷା କରିବାକୁ ତାଙ୍କ ବନ୍ଧୁ କୃଷ୍ଣଚନ୍ଦ୍ର ପ୍ରଧାନ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଘଟଣାରେ ପୁରୀ ସମୁଦ୍ରକୂଳ ଥାନା ପୁଲିସ ଦଫା ୩୦୨, ୩୦୭, ୩୨୪, ୨୦୧, ୧୨୦ (ବି), ୩୪ ଆଇପିସି ସହିତ ସେକ୍ସନ-୭ର ୨୫(ଏ) ଏବଂ ୨୭ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁରୀ ପୁଲିସ୍ ଅଭିଯୁକ୍ତ ହତ୍ୟାକାରୀ ଜଗା, କପିଳା, ବରଜୁ, ନରେନ୍ଦ୍ରନାଥ ଦାସ ଓରଫ ଲିଟୁ ଓ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ଚନ୍ଦନଙ୍କ ପତ୍ନୀ ପିଙ୍କି ଓରଫ୍ ନିବେଦିତା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଚନ୍ଦନଙ୍କର ଏକାଧିକ ଯୁବତୀଙ୍କ ସହ ସମ୍ପର୍କ ଥିବାରୁ ତାଙ୍କ ପତ୍ନୀଙ୍କ ସହ ମନୋମାଳିନ୍ୟ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା।

# ସ୍କୁଟି ସହ ୪ ବାଇକ୍ ଜବତ; ୪ ଗିରଫ



**ରାଉରକେଲା, ୨୫ା୫(ସମିସ):** ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିବା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ବସ୍ତିର ମଫୁଜ ଆଲମ (୧୯), ଏମଡି ସଲମାନ୍ (୧୯), ମିଥୁନ ବିଶ୍ୱକର୍ମା (୨୪) ଓ ରେଲୱେ କଲୋନୀ ଇନ୍ଦିରା ନଗର ବସ୍ତିର ଏସକେ ତାଜ (୧୯)। ସେମାନଙ୍କ ଠାରୁ ଗୋଟିଏ ସ୍କୁଟି ସହ ୪ଟି ବାଇକ୍ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ୨୦୨୪ ନଭେମ୍ବର, ୨୦୨୫ ଜାନୁଆରୀ ଓ ଏପ୍ରିଲ ମାସରେ ୩ଟି ଗାଡ଼ି ଓ ଉଦିତନଗର ଥାନା ଅଞ୍ଚଳରୁ ୨୦୨୫ ଏପ୍ରିଲ ମାସରେ ଗୋଟିଏ ଗାଡ଼ି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସମସ୍ତ ଅଭିଯୁକ୍ତ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ, ଉଦିତନଗର, ବନ୍ଧମୁଣ୍ଡା ଓ ଜିଆରପି ଥାନାରେ ୧୯ଟି ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ମାଲବାହୀ ଟ୍ରେନ୍‌ର ୪ ବଗି ଲାଇନ୍‌ଚ୍ୟୁତ



**ରାଉରକେଲା, ୨୫ା୫(ସମିସ):** ବନ୍ଧମୁଣ୍ଡାର ରେଳବାଇ ଏକ୍ସଚେଞ୍ଜ ୟାର୍ଡରେ ରବିବାର ଏକ ମାଲବାହୀ ଟ୍ରେନର ୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ଗୋଟିଏ ବଗି ସାମଗ୍ରୀ ଦ୍ୱାରା ଭର୍ତ୍ତି ଥିବା ବେଳେ ଅନ୍ୟ ୩ଟି ବଗି ଖାଲିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରବିବାର ସକାଳ ପ୍ରାୟ ସାଢ଼େ ୯ ଟାରେ ବନ୍ଧମୁଣ୍ଡା ରେଳବାଇ ଏକ୍ସଚେଞ୍ଜ ୟାର୍ଡର ୧୪ ନମ୍ବର ସେକ୍ସନର ୧୪ ନମ୍ବର୍ ଲାଇନର ଏମ୍-କ୍ୟାବିନ୍ ନିକଟରେ ଠିଆ ହୋଇଥିବା ଏକ ମାଲବାହୀ ଟ୍ରେନ୍ ହଠାତ୍ ପଛକୁ ଗଡ଼ି ଯାଇଥିଲା। ଏହି ସମୟରେ ବନ୍ଧମୁଣ୍ଡାର ଏମ୍ କ୍ୟାବିନ୍‌ରୁ ଚକ୍ରଧରପୁର ପଟକୁ ଯାଉଥିବା ଏକ ମାଲବାହୀ ଟ୍ରେନ୍‌ର ୪ଟି କୋଚ ଲାଇନଚ୍ୟୁତ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବିଭାଗୀୟ ବରିଷ୍ଠ ରେଳବାଇ ଅଧିକାରୀ, ଟେକ୍ନିକାଲ କର୍ମଚାରୀ ଏବଂ ସୁରକ୍ଷା ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ସହ ଲାଇନଚ୍ୟୁତ ବଗି ୪ଟିକୁ ହଟାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହେବା ପରେ ରେଳବାଇ ବିଭାଗ ଦ୍ୱାରା ହୁଟର ବଜା ଯାଇନଥିଲା। ଯାହା ଏବେ ଆଲୋଚନାର ବିଷୟ ପାଲଟିଛି। ମାତ୍ର ରେଳବାଇର ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଏହି ଘଟଣାକୁ ଲୁଚାଇବାକୁ ଯାଇ ହୁଟର ବଜାଇ ନଥିବା ନେଇ ଚର୍ଚ୍ଚା ହୋଇଛି। ଅପରପକ୍ଷେ ରେଳବାଇ ଏକ୍ସଚେଞ୍ଜ ୟାର୍ଡରେ ଠିଆ ହୋଇଥିବା ମାଲବାହୀ ଟ୍ରେନ୍ ହଠାତ୍ କାହିଁକି ପଛକୁ ଗଡ଼ିଗଲା ସେ ବିଷୟରେ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ଖବର ଲେଖାହେବା ସୁଦ୍ଧା ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଉଲ୍ଲେଖନୀୟ ଯେ, ଗତ କିଛି ବର୍ଷ ମଧ୍ୟରେ ରାଉରକେଲା ଏବଂ ବନ୍ଧମୁଣ୍ଡାରେ ଟ୍ରେନ୍ ଲାଇନଚ୍ୟୁତ ହେବା ଏକ ସାଧାରଣ ଘଟଣା ହୋଇଗଲାଣି। ସାମାନ୍ୟ କିଛି ମାସ ମଧ୍ୟରେ ପ୍ରାୟ ୧୦ ଥର ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଥିବା ନଜର ରହିଛି।

# 'ରକ୍ଷଣାବେକ୍ଷଣ ଏବଂ ୱେଲ୍ଡିଂ ମରାମତି' ଆଲୋଚନାଚକ୍ର

**ରାଉରକେଲା, ୨୫ା୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ଆର୍ ଏଣ୍ଡ ସି ଲାବୋରେଟୋରୀ ସମ୍ମିଳନୀ ହଲରେ 'ରକ୍ଷଣାବେକ୍ଷଣ ଏବଂ ୱେଲ୍ଡିଂ ମରାମତି' ଉପରେ ଏକ ବୈଷୟିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଣ୍ଟେନାନ୍ସ ବିଭାଗର ସିଜିଏମ୍ ଏସଏସ ରାୟଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମେକାନିକାଲ ଏଣ୍ଡ ସପ୍ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆରଏନ୍ ରାଜେନ୍ଦ୍ରନ୍, ମେକାନିକାଲ ବିଭାଗର ସିଜିଏମ୍ ଡି. ପାଲୋଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ କାରଖାନାର ସମସ୍ତ ପ୍ରମୁଖ ଉତ୍ପାଦନ ଏବଂ କେନ୍ଦ୍ରୀକୃତ ବିଭାଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମେସର୍ସ ଇଡବ୍ଲ୍ୟୁଏସି ଆଲଏଜ୍ ଲିମିଟେଡ୍ ଦ୍ୱାରା ସେମାନଙ୍କର ଚ୍ୟାନେଲ୍ ପାର୍ଟନର ରାଉରକେଲାର ମେସର୍ସ ରାଜେଶ ଆଣ୍ଡ କମ୍ପାନୀର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଶ୍ରୀ ରାୟଚୌଧୁରୀ କୌଣସି ଯନ୍ତ୍ରାଂଶର ସମ୍ପୂର୍ଣ୍ଣ ବଦଳ ଅପେକ୍ଷା ଉପଯୁକ୍ତ ମରାମତି ଏବଂ ଯନ୍ତ୍ରାଂଶଗୁଡ଼ିକର ପୁନଃସ୍ଥାପନର ଗୁରୁତ୍ୱ ଉପରେ କହିବା ସହିତ ଖର୍ଚ୍ଚ ହ୍ରାସ ଏବଂ ଉପକରଣ ସ୍ଥାୟୀତ୍ୱର ଲାଭ ଉପରେ ଆଲୋକପାତ କରିଥିଲେ।






ମେସର୍ସ ଇଡବ୍ଲ୍ୟୁଏସି ଆଲଏଜ୍ ଲିମିଟେଡ୍ ଜୋନାଲ୍ ସେଲ୍ସ ମ୍ୟାନେଜର ଡି.ଡି. ରୟ ଏବଂ ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ଏନ୍ ପଟେଲ, ଆପ୍ଲିକେସନ୍ ସ୍ପେଶାଲିଷ୍ଟ ଆର. ଚାଟାର୍ଜୀ ୱେଲ୍ଡିଂ କ୍ଷେତ୍ରରେ ସ୍ୱତନ୍ତ୍ର ଉତ୍ପାଦ ପୋର୍ଟଫୋଲିଓ ଉପରେ ଧ୍ୟାନ କେନ୍ଦ୍ରିତ କରି ଅବସ୍ଥା ଭିତ୍ତିକ ଓ ପ୍ରୟୋଗ ନିର୍ଦ୍ଦିଷ୍ଟ ୱେଲ୍ଡିଂ ଇଲେକ୍ଟ୍ରୋଡ୍ ଉପରେ ଉପସ୍ଥାପନା କରିଥିଲେ। ଶେଷରେ ଆର୍‌ଏନ୍ ରାଜେନ୍ଦ୍ରନ୍ ଦୀର୍ଘମିଆଦି କାର୍ଯ୍ୟଦକ୍ଷତା ହାସଲ କରିବା ପାଇଁ ବଦଳ କରିବା ଅପେକ୍ଷା ମରାମତି ପନ୍ଥା ଗ୍ରହଣ କରିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ। ରକ୍ଷଣାବେକ୍ଷଣ ସଚିବାଳୟ କାର୍ଯ୍ୟାଳୟର ଡିଜିଏମ୍ ବିପି କେର୍କେଟ୍ଟା ସଂଯୋଜନା କରିଥିଲେ।

## କନଷ୍ଟେବଲଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ରାଉରକେଲା, ୨୫ା୫(ସମିସ): ଶନିବାର ପ୍ଲାଣ୍ଟସାଇଟ୍ ଥାନା ପଛ ପାଖରେ ଥିବା ପୁଲିସ କଲୋନୀରେ ଦୁର୍ବୃତ୍ତମାନେ ଜଣେ କନଷ୍ଟେବଲଙ୍କ ଘରେ ପଶି କଳାକନା ବୁଲାଇଛନ୍ତି। ଦୁର୍ବୃତ୍ତମାନେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ନେଇ ଫେରାର ହୋଇଯାଇଛନ୍ତି। ସୂଚନାମୁତାବକ, ଉକ୍ତ କଲୋନୀରେ ରହୁଥିବା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଲ ସୁବ୍ରତ ହୋତା ଶନିବାର ସକାଳେ ଘରେ ତାଲା ପକାଇ ତାଙ୍କ ସ୍ତ୍ରୀ ଓ ପିଲାଛୁଆଙ୍କ ସହ ଲାଠିକଟସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ କବାଟ ତାଲା କଟା ଯାଇଥିବା ଓ ଘରର ଜିନିଷପତ୍ର ଏଣେତେଣେ ପଡ଼ିଥିବା, ଆଲମାରି ଖୋଲା ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୧୫ ଭରି ସୁନା ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# କୋଇଡ଼ା ଓ କାଶୀରାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**କୋଇଡା, ୨୫ା୫(ସମିସ):** କୋଇଡା ବ୍ଲକସଦର ଓ କାଶୀରା ପଞ୍ଚାୟତରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। କୋଇଡା ବ୍ଲକସଦର ଓ କାଶୀରା ପଞ୍ଚାୟତର ଭଞ୍ଜପାଲି, କେରକେଟା ସାହି, କାଦଡିଆ ମୁଣ୍ଡା ସାହି, ଗୋପପୁର ସାହି ଓ ଟାଙ୍କି କ୍ଷାଣ୍ଡଠାରେ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ପରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ୮୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ଡାକ୍ତରଙ୍କ ପାଇଁ କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିଲେ।




ଏଥିରେ ଜେଏସ୍‌ଡବ୍ଲ୍ୟୁ ବାଣିଜ୍ୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ପରିଚାଳନା ମୁଖ୍ୟ ଚିତ୍ତରଞ୍ଜନ ବାହାନିପତି, ସିଏସ୍ଆର ମୁଖ୍ୟ ସବଳ ଝା ପ୍ରମୁଖ ଉପସ୍ଥିତ ଥିଲେ। କୋଇଡ଼ା ଲକ୍ଷ୍ମୀପୂଜା କମିଟି ମଣ୍ଡପ ପାଇଁ ବିଧାୟକ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ଉକ୍ତ ଉଦ୍‌ଘାଟନ ସମାରୋହରେ ଶ୍ରମିକ ନେତା ପ୍ରଭାତ ପଣ୍ଡା, ବଣାଇଁ ଟ୍ରକ୍ ଓ ଟିପ୍ପର ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାମଲ, ପ୍ରଭାତ ପାତ୍ର, ବାଦଲ ବାରିକ ସହିତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଚୋରି ସମୟର ସିସିଟିଭି ଫୁଟେଜ୍ ଭାଇରାଲ୍

**ରାଉରକେଲା, ୨୫ା୫(ସମିସ):** ସ୍ଥାନୀୟ ଉଦିତନଗର ଥାନା ଅନ୍ତର୍ଗତ ବଙ୍ଗାଳୀପଡ଼ା ଠାରେ ଚୋରି ଉଦ୍ୟମ ହୋଇଥିବାର ସିସିଟିଭି ଫୁଟେଜର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଏନେଇ ପୁଲିସ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ଫୁଟେଜ ମୁତାବକ, କିଛି ଦିନ ପୂର୍ବେ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଏକ ଘରର ମୁଖ୍ୟ କବାଟ ତାଲା କାଟି ଭିତରକୁ ପଶିଥିଲେ। ହେଲେ ଘରର ଭିତର କବାଟ ଗୁଡ଼ିକ ଖୋଲି ପାରି ନଥିଲେ। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଯେଉଁ ଘରେ ଦୁର୍ବୃତ୍ତ ଜଣଙ୍କ ଚୋରି ଉଦ୍ୟମ କରିଥିଲେ। ସେଠାକାର ପରିବାର ସଦସ୍ୟମାନେ ଗତ କିଛି ଦିନରୁ ସହର ବାହାରକୁ ଯାଇଥିବା ସୂଚନା ମିଳିଛି। ଉକ୍ତ ଘଟଣାକୁ ନେଇ ପୁଲିସ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରି ନଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।



# ବଙ୍ଗ ଭାରତୀର ସଭାଗୃହ ଉଦ୍‌ଘାଟିତ



**ରାଉରକେଲା, ୨୫ା୫(ସମିସ):** ବନ୍ଧମୁଣ୍ଡା ଅଞ୍ଚଳର ସି-ସେକ୍ଟର ସ୍ଥିତ ବଙ୍ଗୀୟ ସଂଗଠନ ବଙ୍ଗ ଭାରତୀ ସଂସ୍ଥାର ସଭାଗୃହକୁ ରବିବାର ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଛନ୍ତି। ବଙ୍ଗଭାରତୀରେ ବିଧାୟକ ପାଣ୍ଠିରୁ ପ୍ରାୟ ୬ ଲକ୍ଷ ଟଙ୍କାର ବ୍ୟୟରେ ଏହି ସଭାଗୃହ ସହ ସଂଗଠନର ମଞ୍ଚ ଏବଂ ବାରଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚନ୍ଦନ ତରାଇ, ଡି. ଅଭିକ କୁମାର, ଅଭିନାଶ ଯାଦବ, ଶେରୁ ଶର୍ମା, ଜନ୍ ଭେଙ୍ଗ୍ରା, ସୁପ୍ରିୟା ଦେ, ରାଜୁ ପ୍ରସାଦ, ବୁଜ୍ଜୀ ରାଓ, ପ୍ରବାଲ୍ ଦେଙ୍କ ସମେତ ଆୟୋଜକ ସଙ୍ଗଠନର ସୁଭାଷ ଚନ୍ଦ୍ର ଘୋଷ, ଉଜଳ ଭଟ୍ଟାଚାର୍ଯ୍ୟ, ସଞ୍ଜୟ ଚୌଧୁରୀ, ବିଶ୍ୱଜିତ ବିଶ୍ୱାସ, ସୋମିତା ଦତ୍ତା, ପ୍ରତୀମା ଘୋଷ, ସୋନି ଗୁପ୍ତା, ମନୀଷା ଭଟ୍ଟାଚାର୍ଯ୍ୟ, ସୁଦୀପ୍ତା ଦାସ, ସୋମା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ବର୍ଷରୁ କମ୍ ବାଳକ ଫୁଟ୍‌ବଲ୍ ଲିଗ୍ ଉଦ୍‌ଘାଟିତ



**ରାଉରକେଲା, ୨୫ା୫(ସମିସ):** ରବିବାର ବନ୍ଧମୁଣ୍ଡା ଅଞ୍ଚଳର ଡୁମରତା ସ୍ଥିତ ପ୍ରଗତି କ୍ରୀଡ଼ା ପଡ଼ିଆରେ ୧୫ ବର୍ଷରୁ କମ୍ ବାଳକ ଫୁଟବଲ୍ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ପ୍ରଗତି କ୍ଲବ ଏବଂ ଆର୍‌ଏସ୍ କଲୋନୀ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ପ୍ରଗତି କ୍ଲବ ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ବନ୍ଧମୁଣ୍ଡା, ବିଶ୍ରା, ରାଉରକେଲା ସମେତ ନିକଟବର୍ତ୍ତୀ ଅଞ୍ଚଳର ଦଳଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଏଥିରେ କିଛି ଖେଳାଳି ବିଭିନ୍ନ ସ୍କୁଲ ଏବଂ ସ୍ପୋର୍ଟ୍ସ କ୍ଲବର ପ୍ରତିନିଧିତ୍ୱ ମଧ୍ୟ କରୁଛନ୍ତି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ୨୨ ଜୁନ୍‌ରେ ଖେଳାଯିବ। ସମସ୍ତ ମ୍ୟାଚ୍ କେବଳ ରବିବାର ଦିନ ହିଁ ଖେଳାଯିବ ବୋଲି ଜଣାପଡ଼ିଛି। ଉଦ୍‌ଘାଟନୀ ସମାରୋହରେ ବହୁ ସଂଖ୍ୟକ କ୍ରୀଡା ପ୍ରେମୀ, ଅଭିଭାବକ, ପ୍ରଶିକ୍ଷକ ଏବଂ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଆୟୋଜନରେ ସିଦ୍ଧେଶ୍ୱର ବୋଦରା, ରାମଦାସ ତନ୍ତୀ, ଶିବା, ଥୋମାସ୍, ଦୁବରାଜ ସିଂ, ରୋଶନ କେରେକେଟ୍ଟା, ମାନୁ କିସପୋଟ୍ଟା, ରମେଶ ଓରାମ, ରୋନି ଖାଲକୋ, ପାଲ ଜାତେ, ଅନୁଜ କେରକେଟ୍ଟା, ବିଶାଲ ଏକ୍କା, ଅନିଲ ତିଗ୍ଗା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


# ସାବିତ୍ରୀ ପାଇଁ ବଜାର ଚଳଚଞ୍ଚଳ; ଫଳଦର ଆକଶଛୁଆଁ

**ରାଉରକେଲା, ୨୫ା୫(ସମିସ):** ରାତି ପାହିଲେ ସାବିତ୍ରୀ ବ୍ରତ ଥିବାବେଳେ ଏଥିପାଇଁ ରାଉରକେଲା ବଜାର ଚଳଚଞ୍ଚଳ ହୋଇଉଠିଛି। ରାସ୍ତାକଡ଼ରେ ଭଳିକି ଭଳି ଫଳର ପସରା ଖୋଲିଥିବା ଦେଖିବାକୁ ମିଳିଛି। ଫଳମୂଳ ଠାରୁ ଆରମ୍ଭ କରି ପୂଜା ସାମଗ୍ରୀ ଏବଂ ନୂଆ ଲୁଗା କିଣିବା ପାଇଁ ସବୁଠି ଭିଡ ଦେଖିବାକୁ ମିଳିଛି। ପାନପୋଷ, ସିଭିଲ ଟାଉନ୍‌ସିପ, ଏସ୍‌ଟିଆଇ, ଉଦିତନଗର, ବାସନ୍ତୀ କଲୋନୀ, ଡିଏଭି, ଡେଲି ମାର୍କେଟ, ବିଶ୍ରା, ଛେଣ୍ଡ, କଳିଙ୍ଗ ବିହାର ସମେତ ସହରର ବହୁ ସ୍ଥାନରେ ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଫଳମୂଳ ବିକ୍ରି ହେଉଛି। ସବୁ ପ୍ରକାର ଫଳର ମୂଲ୍ୟ ଆକାଶଛୁଆଁ ହୋଇଛି। ବଜାରରେ ଗୋଟା ପଣସର ଦାମ୍ ୩୦୦ ରୁ ୪୦୦ ଟଙ୍କା ମଧ୍ୟରେ ରହିଛି। ସେହିପରି ପଣସ ଖୋସା ଡଜନ ପ୍ରତି ୨୦ ଟଙ୍କା ରହିଛି। ଗୋଟା ସପୁରୀ ୪୦ ଟଙ୍କାରୁ ୬୦ ଟଙ୍କାରେ ବିକ୍ରି ହେଉଛି। ତାଳ ଗୋଟାକୁ ୩୦ ଟଙ୍କା ଓ କଟା ତାଳ ଡଜନ ୫୦ ଟଙ୍କା ରହିଛି। ଅନ୍ୟପଟେ ସେଓ କିଲୋ ୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଅଙ୍ଗୁର ଓ କମଳା କିଲୋ ୧୨୦ ଟଙ୍କା, କଦଳୀ କିଲୋ ୫୦ ଟଙ୍କାରେ ବିକ୍ରି ହେଉଛି। କାକୁଡ଼ି କିଲୋ ୬୦ ଟଙ୍କା ଓ ଆମ୍ବ କେଜି ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସାବିତ୍ରୀ ପାଇଁ ବେପାର ଭଲ ହେଉଥିବା ବେପାରୀମାନେ କହିଛନ୍ତି। ଏଥିସହ




ରାସ୍ତାକଡ଼ରେ କଳା ଚୁଡ଼ି, ନାଲି ଚୁଡ଼ି, ଟିକିଲି, କାଠ ପାନିଆ ଭଳି ସାବିତ୍ରୀ ବ୍ରତ ପାଇଁ ଆବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସାବିତ୍ରୀ ଅମବାସ୍ୟା ପାଇଁ ବ୍ୟବସାୟ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ପ୍ରବଳ ଖରା ତାତି ସତ୍ତ୍ୱେ ପେଟ ପୋଷିବା ପାଇଁ ଖୋଲା ଆକାଶ ତଳେ ଗ୍ରାହକଙ୍କ ଅପେକ୍ଷାରେ ବେପାରୀମାନେ ବ୍ୟବସାୟ କରୁଥିବା କୁହାଯାଇଛି।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ THE SAKALA

## କୃତଘ୍ନ ପଡ଼ୋଶୀ

ବାଂଲାଦେଶର କାମଚଳା ସରକାରର ମୁଖ୍ୟ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ଇସ୍ତଫା ନେଇ ଦୁଇଦିନ ଧରି ଚର୍ଚ୍ଚା ହେବା ପରେ ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି। 'ସାମୟିକ' ଉଲ୍ଲେଖ କରିବା ପଛର ଯୁକ୍ତି ହେଉଛି ଏବେ ବାଂଲାଦେଶ ଯେଉଁଭଳି ପରିବେଶ ଓ ଯେଉଁ ତତ୍ତ୍ୱମାନଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପରେ ପରିଚାଳିତ ହେଉଛି ସେଥିରେ ଘଡ଼ିକେ ଘୋଡ଼ା ଛୁଟିବା ଅସ୍ୱାଭାବିକ ନୁହେଁ। ଇସ୍ତଫା ଦେବା ବିଷୟରେ ୟୁନୁସ୍ ସିଧାସଳଖ ଘୋଷଣା କରି ନଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତି ଓ ଅସ୍ଥିର ପରିବେଶ ଭିତରେ କାମ କରିବା ସମ୍ଭବ ନୁହେଁ ବୋଲି ଛାତ୍ରସଂଗଠନ ନ୍ୟାଶନାଲ୍ ସିଟିଜେନ୍ ପାର୍ଟିକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଏବଂ ତତ୍‌ପରବର୍ତ୍ତୀ କ୍ୟାବିନେଟ୍ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଏହାପରେ ସେ ଇସ୍ତଫା ଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଥିଲା। ତେବେ ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ଏଭଳି ଚର୍ଚ୍ଚାକୁ କାମଚଳା ସରକାରର ଅନ୍ୟତମ ଉପଦେଷ୍ଟା ୱାହିଦୁଦ୍ଦିନ୍ ମହମ୍ମଦ୍ ଖଣ୍ଡନ କରିବା ସହିତ ୟୁନୁସ୍ କିମ୍ବା ଉପଦେଷ୍ଟାମାନେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସୂଚନା ଭାରତ ପାଇଁ କିଛିଟା ଆଶ୍ୱସ୍ତି ସୃଷ୍ଟି କରିଛି। କାରଣ ଅସ୍ଥିର ପଡ଼ୋଶୀ ସବୁବେଳେ ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ।

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଯେ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ ତାହା ଜଣାପଡୁଛି। ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। କିନ୍ତୁ ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ଏକ ରାଜନୈତିକ ଅସ୍ଥିର ଦେଶର ଶାସନ ଭାର ହାତକୁ ନେଇଥିବା ଏକ ଅସ୍ଥାୟୀ ସରକାରର ଉଦ୍ୟମ ସେଠାକାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରିବାର ପଥ ଉନ୍ମୋଚନ କରିବା ବଦଳରେ ବିଭିନ୍ନ ସମୟରେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରି ନିଜର କୃତଘ୍ନତାର ପରିଚୟ ଦେବାରେ ସୀମିତ ରହିଯାଇଛି।

ୟୁନୁସ୍ ଦାୟିତ୍ୱ ନେବା ପରଠାରୁ ତାଙ୍କ ନିୟନ୍ତ୍ରଣ ଓ ନେତୃତ୍ୱରେ ଶାସନକାର୍ଯ୍ୟ ପରି ଯେ ପରିଚାଳିତ ହେଉ ନାହିଁ ତାହା ବିଭିନ୍ନ ସମୟରେ ସେଠାକାର ନେତା ଓ ଅଧିକାରୀମାନେ ଦେଇଥିବା ମନ୍ତବ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ପିଲାଳିଆମୀ କେବଳ ଯାହା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ମନ୍ତବ୍ୟ ରାଜନୈତିକ ପ୍ରତିହିଂସାର ଏକ ନିରର୍ଥକ ପ୍ରତିଫଳନ କହିବା ଭୁଲ୍ ହେବ ନାହିଁ। ବାଂଲାଦେଶ ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ବିରୋଧ କରିବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ସେଠାକାର କତିପୟ ନେତାଙ୍କ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି, ଯାହାକୁ ଚୀନ୍ ଓ ଆମେରିକା ପରୋକ୍ଷରେ ସମର୍ଥନ ଦେଇଆସୁଛନ୍ତି। ବିଶେଷକରି 'ଅପରେସନ୍ ସିନ୍ଦୂର'ର ଅପାର ସଫଳତା ପରେ ବାଂଲାଦେଶ ମୌଳବାଦୀଙ୍କ ଭାରତ ବିରୋଧୀ ଅସୂୟା ଆହୁରି ଉତ୍କଟ ହୋଇଛି।

ଜନ୍ମଦାତା ଭାରତକୁ ଗୋଇଠା ମାରି ଚୀନ୍ କୋଳରେ ବସିବାକୁ ବାଂଲାଦେଶ ଯଦି ଲାଳାୟିତ ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ତାହାର ପରିଣତି ଯେ ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ, ଶ୍ରୀଲଙ୍କା ପରି ହେବା ନିଶ୍ଚିତ ତାହା ୟୁନୁସ୍‌ଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କୁ ବୁଝାଇବା ଚେଇଁ ଶୋଇଥିବା ବ୍ୟକ୍ତିକୁ ଉଠାଇବା ପ୍ରୟାସ ସମାନ। ଭାରତ ସବୁବେଳେ ନିଜର ପଡ଼ୋଶୀଙ୍କ ଉନ୍ନତି, ସ୍ଥିରତା ଓ ଶାନ୍ତି ପାଇଁ ସ୍ୱତନ୍ତ୍ର 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତି ଆପଣେଇ ଆସିଛି। ଏଥିରେ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଜରିଆରେ ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ହୀନମନ୍ୟତା ବୋଲି କହିବାକୁ ପଡ଼ିବ। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା, ମାଳଦ୍ୱୀପ ପରେ ବାଂଲାଦେଶ ତାହାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ଆମେରିକା ପରି ନିଜର ବଡ଼ଭାଇ ପଣିଆ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ କି ଚୀନ୍ ଭଳି ପ୍ରଭୁତ୍ୱ ବିସ୍ତାର ପାଇଁ ଉଦ୍ୟମ କରିନାହିଁ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ ବି କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ମହତ୍ତର। କିନ୍ତୁ ସେଠାକାର ମୌଳବାଦୀ ନେତାଙ୍କୁ ଏହା ବୁଝାଇବାରେ ୟୁନୁସ୍ ଲଗାତାର ବିଫଳ ହୋଇଛନ୍ତି, ଯାହା ତାଙ୍କର ଇସ୍ତଫା ଦେବା ମାନସିକତାରେ ପ୍ରତିଫଳନ ଘଟିଛି। ଅପରପକ୍ଷରେ ଏହାର ଫାଇଦା ନେବାକୁ ଚୀନ୍ ଏବଂ ଏବେ ପାକିସ୍ତାନ ୟୁନୁସ୍ ସରକାର ପ୍ରତି ବନ୍ଧୁତ୍ୱର ହାତ ବଢ଼ାଉଛନ୍ତି। ୟୁନୁସ୍ ମଧ୍ୟ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ 'ସମର୍ପଣ' ମନୋଭାବରେ ପରିବର୍ତ୍ତନ ନ ହେଉ। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେଉ।

# ଜଳସଙ୍କଟ ଓ ଆଭାସୀ ଜଳବାଣିଜ୍ୟ

**ବିଦ୍ୟାଧର ମହାରଣା**

ଭାରତରେ ବିଶ୍ୱର ମାତ୍ର ୩.୮୩% ମଧୁର ଜଳ ରହିଛି, ଯାହା ୧୪୫ କୋଟି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ସର୍ବନିମ୍ନ ଚାହିଦା ୧୭୦୦ ଘନମିଟର ହୋଇଥିବା ବେଳେ ସମ୍ପ୍ରତି ଭାରତରେ ମୁଣ୍ଡପିଛା ଜଳ ପରିମାଣ ୧୪୮୬ ଘନମିଟର। ତେଣୁ ଦେଶର ପ୍ରାୟ ୬୦ କୋଟି ଲୋକ ଜଳ କଷ୍ଟ ଅନୁଭବ କରୁଛନ୍ତି। ନିତି ଆୟୋଗ ରିପୋର୍ଟ ଅନୁସାରେ ୨୦୩୦ ବେଳକୁ ଆମର ଜଳ ଚାହିଦା ଦୁଇଗୁଣ ହେବ। ତେଣୁ ଏପରି ଜଳସଙ୍କଟର ମୁକାବିଲା କରିବା ପାଇଁ କେତେକ ରଣନୀତି ଆବଶ୍ୟକ। ବିଶେଷକରି ଦେଶର ଜଳସମ୍ପଦ ପରିଚାଳନା ଓ ଖାଦ୍ୟ ନିରାପତ୍ତା ପାଇଁ ଜାତୀୟ ନୀତି ପ୍ରଣୟନ କରିବା ବେଳେ 'ଜଳ ପଦଚିହ୍ନ' ଓ 'ଆଭାସୀ ଜଳ' ବାଣିଜ୍ୟ ବିଷୟରେ ଅନୁଶୀଳନ ଆବଶ୍ୟକ।

'ଆଭାସୀ ଜଳ' ବା 'ଭର୍ଚୁଆଲ ୱାଟର' କହିଲେ ଉତ୍ପାଦନଚକ୍ର ମଧ୍ୟରେ ଉତ୍ପାଦନ ପାଇଁ ବିନିଯୋଗ ହେଉଥିବା ଜଳ ପରିଣାମ ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଶେଷପର୍ଯ୍ୟନ୍ତ ରହୁଥିବା ଜଳକୁ ବୁଝାଯାଏ। ସାଧାରଣତଃ ଶସ୍ୟଗୁଡ଼ିକରେ ୧୫% ଜଳ ରହିଲା ବେଳେ ପନିପରିବାରେ ୮୫% ଓ ଫଳରେ ୭୫% ଜଳ ରହିଯାଏ। 'ଜଳ ପଦଚିହ୍ନ' ହେଉଛି ମୋଟ ବ୍ୟବହୃତ ଜଳ ପରିମାଣ, ଯାହାକୁ ଫସଲ ଜୀବନ କାଳରେ ବ୍ୟବହାର କରେ। ଏହି 'ଜଳ ପଦଚିହ୍ନ' ସବୁଜ, ନୀଳ ଓ ଧୂସର ହୋଇଥାଏ। ସବୁଜ ଜଳ ମାଟି ମଧ୍ୟରେ କିମ୍ବା ଜଙ୍ଗଲ ଗଛଲତା ଭିତରେ ଥାଏ। ନୀଳ ଜଳ ଆମେ ସମୁଦ୍ର, ହ୍ରଦ, ନଦୀ ଓ ବିଭିନ୍ନ ଜଳସ୍ରୋତରେ ଦେଖୁ, ଯାହାକୁ ଆମେ କୃଷି, ଶିଳ୍ପ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁ। ଯେଉଁ ଜଳ ଅପଶିଷ୍ଟ ହୋଇ ଦୂଷିତ ଜଳ ହିସାବରେ ନାଳ ନର୍ଦ୍ଦମାରେ ବହିଯାଏ ତାହାକୁ ଧୂସର ଜଳ କୁହାଯାଏ।

ଜଳ ପଦଚିହ୍ନ କୃଷି ପଦ୍ଧତି, ଜଳ ବିନିଯୋଗ ଦକ୍ଷତା, ସ୍ଥାନୀୟ ଜଳବାୟୁ ଉପରେ ନିର୍ଭର କରେ। ଏହାବ୍ୟତୀତ ଆଭାସୀ ବା ଭର୍ଚୁଆଲ ଜଳ ବିଭିନ୍ନ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ବସ୍ତୁରେ ଅଦୃଶ୍ୟ ଆକାରରେ ଥାଏ। ଆମେ ଖାଦ୍ୟ, ବସ୍ତ୍ର, ବିନିର୍ମାଣ ବା ମାନୁଫେକ୍‌ଚରିଂ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ବ୍ୟବହାର କରୁଥିବା ଜଳକୁ ଆଭାସୀ ବା ଭର୍ଚୁଆଲ ଜଳ ଭାବରେ ହିସାବ କରି ପାରିବା। ଆମ ଦେଶରେ ଚାଷ ହେଉଥିବା ଧାନଫସଲ ପାଇଁ ପ୍ରାୟ ୩୧୮୦୦ କୋଟି ଘନମିଟରର ଜଳ ବ୍ୟବହାର ହେଉଛି, ଯାହାକି ଦେଶର ମୋଟ ଜଳ ସମ୍ପଦର ୧୬.୬୭ ପ୍ରତିଶତ। ବିଭିନ୍ନ ଦ୍ରବ୍ୟ ରପ୍ତାନୀରେ ବିଦେଶକୁ ପ୍ରାୟ ୩୨୦୦ କୋଟି ଘନମିଟରର ଜଳ ରପ୍ତାନୀ ହେବା ସ୍ଥଳେ ଆମଦାନୀ ସାମାନ୍ୟ ହୋଇଥାଏ।

୧୯୯୦ ମସିହାରୁ ଏପରି ଆଭାସୀ ଜଳ ବିଷୟରେ ଆଲୋଚନା କରାଗଲା। ଉଦାହରଣ ସ୍ୱରୂପ, ଗୋଟିଏ ମକା (୫୦୦ ଗ୍ରାମ) ପାଇଁ ୪୫୦ ଲିଟର ପାଣି ଆବଶ୍ୟକ ଥିବା ବେଳେ ୩୦୦ ଗ୍ରାମ ମାଂସ ପାଇଁ ୪୫୦୦ ଲିଟର ପାଣି ଆବଶ୍ୟକ। ଏକ ଟନ୍ ଗହମ ଉତ୍ପାଦନ ପାଇଁ ୧୦୦୦-୧୩୦୦ ଘନମିଟର ଏବଂ ଚାଉଳ ଏକକିଲୋ ଉତ୍ପାଦନ ପାଇଁ ୩୪୦୦ ଲିଟର ଜଳ ଆବଶ୍ୟକ। ଗୋଟିଏ ପିଜା ପ୍ରସ୍ତୁତି ପାଇଁ ୧୨୬୦ ଲିଟର ଜଳ ଆବଶ୍ୟକ ଥିବା ବେଳେ ଗୋଟିଏ କାର୍ପାସ ଟି ଶାର୍ଟ ପାଇଁ ୨୭୦୦ ଲିଟର ପାଣି ବ୍ୟବହାର ହୋଇଥାଏ। ଦେଶ-ଦେଶ ମଧ୍ୟରେ ଯେଉଁ ଖାଦ୍ୟ ଓ ଅନ୍ୟ ଉତ୍ପାଦ ରପ୍ତାନୀ ଓ ଆମଦାନୀ କରାଯାଏ ତାହାକୁ 'ଆଭାସୀ ଜଳ ବାଣିଜ୍ୟ' ବା 'ଭର୍ଚୁଆଲ ୱାଟର ଟ୍ରେଡ୍' କୁହାଯାଏ। ଉଦାହରଣ ସ୍ୱରୂପ ଆମେ କୌଣସି ଦେଶକୁ ଏକ ଟନ୍ ଗହମ ରପ୍ତାନୀ କଲେ ଆମ ଦେଶର ୧୩୦୦ ଘନମିଟରର ଆଭାସୀ ଜଳ ରପ୍ତାନୀ ଆକାରରେ ବିଦେଶକୁ ଚାଲିଗଲା। ଅନ୍ୟପକ୍ଷରେ ଆମେ ଯଦି ଏକ ଟନ ଗହମ ଆମଦାନୀ କଲେ ତାହାହେଲେ ଆମେ ୧୩୦୦ ଘନମିଟରର ଜଳ ସଞ୍ଚୟ କଲେ। ସୁତରାଂ ଗୋଟିଏ ଦେଶ ଅନ୍ୟ ଏକ ଦେଶରୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଆମଦାନୀ କରିବା ଅର୍ଥ ହେଉଛି ସେହି ଦ୍ରବ୍ୟ ପାଇଁ ଅନ୍ୟ ଦେଶ ଯେଉଁ ଜଳ ବ୍ୟବହାର କରିଛି ତାହା ସିଏ ଆମଦାନୀ କଲେ। ଏହାହିଁ ହେଉଛି ଆଭାସୀ ଜଳ ବାଣିଜ୍ୟ କାରବାର। ଯେଉଁ ଦେଶରେ ଜଳସଂକଟ ଅଧିକ ଥାଏ ସେହି ଦେଶ ଅନ୍ୟ ଦେଶରୁ ଖାଦ୍ୟ ଇତ୍ୟାଦି ଆମଦାନୀ କରିବାକୁ ପସନ୍ଦ କରିବେ। ଜାପାନ ବାହାର ଦେଶର ଖାଦ୍ୟ ଆମଦାନୀ କରି ନିଜ ଦେଶର ଜଳସଞ୍ଚୟ କରୁଛି।

ଏପରି ଆଭାସୀ ଜଳ ବାଣିଜ୍ୟ କାରବାରରେ କେତେକ ଫାଇଦା ମିଳିଥାଏ। ପ୍ରଥମରେ ଦେଶରେ ଜଳସଂକଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହା ଏକ ଉତ୍ତମ ମାର୍ଗ। ଦ୍ୱିତୀୟରେ ଦେଶରେ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅଧିକ ଜଳ ବ୍ୟବହାର କରୁଥିବା ଖାଦ୍ୟ ଯଥା: ଚାଉଳ, ମାଂସ ଇତ୍ୟାଦି ଅନ୍ୟ ଦେଶରୁ ଆମଦାନୀ କଲେ ଖାଦ୍ୟ ନିରାପତ୍ତା ସହଜରେ ହାସଲ ହୋଇ ପାରିବ। ତୃତୀୟରେ ଜଳ ସଙ୍କଟ ପରିଚାଳନା ପାଇଁ କେତେକ ଦେଶ କମ୍ ଜଳ ଆବଶ୍ୟକ କରୁଥିବା ଦ୍ରବ୍ୟ ଉତ୍ପାଦନ କରିବାରେ ପାରଙ୍ଗମ ହେବା ଦ୍ୱାରା ଅର୍ଥନୈତିକ ପ୍ରଗତି ହାସଲ ହୋଇଥାଏ। ବିନିର୍ମାଣ କ୍ଷେତ୍ରରେ ବିଭିନ୍ନ ବସ୍ତୁ ତିଆରି କରାଯାଇ ବିଦେଶକୁ ରପ୍ତାନୀ କରାଯାଏ। ଏହି ଦ୍ରବ୍ୟଗୁଡ଼ିକ ମାଧ୍ୟମରେ ଆଭାସୀ ଜଳ ବିଦେଶକୁ ରପ୍ତାନୀ କରାଯାଏ। ଅନ୍ୟାନ୍ୟ ସେବା କ୍ଷେତ୍ରରେ (ପର୍ଯ୍ୟଟନ ଇତ୍ୟାଦି) ମଧ୍ୟ ବହୁଳ ଭାବରେ ଜଳ ବିନିଯୋଗ ହୁଏ। ପର୍ଯ୍ୟଟକମାନେ ଯେଉଁ ଦ୍ରବ୍ୟ ବ୍ୟବହାର କରନ୍ତି ସେଥିରେ ମଧ୍ୟ ବହୁ ପରିଣାମରେ ଆଭାସୀ ଜଳ ରହିଥାଏ।

ଆଭାସୀ ଜଳ ବାଣିଜ୍ୟରେ ସୀମିତ ଜଳସମ୍ପଦ ଥିବା ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ। ବିଭିନ୍ନ ବସ୍ତୁ ନିର୍ମାଣ ବେଳେ ଯେଉଁ ଜଳ ବ୍ୟବହାର ହୁଏ ତାହା ପରିବେଶ ପ୍ରଦୂଷଣ କରିପାରେ ଏବଂ ଜଳସମ୍ପଦ ହ୍ରାସ କରିପାରେ। ଜଳସଙ୍କଟ ଅଞ୍ଚଳକୁ ପ୍ରଚୁର ଜଳସମ୍ପଦ ଥିବା ଅଞ୍ଚଳରୁ ଅଧିକ ଜଳ ଖର୍ଚ୍ଚ କରୁଥିବା ସମାଗ୍ରୀ ଆମଦାନୀ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବୈଷମ୍ୟ ଦେଖାଯିବା ସ୍ୱାଭାବିକ। ଭାରତ ଆମେରିକା, ସ୍ପେନ୍, ମାଲେସିଆ, ରୁଷିଆ, ଥାଇଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଅନେକ ଦ୍ରବ୍ୟ ରପ୍ତାନୀ କରୁଥିବାରୁ ଆମ ଦେଶରୁ ବହୁ ପରିଣାମରେ ଜଳ ବିଦେଶକୁ ଚାଲିଯାଉଛି।

କହିବା ବାହୁଲ୍ୟ ଯେ ଆଭାସୀ ଜଳ ବାଣିଜ୍ୟ ଏକ ଜଟିଳ ବିଷୟ, ଯାହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହୁଛି। ଦେଶର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଜଳସମ୍ବଳ ପରିଚାଳନା ନିମନ୍ତେ ଏହାକୁ ଏକ ସାଧନ ହିସାବରେ ବ୍ୟବହାର କରାଯାଇ ପାରିବ। ପରିବେଶ ସମସ୍ୟା ଓ ଜଳସଙ୍କଟ ସମାଧାନ ପାଇଁ ଏହାକୁ ସତର୍କତାର ସହିତ ପରିଚାଳନା କରିବା ମଧ୍ୟ ଆବଶ୍ୟକ। ଆଭାସୀ ଜଳ ବାଣିଜ୍ୟ କ୍ଷେତ୍ରରେ କେତେକ ବ୍ୟକ୍ତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଆମେ ସର୍ବଦା ନୂତନ ବସ୍ତ୍ର ପରିଧାନ ନକରି ପୁରୁଣା ବସ୍ତ୍ରକୁ ପରିଷ୍କାର କରି ପିନ୍ଧିପାରିବା। ଏହାଦ୍ୱାରା ବସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ଜଳ ବ୍ୟବହାର ହ୍ରାସ ପାଇବ। ଅଧିକ ଜଳ ଆବଶ୍ୟକ କରୁଥିବା ଖାଦ୍ୟଶସ୍ୟ ବଦଳରେ ଆମେ ଅଧିକ ପନିପରିବା ଖାଇ ପାରିବା। ଘରେ କମ୍ ବିଜୁଳି ଶକ୍ତି ଆବଶ୍ୟକ କରୁଥିବା ଉପକରଣ ବ୍ୟବହାର କରିପାରିବା। କୌଣସି ତରଳ ପଦାର୍ଥକୁ ସାଇତି ରଖିବା ପାଇଁ ନୂଆ ବୋତଲ ପରିବର୍ତ୍ତେ ପୁରୁଣା ବୋତଲ ବ୍ୟବହାର କରି ପାରିବା। ରାସ୍ତାରେ ପରିବହନ ପାଇଁ ଗାଡ଼ି ବଦଳରେ ଯଥାସମ୍ଭବ ସାଇକେଲ କିମ୍ବା ସର୍ବସାଧାରଣ ଗାଡ଼ି ବ୍ୟବହାର କରିପାରିବା। ସୁତରାଂ ଆଭାସୀ ଜଳବାଣିଜ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ।

ଆଭାସୀ ଜଳ ସମସ୍ୟା ସମାଧାନ ପାଇଁ କେତେକ ପଦକ୍ଷେପ ନିଆ ଯାଇପାରେ। ଏଥିପାଇଁ ଜଳ ପରିଚାଳନାରେ ଉନ୍ନତି, ସେଚଜଳର ଦକ୍ଷତା ବୃଦ୍ଧି, ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ପରିବର୍ତ୍ତନ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଥମ ରଣନୀତି ହିସାବରେ ଜଳ ପରିଚାଳନା ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ କୃଷି କ୍ଷେତ୍ରରେ ଜଳ ଅପଚୟ ହ୍ରାସ ଏବଂ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ପ୍ରଣାଳୀ ଅନୁସରଣ ଆବଶ୍ୟକ। ଦ୍ୱିତୀୟ ରଣନୀତି ହିସାବରେ ଜଳ ମହଜୁଦ ଓ ପୁନଃଭରଣା ପାଇଁ ନଦୀରେ ଜଳଭଣ୍ଡାର, ନଦୀ ବନ୍ଧ ଓ ବ୍ୟାରେଜ ନିର୍ମାଣ , ଭୂତଳ ଜଳପତ୍ତନ ବୃଦ୍ଧି ପାଇଁ ପୁନଃଭରଣ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ ପୁନଃବିନିଯୋଗ ଓ ପୁନଃଚକ୍ରିକରଣ ନିମନ୍ତେ ଅପଶିଷ୍ଟ ଜଳକୁ ଉପଚାର କରି ଜଳସେଚନ କିମ୍ବା ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଚତୁର୍ଥତଃ, ଜଳବଣ୍ଟନ ପ୍ରଣାଳୀରେ ଜଳ ଯେପରି ପାଇପ୍ ରୁ ବାହାରି ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପଞ୍ଚମରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ପାଇଁ ଗୋଷ୍ଠୀଭିତ୍ତିକ ଜଳଅମଳ ଓ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। କୃଷିକ୍ଷେତ୍ରରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଇତ୍ୟାଦି ଫସଲ ପରିବର୍ତ୍ତେ ଡାଲି ଫସଲ ଓ ତୈଳବୀଜ ଇତ୍ୟାଦି ଫସଲ ଚାଷକରିବା ଆବଶ୍ୟକ। ଏହା ସହିତ ଜଳବାୟୁ ସହନଶୀଳ କୃଷିପଦ୍ଧତି ହିସାବରେ ଫସଲ ଓ ବିହନ ପରିବର୍ତ୍ତନ, ସଠିକ୍ ପ୍ରଣାଳୀରେ ଜଳସେଚନ, ଜୈବିକକୃଷି, ସମ୍ମିଳିତ ପୋଷକ ଯୋଗାଣ, ଅଙ୍ଗାର ପୃଥକୀକରଣ ପାଇଁ କୃଷି ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ, ନିର୍ମାଣ, ଗୃହ, ଅନୁଷ୍ଠାନ ଇତ୍ୟାଦି ସ୍ଥଳରେ ଜଳସଞ୍ଚୟ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଅତି ଜରୁରୀ। ଏଥିପାଇଁ ଗୋଷ୍ଠୀ ସମ୍ପ୍ରଦାୟକୁ ଶିକ୍ଷା ଓ ସଚେତନତା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଭାରତର ଅମୋଘ ବାୟୁ ପ୍ରତିରକ୍ଷା କବଚ

**ନିକୁଞ୍ଜ ବିହାରୀ ସାହୁ**

ଅପରେସନ୍ ସିନ୍ଦୂରର ପ୍ରତିକ୍ରିୟାରେ ପାକିସ୍ତାନ ଭାରତୀୟ ସହର ଓ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର, ରକେଟ୍ ଓ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭାରତର ରୁଷିଆ ନିର୍ମିତ ଏସ୍୪୦୦ ଅମୋଘ ପ୍ରତିରକ୍ଷା ପ୍ରଣାଳୀ ସେସବୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଭାରତର ଧନଜୀବନକୁ ସୁରକ୍ଷିତ ରଖିଥିଲା। ଏହାପରେ ଏସ୍୪୦୦କୁ ନେଇ ଭାରତ ଓ ଭାରତ ବାହାରେ ଅନେକ ଚର୍ଚ୍ଚା ହେଉଛି।

ଏସ୍୪୦୦ ମୁଖ୍ୟତଃ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ଆକାଶମାର୍ଗରେ ଶତ୍ରୁ ପକ୍ଷରୁ ହେଉଥିବା ବାଲଷ୍ଟିକ କିମ୍ବା କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍, ରକେଟ ଓ ଲଢୁଆ ବିମାନ ଆଦି ଜରିଆରେ ହେଉଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥାଏ। ଏହାର ମୂଳ ନାମ ଟ୍ରାୟମ୍ପ। ଏହାର ବିକାଶ ନିମନ୍ତେ ୧୯୯୧ରେ ତତ୍କାଳୀନ ସୋଭିଏତ ରୁଷ୍ ସରକାର ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ସୋଭିଏତ୍ ସଂଘ ଭାଙ୍ଗିଯିବା ପରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ୧୯୯୩ ମସିହାରେ ରୁଷୀୟ ବାୟୁସେନା ଏହି ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ କରି ୧୯୯୯ ମସିହାରେ ସଫଳତାର ସହିତ ପରୀକ୍ଷଣ କରିଥିଲା ଏବଂ ୨୦୦୭ ମସିହାରେ ବାୟୁସେନାରେ ସାମିଲ୍ କରାଯାଇ ଯୁଦ୍ଧକ୍ଷେତ୍ରରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା। ରୁଷିଆର ଏଲମାଜ୍ ସେଣ୍ଟ୍ରାଲ ଡିଜାଇନ୍ ବ୍ୟୁରୋ ଦ୍ୱାରା ବିକଶିତ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ ବ୍ୟତୀତ ଚୀନ୍, ତୁର୍କୀ, ଆଲଜେରିଆ, ବେଲାରୁଷ ଓ ସିରିୟା ପାଖରେ ରହିଛି। ଏଭଳି ୫ଟି ପ୍ରଣାଳୀ ଯୋଗାଣ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୨୦୧୮ ମସିହାରେ ୪୦,୦୦୦ କୋଟି ଟଙ୍କା ବିନିମୟରେ ଚୁକ୍ତି ହୋଇଥିଲା। ସେଥି ମଧ୍ୟରୁ ୩ଟି ପ୍ରଣାଳୀ ଯୋଗାଣ ହୋଇ ସାରିଥିଲା ବେଳେ ଆଉ ୨ଟି ର ଯୋଗାଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ବିଳମ୍ବ ଘଟିଛି।

ଏସ୍. ୪୦୦ ପ୍ରତିରକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏହାର ଗତିଶୀଳତା। ସମଗ୍ର ପ୍ରଣାଳୀ ଏକ ଗତିଶୀଳ ଯାନ ଉପରେ ଅବସ୍ଥାପିତ ହୋଇ ଥିବାରୁ ଏହାକୁ ସହଜରେ ଲକ୍ଷ୍ୟସ୍ଥଳୀ ଅଭିମୁଖେ ପଠାଯାଇପାରିବ। ଏଥିରେ ଖଞ୍ଜା ଥିବା ରାଡାର ଏକସମୟରେ ୬୦୦ କି.ମି. ଦୂରରେ ଥିବା ଏବଂ ୧୭,୦୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିବା ଶତ୍ରୁପକ୍ଷର ଏକାଧିକ ବସ୍ତୁକୁ ଠାବ କରିପାରିବ ଏବଂ ନିର୍ଦ୍ଦେଶ ମିଳିବାର ମାତ୍ର ୫ ରୁ ୧୦ ମିନିଟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ଏକସମୟରେ ଶତ୍ରୁପକ୍ଷର ୧୬୦ ଟି ବାୟୁବାହିତ ବସ୍ତୁକୁ ଠାବ କରିପାରେ। ଏକାସଙ୍ଗରେ ୩୬ଟି ବସ୍ତୁକୁ ଧ୍ୱଂସ କରିବା ପାଇଁ ୭୨ଟି ଅସ୍ତ୍ର ପ୍ରୟୋଗ କରିପାରେ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀର ପ୍ରତିଟି ସ୍କ୍ୱାର୍ଡନରେ ୬ଟି ଲଞ୍ଚର, ଗୋଟିଏ ରାଡାର, ଗୋଟିଏ କମାଣ୍ଡ କେନ୍ଦ୍ର ଓ ୧୨୮ଟି ଅସ୍ତ୍ର ଥାଏ। ଏହାର ରାଡାର ବ୍ୟବସ୍ଥା ବହୁସ୍ତର ବିଶିଷ୍ଟ ଏବଂ ପ୍ରତ୍ୟେକ ସ୍ତର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅଭିପ୍ରେତ। ପ୍ରଣାଳୀର ନିର୍ଦ୍ଦେଶ ବା କମାଣ୍ଡ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସ୍ୱୟଂଚାଳିତ, ଡିଜିଟାଲ ଭିତ୍ତିକ ଏବଂ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଜାମ୍ ନିରୋଧୀ। ଏହା ପ୍ରଣାଳିର ମସ୍ତିଷ୍କ ସଦୃଶ। ଏହା ପକୃତ ସମୟରେ ରାଡାରରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ପରିଚାଳନା, ଅସ୍ତ୍ର ପ୍ରୟୋଗ ନିମନ୍ତେ ନିର୍ଦ୍ଦେଶ ଜାରି ତଥା ଏକାଧିକ ଲଞ୍ଚର ମଧ୍ୟରେ ସମନ୍ୱୟତା ରକ୍ଷା କରିଥାଏ। ଏହି ବ୍ୟବସ୍ଥା ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହାର କୌଣସି ଗୋଟିଏ ବିଭାଗ କିଛି କାରଣରୁ କାର୍ଯ୍ୟ ନକଲେ ସୁଦ୍ଧା ସମୁଦାୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଅପରିବର୍ତ୍ତିତ ରହିଥାଏ।

ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଅଲଗା ଅଲଗା ମାର୍ଗଦୂରତାର ସମୁଦାୟ ୪ଟି କ୍ଷେପଣାସ୍ତ୍ର ସାମିଲ ଥାଏ। ଏହି କ୍ଷେପଣାସ୍ତ୍ରସବୁ ଆବଶ୍ୟକତା ଅନୁସାରେ ଅର୍ଥାତ ଆକ୍ରମଣକାରୀ ବସ୍ତୁର ଦୂରତା ଓ ଉଚ୍ଚତା ଅନୁସାରେ କାର୍ଯ୍ୟକାରୀ ହୋଇଥା'ନ୍ତି ଏବଂ ସେଗୁଡ଼ିକ ଅତ୍ୟଧିକ ଉଚ୍ଚତାରେ ଦ୍ରୁତ ଧାବମାନ ବାଲଷ୍ଟିକ କ୍ଷେପଣାସ୍ତ୍ରଠାରୁ ଆରମ୍ଭକରି ନିମ୍ନ ଉଚ୍ଚତାରେ ଉଡୁଥିବା କ୍ରୁଜ କ୍ଷେପଣସ୍ତ୍ର କିମ୍ବା ଲୁଚି ଲୁଚି ଆସୁଥିବା ଷ୍ଟିଲଥ ବୋମାବର୍ଷୀ ବିମାନ ସହିତ ନିୟୋଜିତ ହୋଇପାରନ୍ତି। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତି-ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦ କି.ମି. ପର୍ଯ୍ୟନ୍ତ, ମଧ୍ୟମ ଦୂରଗାମୀ ଅସ୍ତ୍ର ର ମାରକସୀମା ୧୨୦ କି.ମି. ପର୍ଯ୍ୟନ୍ତ, ଦୂରଗାମୀ କ୍ଷେପଣାସ୍ତ୍ର ର ମାରକସୀମା ୨୫୦ କି.ମି. ପର୍ଯ୍ୟନ୍ତ ଏବଂ ଅତିଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଏକ ସର୍ବେଲାନ୍ସ ରାଡାର ସ୍ଥାନିତ ଥାଏ, ଯାହା ନିଜର କାର୍ଯ୍ୟକାରୀ କ୍ଷେତ୍ରର ଚତୁଃପାଶ୍ୱର୍ରେ ଏକ ସୁରକ୍ଷା ବଳୟ ନିର୍ଦ୍ଧାରଣ କରିଥାଏ। ଏହି ବଳୟ ମଧ୍ୟରେ ଶତ୍ରୁପକ୍ଷର କୌଣସି ବସ୍ତୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତାହାକୁ ଠାବ କରିଥାଏ ଏବଂ ତାହା ଏହି ସଙ୍କେତକୁ କମାଣ୍ଡ ଗାଡ଼ିକୁ ପ୍ରେରଣ କରିଥାଏ। ସଙ୍କେତ ମିଳିବା ମାତ୍ରେ ଗାଇଡେନ-ରାଡାର ବସ୍ତୁର ଅବସ୍ଥିତି ନିର୍ଭୁଲ ରୂପେ ନିରୂପଣ କରି ନିକଟତମ ଗାଡ଼ିରୁ ପ୍ରତିକ୍ଷେପଣାସ୍ତ୍ର ପ୍ରୟୋଗ ପୂର୍ବକ ଆକ୍ରମଣକାରୀ ବସ୍ତୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଦିଆଯାଏ। ଏଥିରେ ସ୍ଥାନିତ ଏଲ୍-ବ୍ୟାଣ୍ଡରେ କାର୍ଯ୍ୟ କରୁଥିବା ବିଗ୍ ବାର୍ଡ ରାଡାର ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷର ଟାର୍ଗେଟକୁ ଚିହ୍ନଟ କରିପାରେ। ଏସ୍-ବ୍ୟାଣ୍ଡରେ କାମ କରୁଥିବା ଅନ୍ୟ ଏକ ରାଡାରକୁ ଆକ୍ରମଣକାରୀ ବସ୍ତୁର ଉଚ୍ଚତା ନିର୍ଣ୍ଣୟ ତଥା କମ୍ ଉଚ୍ଚତାରେ ଉଡୁଥିବା ବସ୍ତୁକୁ ଟ୍ରାକିଂ କରିବା ପାଇଁ ସକ୍ଷମ। ଏହା ବ୍ୟତୀତ, ପ୍ରଣାଳୀର ଏକ ବିକଳ୍ପ ଭିଏଚ୍ଏଫ୍ ବ୍ୟାଣ୍ଡ ରାଡାର ମଧ୍ୟ ସ୍ଥାନିତ ଥାଏ, ଯାହା ଶତ୍ରୁପକ୍ଷର ଲୁଚି ଲୁଚି ଆସୁଥିବା ଗୁପ୍ତ ବିମାନକୁ ସହଜରେ ଚିହ୍ନଟ କରିପାରେ।

ଏହି ଦୁର୍ଦ୍ଧର୍ଷ ଓ ଅପରାଜେୟ ଏସ୪୦୦ ବ୍ୟବସ୍ଥାକୁ "ସୁଦର୍ଶନ ଚକ୍ର' ବୋଲି ଆଖ୍ୟା ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନଚକ୍ର ଯେପରି ନ୍ୟାୟର ପ୍ରତୀକ, ଏହି ପ୍ରତିରକ୍ଷା ପ୍ରଣାଳୀ ସେହିପରି ଶତ୍ରୁର ଅନ୍ୟାୟ ଆକ୍ରମଣରୁ ଦେଶ ଓ ନାଗରିକଙ୍କୁ ରକ୍ଷା କରି ଧର୍ମ ଓ ସୁଶାସନ ପ୍ରତିଷ୍ଠା ନିମନ୍ତେ ସଦାଚେଷ୍ଟିତ। ସୁତରାଂ ଏହି ପ୍ରତିରକ୍ଷା ପ୍ରଣାଳୀ ଆମ ବାୟୁସେନାର ଏକ ଅଭେଦ୍ୟ ଓ ଅମୋଘ ପ୍ରତିରକ୍ଷା କବଚ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମୋ: ୮୦୧୮୭୦୮୮୫୮

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ଅରଖ

## ପ୍ରକୃତି-ପରିବେଶ

ଆମର ଅତି ପରିଚିତ 'ଅରଖ'ର ଅନ୍ୟ ନାମ ହେଉଛି ମୁକୁଟ ଫୁଲ। ଭାରତ, ଚୀନ୍, କାମ୍ବୋଡିଆ, ଭିଏତନାମ, ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ନେପାଳରେ ଏହା ଏକ ସ୍ଥାନୀୟ ଗୁଳ୍ମ ଜାତୀୟ ଉଦ୍ଭିଦ। ୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବଡ଼ ବୁଦାଜାତୀୟ ଉଦ୍ଭିଦ ଶୁଷ୍କ, ପଥୁରିଆ ମାଟିରେ ବଢ଼ିବା ସହିତ ପ୍ରାୟତଃ ମରୁଭୂମି, ରାସ୍ତାକଡ଼ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ। ଫୁଲ ଗୁଡ଼ିକ ଧଳା କିମ୍ବା ବାଇଗଣି ରଙ୍ଗର। ଏହାକୁ ବୈଜ୍ଞାନିକ ଭାଷାରେ ଗାଇନୋଷ୍ଟେଜିୟମ୍ କୁହାଯାଏ। ଏହାର ଫଳ ଲୋମଶ ବିହନ ସହିତ ଏକ ଯୋଡ଼ା ଫୋଲିକଲ୍, ଯାହା ଶୁଖିଗଲେ ପବନ ଦ୍ୱାରା ବିସ୍ତାରିତ ହୁଏ। ଫୁଲ ଏବଂ ଫଳ ଧରିବା ସମୟ ସାଧାରଣତଃ ନଭେମ୍ବରରୁ ଏପ୍ରିଲ ମାସ।

ଆୟୁର୍ବେଦରେ ଶ୍ୱାସରୋଗ ଜୀବାଣୁ ସଂକ୍ରମଣ, ଲାଲ ଫୁଲା, ଘାଆ, ଯକୃତ ଓ ପ୍ଲୀହା ରୋଗ, ଚର୍ମ ରୋଗ, ଅଜୀର୍ଣ୍ଣ, ରକ୍ତ ସଂଚାଳନରେ ବିଭ୍ରାଟ, ସ୍ନାୟୁରୋଗ, ଜ୍ୱର, ବାନ୍ତି, ହଇଜା. ଭାତୁଡ଼ି, ଅନ୍ତନାଳୀ ଘାଆ, କୃମି, କୋଷ୍ଠକାଠିନ୍ୟ, କୁଷ୍ଠ ରୋଗ ଆଦି ଚିକିତ୍ସାରେ ଅରଖର ବିଭିନ୍ନ ଅଂଶ ଆବଶ୍ୟକ ଅନୁସାରେ ବ୍ୟବହୃତ ହୁଏ। ଅରଖର କ୍ଷୀର ରସ ଗଣ୍ଠିବାତ ରୋଗ, ମାଂସ ପେଶୀ ଯନ୍ତ୍ରଣା, କର୍କଟ ରୋଗ ଓ ସାପ କାମୁଡ଼ା ଚିକିତ୍ସା ପାଇଁ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ। ଏଥିରେ ଗଛିତ ଥିବା ରାସାୟନିକ ଦ୍ରବ୍ୟ କ୍ୟାଲୋଟ୍ରୋପିନକୁ ଗର୍ଭନିରୋଧକ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଅରଖର ଏକ ପ୍ରଭାବଶାଳୀ କବକନାଶକ ଏବଂ କୀଟନାଶକ ଗୁଣ ରହିଥିବା ବିଷୟରେ ମଧ୍ୟ ସୂଚନା ରହିଛି। ଅରଖ ରସ ଅନେକ ଶସ୍ୟର ଅଙ୍କୁରୀକରଣ ଏବଂ ଚାରା ବର୍ଦ୍ଧକ ଶକ୍ତିକୁ ପ୍ରଭାବିତ କରେ।

ମୂଳତଃ ଅରଖ ଏକ ବିଷାକ୍ତ ଉଦ୍ଭିଦ। ଏଥିରେ ଗଛିତ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକ ହେଉଛି ଉସଚାରିନ, କାଲୋଟକ୍ସିନ୍, କାଲାକ୍ଟିନ୍ ଓ କାଲୋଟ୍ରୋପିନ୍। ଅରଖର ଲାଟେକ୍ସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍, ଫ୍ୟାଟି ଏସିଡ୍ ଓ କ୍ୟାଲସିୟମ୍ ଅକ୍ସାଲେଟ୍ ଥାଏ। ଏହାର ମୂଳରେ କାଲୋଟ୍ରୋପୋନ୍ ମଧ୍ୟ ଥାଏ। ପତ୍ର ଓ କାଣ୍ଡକୁ ସାମାନ୍ୟ ଆଘାତ କିମ୍ବା ଛୁରୀରେ କାଟିଲେ ଘନ କ୍ଷୀର ଭଳି ରସ ବା ଲାଟେକ୍ସ ନିଷ୍କାସନ ହୋଇ ବାହାରିଥାଏ। ଏହି ରସକୁ ତୀର ଦେହରେ ବୋଳି ବିଷ ଭାବରେ ପଶୁ ଶିକାର ପାଇଁ ବ୍ୟବହାର କରାଯାଏ। ମଣିଷ ପାଇଁ ମଧ୍ୟ ଏହା ବିଷାକ୍ତ ଓ ପ୍ରାଣନାଶକ। ଅରଖର ଲାଟେକ୍ସ ଚକ୍ଷୁ ସଂସ୍ପର୍ଶରେ ଆସିଲେ ବ୍ୟକ୍ତି କେରାଟୋକଞ୍ଜଙ୍କଟିଭାଇଟିସ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଏହା ସଂସ୍ପର୍ଶରେ ଆସିବା ଫଳରେ ଚର୍ମ ଲାଲ ପଡ଼ିଯାଏ ଏବଂ ଭେସିକେସନ୍ ବା ପାଣି ଫୋଟକା ସୃଷ୍ଟି କରେ। ତେଣୁ ଶିଶୁମାନଙ୍କୁ ଅରଖ ଗଛ ଠାରୁ ଦୂରେଇ ରଖିବାକୁ ହେବ।

ଜାପାନୀ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ପାଇଁ ବାହକ ଭାବରେ କାର୍ଯ୍ୟ କରୁଥିବା କୁଲେକ୍ସ ମଶା ନିୟନ୍ତ୍ରଣ କରିବା ପାଇଁ ଅରଖ ଦକ୍ଷ ଶକ୍ତି ଗୁଣ ପ୍ରଦର୍ଶନ କରୁଥିବା ପ୍ରମାଣ କରାଯାଇଛି। ଅରଖର କାଣ୍ଡରୁ ଏକ ପ୍ରକାର ଦୀର୍ଘ ସ୍ଥାୟୀ ତନ୍ତୁ ଉତ୍ପାଦନ ହୁଏ, ଯାହା ଦଉଡ଼ି, କାର୍ପେଟ, ମାଛ ଧରିବା ଜାଲ ଏବଂ ସିଲାଇ ସୂତା ପାଇଁ ଉପଯୋଗୀ ଅଟେ। ବିହନ ସହିତ ସଂଲଗ୍ନ ଥିବା ପଶମ ସୂତା ବା ତନ୍ତୁ, ତକିଆ, ଶେଜ ଇତ୍ୟାଦିରେ ଷ୍ଟଫିଂ ଭାବରେ ବ୍ୟବହାର କରାଯାଏ। ଅରଖ ରସ ଏବଂ ଲୁଣର ମିଶ୍ରଣରୁ କିଣ୍ୱନ ପ୍ରକ୍ରିୟାରେ ଉତ୍ପନ୍ନ ଉପାଦାନ ଛେଳି ଓ ମେଣ୍ଢା ଚମଡ଼ାରୁ କେଶ ବାହାର କରି ସେମାନଙ୍କ ଚମଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଏ, ଯାହା ଶସ୍ତା ବହି ବାଇଣ୍ଡିଂ ପାଇଁ ବହୁଳ ବ୍ୟବହୃତ ହୁଏ। ଅରଖ ଇକୋସିଷ୍ଟମ ବା ପ୍ରାକୃତିକ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପ୍ରଜାପତି ଏବଂ ପରାଗକ ପାଇଁ ଏକ ମୂଳ ଉଦ୍ଭିଦ। ଜଳବାୟୁର ଯେ କୌଣସି ପରିସ୍ଥିତିରେ ଏହା ବଞ୍ଚିପାରେ।

ଭାରତରେ ମରାଠା ସଂସ୍କୃତି ଦ୍ୱାରା ଟୋଟେମ୍ ବା ପ୍ରତୀକ ଭାବରେ ବ୍ୟବହୃତ ପାଞ୍ଚଟି ଭିନ୍ନ ପତ୍ରର ଏକ ରୀତିଗତ ସଂଗ୍ରହ। ଶିବ ପୁରାଣ ଅନୁସାରେ, ଅରଖ ଫୁଲ ଭଗବାନ ଶିବଙ୍କର ବହୁତ ପସନ୍ଦର ଫୁଲ। ଅରଖ ମଧ୍ୟ ନଅଟି ଜ୍ୟୋତିଷ ଗଛ (ନବଗ୍ରହ ଗଛ) ର ଏକ ପ୍ରମୁଖ ଅଂଶ। ଅରଖ ଫୁଲକୁ ଉତ୍ତର-ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ହାୱାଇର ରାଣୀ ଲିଲିଉକଲାନି ପସନ୍ଦ କରିଥିଲେ, ଯିଏ ଏଗୁଡ଼ିକୁ ରାଜକୀୟତାର ପ୍ରତୀକ ବୋଲି ବିବେଚନା କରୁଥିଲେ ଏବଂ ସେଗୁଡ଼ିକୁ ମାଳା କରି ବାନ୍ଧି ବେକରେ ପିନ୍ଧୁଥିଲେ। କାମ୍ବୋଡିଆରେ ଏଗୁଡ଼ିକୁ କଳସ କିମ୍ବା ଅନ୍ତିମ ସଂସ୍କାରରେ ବ୍ୟବହାର କରାଯାଏ। ଇଣ୍ଡୋନେସିଆରେ ଏହାର ଫୁଲକୁ ୱିଦୁରି କୁହାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

# ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ,୨୫।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ରବିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏଁ ଚକ ବାକି ଅଛି। ମହାରଣା ସେବକମାନେ ବଳକା ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସୋମବାର ଭୋଇ ସେବକମାନେ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣା ସମ୍ପନ୍ନ କରିଛନ୍ତି। ଏହି ଚଉତା କାଠଗୁଡ଼ିକରେ ୫ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ୪ଟି ଯୋକା ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ଏହି ୧୮ ଫୁଟିଆ ଯୋକା ପ୍ରତ୍ୟେକ ରଥର ଅଖ, କୁଡୁକା, ଗୟଳ ଏବଂ ନିରାଡିକୁ ମଜଭୁତ୍ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ସେହିପରି ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡ଼ିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ରୂପକାରମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ ଓ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡ଼ିଆ ଅଗ ପାତେଳି କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି।

# ମୌସୁମୀ ଆସିଲା; ଚାଷୀଙ୍କୁ ମିଳିଲାନି ବିହନ

ଭୁବନେଶ୍ୱର,୨୫।୫(ସମିସ): ଏଥର ସଅଳ ଆସିଛି ମୌସୁମୀ। ରାଜ୍ୟବ୍ୟାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଆଉ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଚାଷୀ। ଜମିକୁ ହଳ କରି ଚାଷ ପାଇଁ ପ୍ରସ୍ତୁତ କରିସାରିଲାଣି। ହେଲେ ରାଜ୍ୟବ୍ୟାପୀ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ବିହନ ଠିକ୍ ଭାବେ ମିଳୁନି। ପ୍ରାୟ ଅଧା ଚାଷୀଙ୍କ ପାଖରେ ବିହନ ପହଞ୍ଚି ନ ଥିଲାବେଳେ ସାର ବି ଏପର୍ଯ୍ୟନ୍ତ ଆସିନି। ଫଳରେ ଆରମ୍ଭରୁ ଚିନ୍ତାରେ ପଡ଼ିଲାଣି ଚାଷୀ। ଏପଟେ କୃଷି ଅଧିକାରୀ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ବ୍ୟସ୍ତ ଥିବାବେଳେ ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଦେଶ ଗସ୍ତରେ ବୁଲୁଛନ୍ତି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶରେ ଅଧିକାଂଶ ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଧାରୁ ଅଧିକ ଜମିକୁ ଜଳସେଚିତ ସୁବିଧା ନ ଥିବାରୁ ରବିରେ ଚାଷବାସ ପ୍ରାୟ ହୁଏନି। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ଭଲ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ରଜ ପରେ ପରେ ବୁଣାବୁଣି ଆରମ୍ଭ ହେବ। ଧାନ ସହିତ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ବିହନ ପକାଇବେ ଚାଷୀ। ରାଜ୍ୟର ୩୦ ଜିଲ୍ଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ପ୍ରାୟ ୨୦ ପ୍ରତିଶତ ଜମିରେ ଡାଲିଜାତୀୟ ଓ ୧୦ ପ୍ରତିଶତ ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ସରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ



■ ନିଗମରେ ଅଛି; ପାକ୍ସରେ ପହଞ୍ଚୁନି
■ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଧିକାରୀ, ଚାଷୀଙ୍କୁ ପଚାରେ କିଏ?

ପହଞ୍ଚିପାରୁନି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚିନି। କିଛି ପ୍ୟାକ୍ସ ବିହନ ନେଇ ନ ଥିବାରୁ ସମସ୍ୟା ହୋଇଛି। ପୁଣି ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ବିହନ ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ମଧ୍ୟ ହତାଶ ହୋଇଛନ୍ତି। ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

ସୂଚନାନୁସାରେ, ଖରିଫରେ ଓଡ଼ିଶା ଚାଷୀଙ୍କୁ ୧୧ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥାଏ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ କିନ୍ତୁ ୨୦ କେଜି ବିହନରେ ଆବଶ୍ୟକତା ପୂରଣ ହେଉଛି। ତେଣୁ ଚାହିଦା ୧୫ ଲକ୍ଷରୁ ୧୦ ଲକ୍ଷ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଏଥିରୁ ୪ ଲକ୍ଷ କ୍ୱିଣ୍ଟାଲ ବିହନ ନିଗମ ଦେଇଥାଏ। ନିଗମ ପାଖରେ ବିଭିନ୍ନ କିସମର ବିହନ ଥିବାବେଳେ ଏମକ୍ୟୁ୧୨୧୦, ଏମକ୍ୟୁ୧୨୨୬, ସ୍ୱର୍ଣ୍ଣ, ଶକ୍ତି ଆଦି ବିହନର ଅଧିକ ଚାହିଦା ରହିଛି। କାରଣ ଏହାର ଉତ୍ପାଦନ ହେକ୍ଟର ପିଛା ୪ରୁ ୫ଟନ୍। ହେଲେ ଏହି ବିହନ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନି। ତେଣୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜର ସଂରକ୍ଷିତ ବିହନକୁ ମଧ୍ୟ ବ୍ୟବହାର କରୁଛନ୍ତି। ଆଉ କିଛି ଚାଷୀ କମ୍ପାନିର ହାଇବ୍ରିଡ ବିହନ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏହି ବିହନ ଅଧିକାଂଶ ସମୟରେ ଗଜା ହୋଇନଥାଏ। ଫଳରେ ଚାଷୀ କ୍ଷତି ସହିଥାଏ। ତେଣୁ କୃଷି ବିଭାଗ ପକ୍ଷରୁ ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସି ଗୁଡ଼ିକର ଯାଞ୍ଚ କରିଥାଏ। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏବେ ସରକାରୀ ବିହନ ମିଳିବାରେ ସମସ୍ୟା ହେଲେ ଚାଷୀ ଠକାମୀର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଥିଲେ ମଧ୍ୟ କିଛି ପାକ୍ସ ବିଳମ୍ବରେ ବିହନ ଉଠାଉଥିବାରୁ ସମସ୍ୟା ହୋଇଛି। ଯେଉଁ ପ୍ୟାକ୍ସରେ ବିହନ ମିଳୁଛି ଚାଷୀମାନେ ତାହା ସଂଗ୍ରହ କରୁଛନ୍ତି। ଯେଉଁ ଅଞ୍ଚଳରେ ପ୍ୟାକ୍ସ ବିହନ ନେଇନାହାନ୍ତି, ସେଠାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।

ବିହନ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଗମ ପାଖରେ ପର୍ଯ୍ୟାପ୍ତ ପରିମାଣର ବିହନ ମହଜୁଦ୍ ରହିଛି। କିନ୍ତୁ ଅନେକ ପାକ୍ସ ବିହନ ନେଇନାହାନ୍ତି। ସପ୍ତାହେ ଭିତରେ ବିହନ ସବୁ ଅଞ୍ଚଳରେ ପହଞ୍ଚିଯିବ। ଏପଟେ ଆରମ୍ଭରୁ ରାସାୟନିକ ସାର ଅଭାବ ଦେଖା ଦେଲାଣି। ଅଧାରୁ ଅଧିକ ପ୍ୟାକ୍ସ କେଜିଏ ହେଲେ ବି ସାର ପାଇନାହାନ୍ତି। ଉଦ୍‌ବେଗର ବିଷୟ, କେତେ ସାର ଦରକାର ସେଥିନେଇ ତାଲିକା ଏୟୁସିସି ବ୍ୟାଙ୍କ ପକ୍ଷରୁ ମାର୍କଫେଡ୍‌କୁ ଦିଆଯାଇନି। ଏଣୁ ଏଥର ସାର ଯୋଗାଣ ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଅଧିକାରୀ ଚାଷୀଙ୍କ ଏ ସମସ୍ୟାର ସମାଧାନ କରି ଚାଷ କାର୍ଯ୍ୟ ପାଇଁ ସଅଳ ବିହନ ଓ ସାର ଯୋଗାଇବା ପରିବର୍ତ୍ତେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଗୁଣଗାନରେ ମାତିଛନ୍ତି। ତେଣୁ ପ୍ରାକ୍ ବର୍ଷା ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ମୁହଁରେ ଖୁସି ଫୁଟି ପାରିନାହିଁ।

ଅବକାରୀ ରାଜସ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ

# ଅବକାରୀ ଆଭିମୁଖ୍ୟ: କାଠଗଡ଼ାରେ ସରକାର

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଆସନ୍ତା ୩୧ ତାରିଖରୁ ବିଧିବଦ୍ଧ ଭାବେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସରକାର ଲୋକଙ୍କୁ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଜୁନ୍ ୨୬ ତାରିଖ ଯାଏଁ ପ୍ରତି ଗାଁରେ ଦାସକାଠିଆ, ଘୋଡା ନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ତେବେ ସରକାରଙ୍କ ଏହି ଅଭିଯାନର ଆନ୍ତରିକତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଅବକାରୀ ରାଜସ୍ୱ ହାସଲ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବିଅରଠାରୁ ଆରମ୍ଭ କରି ବିଦେଶୀ ମଦ ବିକ୍ରି ବଢ଼ୁଛି। ସେହିପରି ଯଅ, ମାଣ୍ଡିଆ ଓ ବାଜରା ଆଦି କ୍ଷୁଦ୍ରଶସ୍ୟରୁ ମିଲେଟ୍ ମଦ ପ୍ରସ୍ତୁତ ପାଇଁ ସରକାର ଘୋଷଣା କରିଛନ୍ତି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଓ କାହା ପାଇଁ ସରକାର ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

ନିଶା ନିବାରଣ ପାଇଁ ଅବକାରୀ ବିଭାଗର ଯୋଜନା ଅନୁଯାୟୀ ମେ ୩୧ରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ପୁଲିସ, ମିଶନ ଶକ୍ତି, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ସଂସ୍କୃତି ବିଭାଗ ମିଳିତ ଭାବେ ମାସେ ଧରି ଏହି ପ୍ରଚାର କରିବେ। ସ୍କୁଲ, କଲେଜରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ମାତ୍ର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସରକାର ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରିବାରେ କେତେ ଯଥାର୍ଥତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଭିନ୍ନ ସଂଗଠନ।

ସୂଚନା ଅନୁସାରେ ଓଡ଼ିଶାରେ୨୦୨୨-୨୩ ଆର୍ଥିକ ବର୍ଷରେ ୧୨.୯ କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫ କୋଟି ଲିଟରକୁ ବୃଦ୍ଧି ପାଇଛି।

■ ଏପଟେ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ, ସେପଟେ ନିଶା ନିବାରଣ ସଚେତନତା
■ ମାଣ୍ଡିଆ, ବାଜରା ଓ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଲାଗି ହୋଇଛି ଯୋଜନା
■ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦକୁ ନେଇ ଘେରିଲେ ବୁଦ୍ଧିଜୀବୀ
■ ମଦ ବ୍ୟବହାରକୁ ପ୍ରଶ୍ରୟ ଦେଇ ନିଶା ନିବାରଣ ଅଭିଯାନ କାହା ପାଇଁ

ଅନ୍ୟପକ୍ଷରେ ବିଦେଶୀ ବିଅର ବିକ୍ରି ପରିମାଣ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୬୪୫୫ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଥିବା ବେଳେ ୨୦୨୩-୨୪ରେ ଏହା ୭୨୧୬.୯୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ କ୍ଷେତ୍ରରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ପଟେ ସରକାର ଲୋକଙ୍କୁ ପରୋକ୍ଷରେ ମଦ ବ୍ୟବହାର କରିବାକୁ ଉତ୍ସାହିତ କରି ଅନ୍ୟପକ୍ଷରେ ନିଶା ନିବାରଣ ସଚେତନତା କରିବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି।

ବିଜେପି ନିର୍ବାଚନ ପ୍ରଚାର ବେଳେ ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ। ମାତ୍ର ପରେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସରକାର ମଦରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖୁଛନ୍ତି। ଏପରି ସ୍ଥଳେ ଏପରି ଅଭିଯାନର ମାନେ କିଛି ନାହିଁ ବୋଲି ବିଭିନ୍ନ ନିଶା ନିବାରଣ ଅଭିଯାନ ସହ ଜଡ଼ିତ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ସମଗ୍ର ରାଜ୍ୟ କିପରି ନିଶାମୁକ୍ତ ହୋଇପାରିବ, ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ବର୍ତ୍ତମାନ ଚୋରା ନିଶା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଧଳା ଜହର ବେପାର ମଧ୍ୟ ଯୁବପିଢ଼ିଙ୍କୁ ବେଶ୍ ପଥଭ୍ରଷ୍ଟ କରୁଛି। ସମାନ ସମୟରେ ରାଜ୍ୟରେ ମଦ ବନ୍ୟା ମଧ୍ୟ ସାମାଜିକ ଅଶାନ୍ତିର କାରଣ ପାଲଟୁଛି। ସରକାର ସତରେ ଯଦି ନିଶା ନିବାରଣ କରିବାକୁ ଆନ୍ତରିକତା ରଖୁଛନ୍ତି, ତାହେଲେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଏହାକୁ ନି ଆଚରଣରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି

# ଅସ୍ଥାୟୀ ଶେଡ୍ ପାଇଁ ୧ କୋଟି ଅପବ୍ୟୟ କାହିଁକି?

ପୁରୀ,୨୫।୫(ସମିସ): ରଥଯାତ୍ରା ଡ୍ୟୁଟିରେ ଆସୁଥିବା ପୁଲିସଙ୍କ ରହଣି ନିମନ୍ତେ ତିଆରି ହେବ ୨ଟି ଅସ୍ଥାୟୀ ଫେବ୍ରିକେଟେଡ୍ ଶେଡ୍। ଟେଣ୍ଡର ମାଧ୍ୟମରେ ଏହି କାମ ଦିଆଯିବାକୁ ଥିବାବେଳେ ବ୍ୟୟ ହେବ ୮୯ ଲକ୍ଷ ୪୭ହଜାର ୬୩୫ ଟଙ୍କା। ତେବେ ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ଅସ୍ଥାୟୀ ଶେଡ୍ ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଛନ୍ତି ସରକାର। ସେହି ଅର୍ଥରେ ସ୍ଥାୟୀ କୋଠା ନିର୍ମାଣ କରିଦେଲେ ପ୍ରତିବର୍ଷ ବାହାରୁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ସମସ୍ୟା ରୁହନ୍ତା ନାହିଁ ବୋଲି ମତ ଦେଉଛନ୍ତି। ଏଭଳି ସ୍ଥିତିରେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଛନ୍ତି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଚିଠିରେ ସେ ଦର୍ଶାଇଛନ୍ତି, ଯଦି ଆମେ ଲୋକଙ୍କ ସରକାର ବୋଲି କହୁଛେ, ତେବେ ରଥଯାତ୍ରାରେ ପୁଲିସ ରହଣି କେନ୍ଦ୍ର ପାଇଁ ସରକାର କାହିଁକି ୮୯ଲକ୍ଷ ୪୭ହଜାର ୬୩୫ଟଙ୍କା ଅପବ୍ୟୟ କରୁଛନ୍ତି? ପୁରୀରେ ଅନେକ ସରକାରୀ ଜାଗା ଓ ଶ୍ରୀମନ୍ଦିରର ଜମି ରହିଛି। ଏହିଭଳି ଅନେକ ଜମି ଜବରଦଖଲରେ ବି ରହିଛି। ତାହାକୁ ଚିହ୍ନଟ କରି ସେଥିମଧ୍ୟରୁ ଉପଯୁକ୍ତ ଜମିରେ କୋଟିଏ ଟଙ୍କା ଖର୍ଚ୍ଚ କଲେ ତାହା ପ୍ରତିବର୍ଷ ପାଇଁ ରଥଯାତ୍ରା ଡ୍ୟୁଟିରେ ଆସୁଥିବା କର୍ତ୍ତବ୍ୟରତ ପୁଲିସମାନଙ୍କ ସ୍ଥାୟୀ ରହଣିସ୍ଥଳ ହୋଇପାରିବ। ସେଠାରେ କିଛି ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ହୋଇଗଲେ ବର୍ଷର ଅନ୍ୟ ଦିନମାନଙ୍କରେ ବହିରାଗତ ଗରିବ ଯାତ୍ରୀମାନେ ମଧ୍ୟ ଅଳ୍ପ ଦେୟରେ ଉପକୃତ ହୋଇପାରିବେ। ଫଳରେ ସରକାରଙ୍କ ଏହି ଟଙ୍କା ଠିକଣା ବାଟରେ ବିନିଯୋଗ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନେ ପୁରୀରେ ପକେଟ୍‌କୁ ସୁହାଇଲା ଭଳି ଖର୍ଚ୍ଚରେ ରହି ଭଲ ଅନୁଭୂତି ନେଇ ଫେରିବେ। ଏହା ନିଶ୍ଚିତ ଓଡ଼ିଶା ତଥା ପୁରୀ ପାଇଁ ଏକ ଗର୍ବର ବିଷୟ ହେବ। ଶ୍ରୀ ମିଶ୍ର ରାସ୍ତା ଓ ନିର୍ମାଣ ବିଭାଗର ବିଜ୍ଞପ୍ତି ୦୬/୨୦୨୫-୨୬ର ସୂଚନା ସହିତ ଉଲ୍ଲେଖ କରିଛନ୍ତି ଯେ ଯେହେତୁ ସରକାର ଜନଗଣଙ୍କର ତେଣୁ ସରକାର ଟେଣ୍ଡର କରିବା ପୂର୍ବରୁ ଏଭଳି ଅପବ୍ୟୟ ଉପରେ ଜନଶୁଣାଣି କରିବା ଆବଶ୍ୟକ ହୋଇପଡ଼ିଛି।

ସୂଚନାଥାଉ କି, ପୁରୀ ରଥଯାତ୍ରାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା'ନ୍ତି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ୍ ସୁପରିଚାଳନା ପାଇଁ ହଜାର ହଜାର ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା'ନ୍ତି। ବିଶେଷକରି ସ୍ନାନ ପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ ମୋଟ୍ ୧୯ ଦିନ ରହିଥା'ନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ତେବେ ସେମାନଙ୍କ ପାଇଁ ସ୍ଥାୟୀ ରହଣିସ୍ଥଳ ହୋଇଗଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ବି ବ୍ୟାଘାତ ହୁଅନ୍ତା ନାହିଁ।



# ଶିବଗଙ୍ଗାରେ ବୁଡ଼ିଗଲେ ଚାରି ଛାତ୍ର

ଜଣେ ମୃତ, ୩ ଉଦ୍ଧାର

■ ଭଦ୍ରକ/ଆରଡି,୨୫।୫(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ରବିବାର ସକାଳୁ ଭଦ୍ରକ ଜାନୁଗଞ୍ଜରେ ରହୁଥିବା ୪ଜଣ ଛାତ୍ର ସାଙ୍ଗ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଆସିଥିଲେ। ଦର୍ଶନ ପୂର୍ବରୁ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ୪ଜଣ ସାଙ୍ଗ ମିଳିମିଶି ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ଅକାତ ପାଣିରେ ପୁଷ୍କରିଣୀ ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଆରଡି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଧାମନଗର ସୋହଡା ଅଞ୍ଚଳର ଦେବବ୍ରତ ମିଶ୍ର (୨୪) ଭଦ୍ରକ ସ୍ୱୟଂଶାସିତ କଲେଜରେ +୩ ୨ବର୍ଷର ଛାତ୍ର। ଜାନୁଗଞ୍ଜର ଏକ ମେସରେ ରହି ପାଠ ପଢୁଥିଲେ। ଅନ୍ୟ ୩ଜଣ ଛାତ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପାହାଚ ନିର୍ମାଣ କାର୍ଯ୍ୟ ଠିକ ଭାବେ ହୋଇନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ୪ବର୍ଷ ମଧ୍ୟରେ ପୁଷ୍କରିଣୀରେ ୪ଜଣ ବୁଡିଯାଇ ମୃତ୍ୟୁବରଣ କଲେଣି। ନିକଟରେ ୨ମାସ ତଳେ ଜଣେ ଛୋଟ ପିଲା ପୁଷ୍କରିଣୀକୂଳରେ ଖେଳୁଥିବା ବେଳେ। ଗୋଡ ଖସିଯିବାରୁ ମୃତ୍ୟୁ ଘଟିଥିଲା। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ସ୍ଥାୟୀ ଆଲୋକ ଅକାମୀ ହୋଇପଡିଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାରମୟ ହୋଇ ପଡୁଛି ପୁଷ୍କରିଣୀ କୂଳ। ପୁଷ୍କରିଣୀ ଘାଟ ଓ ଚତୁଃପାର୍ଶ୍ୱର ଉନ୍ନିତିକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

■ ସରକାରୀ କର୍ମଚାରୀଙ୍କ ଉପରେ ଲଗାମ୍

# ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିବା ମନା

ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ

ଭୁବନେଶ୍ୱର,୨୫।୫(ସମିସ): ଏଣିକି ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିପାରିବେ ନାହିଁ ସରକାରୀ କର୍ମଚାରୀ। ନିଜ ବିଭାଗର କର୍ମଚାରୀଙ୍କ ପାଇଁ ଏଭଳି କିଛି ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କର୍ମଚାରୀମାନେ ୧୦ଟା ବେଳେ ଅଫିସ ଆସିବେ ଓ ୫ଟା ୩୦ ପୂର୍ବରୁ ଅଫିସ୍ ଛାଡ଼ି ପାରିବେ ନାହିଁ। କର୍ମଚାରୀମାନେ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ବାଧ୍ୟତାମୂଳକ ଭାବେ ଦର୍ଶାଯାଇଛି। ଏହାସହ ବାୟୋ-ମେଟ୍ରିକ୍ ଜରିଆରେ କର୍ମଚାରୀ ଅଫିସ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାରୀ ନ ହୁଏ, ଅର୍ଥାତ୍ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବ୍ୟତିକ୍ରମ ହୁଏ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶାଯାଇଛି।

## ଅବଶିଷ୍ଟାଂଶ...

### ଭାଙ୍ଗିବ ଗରିବଙ୍କ...

କେନ୍ଦ୍ରରୁ ୪୩୧୦ କୋଟି ଟଙ୍କା ଅନୁଦାନ ପାଇଥିଲା। ମାତ୍ର ବିଜେପି ସରକାର ଗଠନ ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନୁଦାନ ୮୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା କି ପୂର୍ବବର୍ଷର ଅନୁଦାନର ୨୫ ପ୍ରତିଶତରୁ କମ୍ ବୋଲି କୁହାଯାଉଛି। ଏକପକ୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ପକ୍କା ଘର ଯୋଜନାକୁ ବନ୍ଦ କରି ଦିଆଯାଇଥିବାବେଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଗ୍ରାମାଞ୍ଚଳର ବହୁ ଗରିବ ଲୋକମାନେ ଏବେ ବି ପକ୍କାଘର ପାଇଁ ସରକାରଙ୍କ ଦୟାକୁ ଚାହିଁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକ ଓ ଫନି ପ୍ରଭାବିତ କ୍ଷତିଗ୍ରସ୍ତମାନେ ମଧ୍ୟ 'ଆବାସ'କୁ ଚାହିଁ ଚାହିଁ ନିରାଶ ହୋଇଛନ୍ତି । କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୁହେଁ, ଏହି ଯୋଜନାରେ ସହରାଞ୍ଚଳର ଗରିବମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ମାତ୍ର ୭୩ ଲକ୍ଷ ଟଙ୍କା ମିଳିଛି । ବିଜେଡି ସରକାରଙ୍କ ଶେଷ ବର୍ଷରେ ଏହି ଯୋଜନାରେ ଓଡ଼ିଶା ୨୯୬ କୋଟି ଟଙ୍କା ଅନୁଦାନ ପାଇଥିଲା, ମାତ୍ର ବିଜେପି ସରକାରଙ୍କ ପ୍ରଥମବର୍ଷରେ ମାତ୍ର ୭୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ଡ଼ବଲ ଇଞ୍ଜିନ୍ ସରକାରଙ୍କ ବିକାଶ ଆନ୍ତରିକତାକୁ ସ୍ପଷ୍ଟ କରିଦେଇଛି ।

ସମ୍ପ୍ରତି ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୧ ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ମଧ୍ୟ ୨୬୦୦ କୋଟି ଟଙ୍କା ବରାଦ କରାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଗୃହକୁ ନେଇ ଗ୍ରାମାଞ୍ଚଳରେ ରାଜନୀତି ଆରମ୍ଭ ହୋଇଛି । ଶାସକ ଦଳର ବିଧାୟକଙ୍କ ସୁପାରିସ ନ ହେଲେ ଏହି ଗୃହ ମିଳିବ ନାହିଁ ବୋଲି ସରକାରୀ ଅଧିକାରୀମାନେ ସଫାସଫା ମନା କରି ଦେଉଛନ୍ତି । ଏକ ପକ୍ଷରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଓ ଅନ୍ୟପକ୍ଷରେ ଶାସକ ଦଳର ଅନ୍ତ୍ୟୋଦୟ ରାଜନୀତି ରାଜ୍ୟର ଗୃହହୀନ ଗରିବ ଲୋକମାନଙ୍କ ପାଇଁ ସମସ୍ୟାରେ ପରିଣତ ହୋଇଛି ।

### ସାତ ଦିନରେ...

ସକାଳେ ପାଇଖାନା ଯିବ କହି ଘରୁ ଯାଇଥିଲା ବେଳେ ଆଉ ଫେରି ନ ଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇନଥିଲେ। ତା ପର ଦିନ ଗାଁ ଠାରୁ ୨୫ କିଲୋମିଟର ଦୂର ଘୋବରଘଟା ସିଟ ଛକଠାରେ ବସିଥିବା ଦେଖି ଗ୍ରାମବାସୀ ତାର ଠିକଣା ଜାଣିବା ପରେ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ବଡ଼ ମା'ଙ୍କୁ ଦୁଷ୍କର୍ମ ସମ୍ପର୍କରେ କହିବା ପରେ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ରାଇବଣିଆ ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାର ଦୁଇଦିନ ପରେ ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀ ପାଟଣା ଅଞ୍ଚଳରେ ଜନୈକ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ହତ୍ୟା ଅଭିଯୋଗ ହୋଇଛି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଗଣ ବଳାତ୍କାର କରି ହତ୍ୟା କରିଥିଲା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାପାଇଁ ଶୋଇବା ଘରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାପରେ ବ୍ଲକର ତାଳସାରି ଥାନା ଅଧୀନ ଉଦୟପୁର ଅଞ୍ଚଳରେ ଜୈନିକା ଜଣେ ବିବାହିତା ମହିଳାକୁ ଗତ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକ ନିସ୍ଥୁକ ମାଡ଼ ମାରି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଗୁରୁବାର ଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାପଡ଼ିଛି। ତମାମ ଅଞ୍ଚଳରେ ଏଭଳି ଜଘନ୍ୟ ଅପରାଧ ଘଟୁଥିଲା ବେଳେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରେନ୍ ଧକ୍କାରେ...

ଠିକା ଶ୍ରମିକ କେବୁଲ୍ ଲାଇନ୍ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଟ୍ରେନ ଆସିଗଲା। ଟ୍ରେନ୍ ଆସିବାରୁ ଅନ୍ୟ ଶ୍ରମିକମାନେ ଦୌଡ଼ା ଦୌଡ଼ି ହୋଇ ପଳାଇବା ବେଳେ ଦୁଇ ଜଣଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ରେଲୱେ ପୁଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ।

SALE
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

AFFIDAVIT
I, Alema Parween, W/o- Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.- 21/05/2025 that now onwards I shall be known as ALEMA BIBI for all future purposes.

### ବରପାଲି କୋଇଲା ସାଇଡିଂରେ ଗଣ୍ଡଗୋଳ

# ୧୩୬ ଜଣଙ୍କ ବିରୋଧରେ ମାମଲା

ସୁନ୍ଦରଗଡ଼, ୨୫।୫(ସମିସ)

ଶନିବାର ସନ୍ଧ୍ୟାରେ ବରପାଲି କୋଇଲା ସାଇଡିଂରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି। ବିଷ୍ଣୁପ୍ରିୟା ଧୂଆ ନାମ୍ନୀ ଜଣେ ସ୍ଥାନୀୟ ମହିଳା ପୂର୍ବତନ ବାଚସ୍ପତିଙ୍କ ପୁଅଙ୍କ କିଶୋର ପଟେଲଙ୍କ ପୁଅ ରିତେଶ ପଟେଲ, ଡୁଡୁକା ପଞ୍ଚାୟତ ସରପଞ୍ଚ ଜୟକୃଷ୍ଣ ମାଝୀ, ବଲିଙ୍ଗା ପଞ୍ଚାୟତ ସରପଞ୍ଚ ସୁଭଦ୍ରା ବୈଗା, କାଞ୍ଚନ ମାଝୀଙ୍କ ସମେତ ୧୦୦ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଏତଲାରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ଉପସ୍ଥିତିରେ ସେମାନେ ବରପାଲି କୋଇଲା ସାଇଡିଂରେ ଧାରଣା ଦେଇଥିବା ବେଳେ ଉପରୋକ୍ତ ବ୍ୟକ୍ତିମାନେ ଆସି ତାଙ୍କ ଜାତିକୁ ଆକ୍ଷେପ କରିବା ସହ ଗାଳି ଗୁଲଜ ଓ ଧମକ ଚମକ ଦେଇଥିବା ଦର୍ଶାଇଛନ୍ତି। ଅପରପକ୍ଷରେ, ପୂର୍ବତନ ବାଚସ୍ପତିଙ୍କ ପୁଅ ରିତେଶ ବିଧାୟକ ଶ୍ରୀ ସିଂହ, ଝସକେତନ ମାଝୀ, କୁନ୍ତୀ ନାଏକ, ସୌଦାମିନୀ ମାଝୀ ପ୍ରମୁଖ ସ୍ଥାନୀୟ ଅଧିବାସୀଙ୍କ ସମେତ ୩୬ ଜଣଙ୍କ ବିରୋଧରେ ପାଲଟା ଏତଲା ଦେଇଛନ୍ତି। ଉକ୍ତ କୋଇଲା ସାଇଡିଂକୁ ୩୦ଟି ଟ୍ରକ କୋଇଲା ନେଇ ଡମ୍ପିଂ ପାଇଁ ଆସିଥିବା ବେଳେ ଏମାନେ ବାଡି, ଠେଙ୍ଗା, ପଥର ଆଦି ଧରି ଅଟକାଇ ଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଏହି ନୂତନ କୋଇଲା ସାଇଡିଂରେ ପରିବହନକୁ ବିରୋଧ କରୁଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ୯୫ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେଇଥିଲା। ଏହାପରେ କୋଇଲା ପରିବହନ ବନ୍ଦ ରହିଥିଲା। ଗତ ଶୁକ୍ରବାର ରାତିରେ ପୁଣି ପରିବହନ ପାଇଁ ମସୁଧା କରାଯାଇଥିବାରୁ ଗ୍ରାମବାସୀଙ୍କ ସହ ବିଧାୟକ ଘଟଣାସ୍ଥଳରେ ଜଗି ରହିଥିଲେ। ଗ୍ରାମବାସୀ ଏହି କୋଇଲା ସାଇଡିଂକୁ ବେଆଇନ ଦର୍ଶାଇ ୪ ମାସ ତଳୁ ଧାରଣା ଦେଇଥିବା ବେଳେ ପ୍ରଶାସନ ବଳ ପୂର୍ବକ ସାଇଡିଂରେ ପରିବହନ ଆରମ୍ଭ କରିବାକୁ ଉଦ୍ୟମ କରି ଆସୁଛି। ଫଳରେ ବିଭିନ୍ନ ସମୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହେଉଛି।

# ଦୋକାନକୁ ମାଡ଼ିଗଲା ଭାରୀଯାନ

**● ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**



ସୁନ୍ଦରଗଡ଼, ୨୫।୫(ସମିସ): ହେମଗିରି ଥାନା ବାଙ୍କିବାହାଲ-ଟପରିଆ ରାସ୍ତାର ଲୁଆବାହାଲ ଛକରେ ଥିବା ଅଜୟ ନେଗୀଙ୍କ ଦୋକାନକୁ ରବିବାର ସକାଳେ ଏକ ଭାରୀଯାନ ମାଡି ଯାଇଛି। ଏଥିରେ ତାଙ୍କ ଦୋକାନ ଘର କାନ୍ଥ ଭାଙ୍ଗି ବହୁତ କ୍ଷତି ଘଟିଛି। ଅନ୍ୟପଟରେ ଘଟଣା ପରେ ସ୍ଥାନୀୟବାସୀନ୍ଦାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଗାଁ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଦାବି କରି ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁ ନଥିବାରୁ ରୀତିମତ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏହି ରାସ୍ତାରେ ଭାରୀ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଦାବି କରି ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ସମ୍ପୃକ୍ତ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଲକ୍ଷ୍ୟରୁ ଦୂରରେ ଗାଁ କଲ୍ୟାଣ ସମିତି

**● ସୁଧୁରୁନି ପରିମଳ ବ୍ୟବସ୍ଥା**

**● ପାଣ୍ଠି ବିନିଯୋଗକୁ ନେଇ ଉଠିଲା ପ୍ରଶ୍ନ**

ବୀରମହାରାଜପୁର, ୨୫।୫(ସମିସ): ଗାଁ ପରିବେଶ ସୁସ୍ଥ ରଖିବାର ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଗାଁ କଲ୍ୟାଣ ସମିତି ଭଳି ମହତ୍ ଯୋଜନା ସରକାର କାର୍ଯ୍ୟକାରୀ କରୁଛନ୍ତି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁହାରରେ ବ୍ରେକ୍ ଲଗାଇବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। କିନ୍ତୁ ସଚେତନତା ଅଭାବରୁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଗାଁ କଲ୍ୟାଣ ସମିତି ଲକ୍ଷ୍ୟ ଠାରୁ ଦୂରେଇ ଯାଇଛି। ଗାଁ କଲ୍ୟାଣ ପାଇଁ ଗଠନ ହୋଇଥିବା ସମିତି ନିଜର ନୈତିକ ଦାୟିତ୍ୱକୁ ସଠିକ ଢଙ୍ଗରେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ଏପରି ସ୍ଥିତିରେ ଏହି ପାଣ୍ଠି କେଉଁ କାମରେ ଲାଗୁଛି ତା'ର ସବିଶେଷ ଯାଞ୍ଚ ପାଇଁ ସାଧାରଣରେ ଦାବି ହୋଇଛି।

ସୂଚନାଯୋଗ୍ୟ, ୨୦୦୯-୧୦ରେ ସରକାରଙ୍କ ଦ୍ୱାରା ଗାଁ କଲ୍ୟାଣ ସମିତି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ନେଇ ଗୋଟିଏ ଗାଁ କଲ୍ୟାଣ ସମିତି ଗଠନ କରାଯାଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଗଲା। ବୀରମହାରାଜପୁର ବ୍ଲକର ପ୍ରତ୍ୟେକ ଗ୍ରାମରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ଏବଂ ମାତୃ ମୃତ୍ୟୁହାର ହ୍ରାସ ଦିଗରେ ସମିତିକୁ ସଚେତନତା ପରେ ମଧ୍ୟ ଏହା ଲକ୍ଷ୍ୟ ଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଗ୍ରାମମାନଙ୍କରେ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଗାଆଁ ଦାଣ୍ଡ, ସ୍କୁଲ ପରିସର, ପୋଖରୀ ତୁଠ, କୂପ ନଳକୂପର ଚତୁଃପାର୍ଶ୍ୱ ସଫା ସୁତୁରା ରଖିବା, ଜରୁରୀ ସ୍ୱାସ୍ଥ୍ୟ ସେବା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଏହି ଟଙ୍କା ୱାର୍ଡ ସଭ୍ୟଙ୍କୁ ସମିତିର ସଭାପତି ଓ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗାଁର ସ୍ୱାସ୍ଥ୍ୟ ପ୍ଲାନ, ରୋଗୀଙ୍କୁ ମେଡିକାଲ ପହଞ୍ଚାଇବା, ଜରୁରୀ ସ୍ୱାସ୍ଥ୍ୟ ସେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଦିଗରେ କମିଟି ପକ୍ଷରୁ ବ୍ୟାପକ ସଚେତନତା କରାଯିବାକୁ ଲକ୍ଷ୍ୟ ରହିଛି। ପ୍ରତିମାସରେ ବୈଠକ କରାଯାଇ ଖସଡା ପ୍ରସ୍ତୁତି କରାଯିବା, ପ୍ରତି ମାସରେ ପଞ୍ଚାୟତ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ଖର୍ଚ୍ଚ ବିବରଣୀ ସମୀକ୍ଷା ନିୟମ ରହିଛି। ମାତ୍ର ସରକାରଙ୍କ ଟଙ୍କାକୁ ଠିକ୍ କାମରେ ବିନିଯୋଗ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଣୁ ଜିଲ୍ଲାପାଳ, ବିଡିଓ ଗାଁ କଲ୍ୟାଣ ସମିତି ଟଙ୍କା ସଠିକ୍ ଦିଗରେ ଖର୍ଚ୍ଚ ହେବା ସହ କିପରି କାର୍ଯ୍ୟକାରୀ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଲଛିପୁର, ୨୫।୫(ସମିସ):ସୋନପୁର ବ୍ଲକ ଲଛିପୁର ଗ୍ରାମରେ ମଙ୍ଗଳବାରରୁ ଶୁକ୍ରବାର ୫ ଦିନ ପର୍ଯ୍ୟନ୍ତ ପଥେଇ ଦୁର୍ଗା, କଟାଖାଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଓ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ କମିଟି ପକ୍ଷରୁ ରବିବାର କଳସ ସ୍ଥାପନ, ଗର୍ଭମୋଦ ଓ ରତ୍ନମୋଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ଅଙ୍ଗନଦୀସ୍ଥିତ ସପ୍ନେଶ୍ୱର ବାବା ଘାଟରେ ଯଥାରୀତି ପୂଜାର୍ଚ୍ଚନା



ପରେ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ।

ମୁଖ୍ୟ ଆଚାର୍ଯ୍ୟ ଲୋକନାଥ ପୂଝାରୀ ଓ ପୂଜକ ଭାବେ ଗୁପ୍ତେଶ୍ୱର ମିଶ୍ର, ନିଳାଞ୍ଚଳ ହୋତା, କର୍ତ୍ତା ଭାବେ ବାଲେଶ୍ୱର ରଣା ତାଙ୍କ ପତ୍ନୀ ହେମଲତା ରଣା, ଭୁବନେଶ୍ୱର ମେହେର, ହେମଲତା, ରାଧେଶ୍ୟାମ ମେହେର ପୁଷ୍ପାଞ୍ଜଳି, ହାଡୁ ମେହେର ଓ ତାଙ୍କ ପତ୍ନୀ ଛାୟାକାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ଦିନ ମନ୍ଦିର ପ୍ରତିଷ୍ଠା ଓ ୨୪ ନାମଯଜ୍ଞ ଆରମ୍ଭ ହେବ। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ବାସୁଦେବ ରଣା, ସମ୍ପାଦକ ରମାକାନ୍ତ ପୂଝାରୀ, ଜ୍ୟୋତିରଞ୍ଜନ ନାଏକ, ଶଙ୍କର୍ଷଣ ରଣା, ସୁରେନ୍ଦ୍ର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ରିଙ୍କୁ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ୫୫୦ କୁଣହାଁ କିଷାନ ସମାଜ ସମାବେଶ



ସୁନ୍ଦରଗଡ଼, ୨୫।୫(ସମିସ): ଆଜିର ଆଧୁନିକ ସମାଜରେ ଜାତି ସମାଜର ଯୁବ ବର୍ଗ ଆଧୁନିକତାର ବଶବର୍ତୀ ହୋଇ ଅସାମାଜିକ କାର୍ଯ୍ୟକଳାପ, ନିଶା ସେବନ କରି ତଥା ପଥଭ୍ରଷ୍ଟ ହୋଇ ନିଜ ପୂର୍ବ ପୁରୁଷମାନଙ୍କ ସଂସ୍କୃତି ପରମ୍ପରାକୁ ଭୁଲିବାକୁ ବସିଲେଣି। ସମାଜର ଅନେକେ ଧର୍ମ ପରିବର୍ତ୍ତନ କରୁଛନ୍ତି। ଅନେକ ଲୋକ ଗୁଣି ଗାରେଡ଼ିକୁ ବିଶ୍ୱାସ କରି ଜୀବନ ହରାଉଛନ୍ତି। ଏହାର ନିରାକରଣ ଦିଗରେ ୫୫୦ କୁଣହାଁ କିଷାନ ସମାଜ ଅଣ୍ଟା ଭିଡିଛି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ବିଜାଡିହିଠାରେ ରବିବାର ଦିନ କୁଣହାଁ କିଷାନ୍ ସମାଜର କୁଲାବିରା ମହାଗୁଡି ପକ୍ଷରୁ ଆୟୋଜିତ ସମାଜିକ ସମାବେଶରେ ଅତିଥିମାନେ ଆହ୍ୱାନ ଜଣାଇଛନ୍ତି। ଏଥିରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଭାଷା, ସଂସ୍କୃତି, ପରମ୍ପରାର ସୁରକ୍ଷା ସହ ସାମାଜିକ ସଂସ୍କାର, ଶିକ୍ଷାର ବିକାଶ, ଅର୍ଥନୈତିକ ଅଭିବୃଦ୍ଧି ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଗଠନର ରାଜ୍ୟ ସଭାପତି ମୋହନ ଲାଲ କିଷାନ, ଗୋଲବଦନ କିଷାନ, ଚନ୍ଦ୍ରଶେଖର ବରୁଆ, ପବିତ୍ର କିଷାନ, ପଞ୍ଚାନନ ପ୍ରଧାନ, ଜଗନ୍ନାଥ ଲାକଡ଼ା, ମନବୋଧ ମାଝୀ, ବେଣୁଧର କିଷାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ସାମାଜିକ ପତାକା ଉତ୍ତୋଳନ କରିଥିଲେ। ପିତାମ୍ବର କିଷାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଲେଫ୍ରିପଡ଼ା, ଟାଙ୍ଗରପାଲି ଓ ହେମଗିରି ବ୍ଲକର ସମସ୍ତ କୁଣହାଁ ସମାଜର ଲୋକେ ଯୋଗ ଦେଇଥିଲେ।

# ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ବୈଠକ



ବାଲିଶଙ୍କରା, ୨୫।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ବିଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସମୀର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଗତ ଦିନମାନଙ୍କରେ ସମାଜର ଉନ୍ନତିର ଅଗ୍ରସର, ଶିକ୍ଷା, କ୍ରୀଡା, ନିଶା ନିବାରଣ, କୁସଂସ୍କାର ଦୂରେଇବା ପାଇଁ ସଂଘର ସମ୍ପାଦକ ସତ ସେଠ ଆହ୍ୱାନ ଦେଇଥିଲେ। ମାୟାବାହାଲ ଆଞ୍ଚଳିକ ରାଜକ ସେବା ସଂଘର ସଭାଗୃହକୁ ଯିବାପାଇଁ ରାସ୍ତା ଓ ସମ୍ମୁଖରେ ନଳକୂପ ତୁରନ୍ତ କାର୍ଯ୍ୟକ୍ଷମ କରିବା ଉପରେ ସଂଘର ସମ୍ପାଦକ ସୂଚନା ଦେଇଥିଲେ। ସମାଜର ଉନ୍ନତି ଦିଗରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କଲେ ସମାଜର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ପୂର୍ବତନ ସଭାପତି ବିଶେଶ୍ୱର ସେଠ, କୋଷାଧ୍ୟକ୍ଷ କିଶୋର ସେଠ, ଦଶରଥ ସେଠ, ଗୌରୀ ସେଠ, ବୈଜନ୍ତି ସେଠ, ସୁସ୍ମିତା ସେଠ, ଲଳିତା ସେଠ, କୁନ୍ତୀ ସେଠ, ମଥୁରା ସେଠ, ଲଳିତା ସେଠ, ବବୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମାୟାବାହାଲ ଆଞ୍ଚଳିକ ରଜକ ସେବା ସଂଘର ସମ୍ପାଦକ ସତ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ପିକ୍ଅପ୍

ବାଲିଶଙ୍କରା, ୨୫।୫(ସମିସ): ତଲସରା ଥାନା ଅନ୍ତର୍ଗତ ବାଇଶମାଇଲଠାରେ ଭାରସାମ୍ୟ ହରାଇ ଏକ ପିକ୍ଅପ୍ ଗାଡି ଓଲଟି ଯାଇଥିଲା। ସୂଚନାନୁଯାୟୀ, ଛତିଶଗଡ଼ ପଟୁ ରାଉରକେଲାକୁ ଯାଉଥିବା ପିକଅପ୍(ଓଡି-୧୪-ଡବ୍ଲ୍ୟୁ-୭୬୯୫) ଦ୍ରୁତଗତିରେ ଯାଉଥିବାବେଳେ ବାଇଶମାଇଲଠାରେ ଭାରସାମ୍ୟ ହରାଇ ଓଲଟି ଯାଇଥିଲା। ଗାଡ଼ିରେ ଥିବା ସମସ୍ତ ଜିନିଷ ତଳେ ପଡ଼ିଯାଇଥିଲା। ପରେ ଗାଡି ସିଧା କରି ସମସ୍ତ ଜିନିଷ ଲୋଡ଼ କରାଯାଇଥିବା ଜଣାପଡ଼ିଛି।

# ମଦ୍ୟପ ଚାଳକଙ୍କ ବୋଲେରୋ ଜବତ

ସୁନ୍ଦରଗଡ଼, ୨୫।୫(ସମିସ): କିରେଇ-ବମରା ରାସ୍ତାର ସୁନ୍ଦରଗଡ଼ ସଦରଥାନା ବାରଗାଡ ନିକଟରୁ ରବିବାର ପୁଲିସ ମଦ୍ୟପାନ କରି ଗାଡି ଚଳାଉଥିବା ଜଣେ ବୋଲେରୋ ଚାଳକଙ୍କୁ ଧରିଛି। ତାଙ୍କ ନାମ ରମେଶ ବାଗ (୩୬) ଓ ଘର ଧରୁଆଡିହି ଥାନା ଅନ୍ତର୍ଗତ ମଝାପଡ଼ା ଗ୍ରାମ ବୋଲି ଜଣାପଡ଼ିଛି। ରମେଶ ମଦ୍ୟପାନ କରି ଗାଡି ଚଳାଉ ଥିବା ଯାଞ୍ଚରୁ ଜଣାପଡ଼ିବା ପରେ ସମ୍ପୃକ୍ତ ବୋଲେରୋ (ଓଡି୧୬ଡି - ୧୧୬୭)କୁ ଜବତ କରି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି।

# ଓମ୍‌ଫେଡ୍ ପାର୍ଲର ଉଦ୍‌ଘାଟିତ




ସୁନ୍ଦରଗଡ଼, ୨୫।୫(ସମିସ): ଲେଫ୍ରିପଡ଼ା ବ୍ଲକର ସର୍ଗିପାଲି ଲମ୍ପ୍ସ ପକ୍ଷରୁ ରବିବାର ଓମଫେଡ ପାର୍ଲର ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପ୍ସ ସଭାପତି ରିତେଶ କୁମାର ସିଂହ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ଡିଆର୍‌ସିଏସ୍ ଉମାଶଙ୍କର ଦାଶ, ଏଆର୍‌ସିଏସ୍ ମୋହନ ଚରଣ ପ୍ରଧାନ, ଓମଫେଡ ପ୍ଲାଣ୍ଟ ମ୍ୟାନେଜର ବିଶ୍ୱନାଶ ସାହୁ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଗିପାଲି ଶାଖା ପରିଚାଳକ ରୋହିତ କୁମାର ପଟେଲ, ସମବାୟ ନିରୀକ୍ଷକ ବନମାଳୀ ନାଏକ, ଲ୍ୟମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଓମଫେଡ ତରଫରୁ ଉପସ୍ଥିତ ଅତିଥି ଏବଂ ଅନ୍ୟ ସମସ୍ତଙ୍କୁ ଲସି ଓ ଛାଞ୍ଚ ବଣ୍ଟନ କରାଯାଇଥିଲା। ଏହି ଓମଫେଡ ପାର୍ଲରରେ ଓମଫେଡ କ୍ଷୀର, ଦହି, ପନିର, ମିଠା ଦହି, ରାବିଡି, କନ୍ଧମାଳ ହଳଦୀ, ଘିଅ ଆଦି ସୁଲଭ ମୂଲ୍ୟରେ ବିକ୍ରି କରାଯିବ ବୋଲି ଜଣାପଡ଼ିଛି।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

ଲଛିପୁର, ୨୫।୫(ସମିସ): ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଭୂର୍ଷାପାଲି ଗାଁ ମୁଣ୍ଡରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ହୋଇ ପଡ଼ିଛି। ବର୍ଷ ବର୍ଷ ଧରି ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟସ୍ତବହୁଳ ଗାଁମୁଣ୍ଡ ରାସ୍ତା ପାର୍ଶ୍ୱରେ ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର ରହିଥିବାରୁ ଜୀବଜନ୍ତୁ ଓ ମଣିଷ ପ୍ରତି ବିପଦ ଆଶଙ୍କା ରହିଛି। ଏନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ମୁକୁଳା ଟ୍ରାନ୍ସଫର୍ମର ପ୍ରତି ଦୃଷ୍ଟି ଦେଇ ଯଥା ଶୀଘ୍ର ସୁରକ୍ଷା ବାଡ ଦେବାପାଇଁ ଜନସାଧାରଣରେ ଦାବି ହେଉଛି।

# ସାହଜବାହାଲ ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ସୁନ୍ଦରଗଡ଼, ୨୫।୫(ସମିସ): ଲେଫ୍ରିପଡ଼ା ବ୍ଲକର ସାହାଜବାହାଲ ଗ୍ରାମରେ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଗତ ୨୧ ତାରିଖରେ ଏହା ଉଦ୍‌ଘାଟିତ ହୋଇଥିଲା। ଏଥିରେ ସର୍ବମୋଟ ୨୪ ଟି ଦଳ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସାହଜବାହାଲ, ବନ୍ଧପାଲି, ତେଲିପାଲି ଓ କନ୍ଦାଧୁଡ଼ା ଦଳ ସେମିଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲେ। ରାତିରେ ଫାଇନାଲ ମ୍ୟାଚ ଜାରି ରହ÷ଛି। ଅତିଥି ଭାବେ ରିତେଶ କୁମାର ସିଂହ, ସଞ୍ଜୟ ପାଣ୍ଡେ, ପ୍ରହ୍ଲାଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ରୋଶନ ନାଏକ, ରୋଶନ ଅର୍ଗାଲ, ସ୍ୱାଗତ ନାଏକ, ସୋହନ ପଟେଲ, ଗଣେଶ ସୁରେନ୍, ସୁନୀଲ ନେଟି, ବିଷ୍ଣୁ ମାଝୀ, ମାନସ ନାଏକ, ସନ୍ଦେଶ ନାଏକ, ଆଶିଷ କରାଲି, ସୁକାନ୍ତ ନେଟୀ, ସୁମନ୍ତ ନେଟୀଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଉଛି।

### ଡିୟୁ ଖେଲୋ ଇଣ୍ଡିଆ ବିଚ୍ ଗେମ୍

# ଓଡ଼ିଶା ସିପକଟାକ୍ରୋ ଦଳର ପଦକ ହାସଲ

ସୁନ୍ଦରଗଡ଼, ୨୫।୫(ସମିସ)

ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ଡ଼ିୟୁରେ ଓଡ଼ିଶା ସିପକଟାକ୍ରୋ ମହିଳା ଦଳ ଡବଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ବେଳେ କ୍ୱାର୍ଡ୍ ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶାର ମ୍ୟାନେଜର ଭାବେ ନିୟୋଜିତ ସୁନ୍ଦରଗଡ଼ର ସୁଶାନ୍ତ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଖେଳାଳିମାନେ ଏହି କୃତିତ୍ୱ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦଳରେ ଓଡ଼ିଶା ପୁରୁଷ ବିଭାଗରେ ଖେଳାଳି ଆକାଶ କୁମାର ରେଡ୍ଡୀ, ବିକାଶ କୁମାର ରେଡ୍ଡୀ, ଶୁଭେନ୍ଦୁ ଶେଖର ନାଏକ, ଗୁରା ମାଝୀ, ବୁଲୁ ପାତ୍ର, ଆଶିଷ ପ୍ରଧାନ ରହିଥିଲେ। ସେହିପରି ମହିଳା ଦଳରେ ଇତିଶ୍ରୀ ସାମଲ, ସଙ୍ଗୀତା କିଶାନ, ରାଏମନି ଟୁଡୁ, ଗାୟତ୍ରୀ ସାହୁ,



ରୂପାଲି ସାହୁ ଓ ଏ. ଶ୍ରାବଣୀ ସାମିଲ ହୋଇଥିଲେ। ଲଲାଟେନ୍ଦୁ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ ଓ ସ୍ମରଣିକା ଦାସ କୋଚ ରହିଥିଲେ। ଏହି ଦଳ ଡିୟୁରେ ଗତ ୧୯ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଖେଲୋ ଇଣ୍ଡିଆ ଗେମରେ ସାମିଲ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା ପରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଖେଳାଳୀମାନଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲା। ଡିୟୁରେ ଓଡ଼ିଶାର ଆନ୍ତର୍ଜାତୀୟ ରେଫରୀ ରାମ ଚନ୍ଦ୍ର ବାରିକ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ। ଓଡ଼ିଶା ସିପକଟାକ୍ରୋ ଦଳଙ୍କୁ ଓଡ଼ିଶା ସିପକଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥିରାଜ ସାହୁ, ଉପ ସଭାପତି ମହମ୍ମଦ ଗୁଲଫମ୍, ପ୍ରଭାସ ଶୁଭଦର୍ଶନ ମହାନ୍ତି, ସଞ୍ଜୟ ନାଏକ, ବିଶ୍ୱନାଥ ମିଶ୍ର, ନିରୋଧ କୁମାର ସ୍ୱାଇଁ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସିପକଟାକ୍ରୋ ସଂଘ ଓ ଜନ ସେବା ସମିତିର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ସାବିତ୍ରୀ ବ୍ରତ ପାଇଁ ଫଳଦର ଆକାଶଛୁଆଁ

**ବିନିକା, ୨୫।୫(ସମିସ):** ସୋମବାର ସାବିତ୍ରୀ ଅମାବାସ୍ୟା। ସ୍ୱାମୀଙ୍କ ମଙ୍ଗଳ ପାଇଁ ସ୍ତ୍ରୀ ମନପସନ୍ଦ ସାମଗ୍ରୀ ସହ ବିଭିନ୍ନ ପ୍ରକାରର ଫଳ ଆଣିବା ପାଇଁ ଚିଠା ପ୍ରଦାନ କରିଛନ୍ତି। ଫଳରେ ସ୍ୱାମୀ ଚିଠା ଧରି ବଜାରକୁ ବାହାରିବା ପରେ ବଜାର ଦର ଶୁଣି ହୋସ ଉଡିଯାଉଛି। ମିଳିଥିବା ସୂଚନା ଅନୁସାରେ ବିନିକା ବଜାରରେ ନଡ଼ିଆ ଗୋଟାକୁ ୩୦ଟଙ୍କା ବିକ୍ରି ହେଉଥିବା ବେଳେ ସପୁରୀ ୪୦, ସେଓ ଗୋଟିକୁ ୩୦, ସାନ୍ତରା ୩୦, ଲିଚୁ ୨୦, ଅଙ୍ଗୁର କେଜି ୨୦୦, ଡାଳିମ୍ବ ଗୋଟାକୁ ୪୦, କଦଳୀ ଡର୍ଜନ ୮୦, ଖଜୁରୀ ଦନା ପ୍ରତି ୨୦, ପଇଡ଼ ଗୋଟିକୁ ୫୦ ଟଙ୍କା ଦରରେ ବିକ୍ରୀ ହେଉଛି।ସେହିପରି ଲୁଗା ଦୋକାନମାନଙ୍କରେ ମଧ୍ୟ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଛି। ଏହାର ସୁଯୋଗ ନେଇ ଦୋକାନୀ ଶାଢ଼ୀ ଦାମ ଦୁଇଗୁଣା ବଢ଼ାଇ ସେଥିରୁ ଡିସକାଉଣ୍ଟ କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରୁଥିବା ଦେଖାଯାଉଛି।



# କୁକୁରଙ୍କ ଆକ୍ରମଣରେ ଗୁରୁତର ହରିଣର ମୃତ୍ୟୁ

**ବୌଦ୍ଧ, ୨୫।୫(ସମିସ)**

ବୌଦ୍ଧ ରେଞ୍ଜ ଖଜୁରୀପଡ଼ା ସେକ୍ସନ ଅଧୀନ କମିରା ଗାଁ ନିକଟରୁ ରବିବାର ସକାଳେ ବନ ବିଭାଗ ଉଦ୍ଧାର କରିଥିବା ଏକ ଗୁରୁତର ଆହତ ହରିଣ ଶେଷରେ ଆଖି ବୁଜିଛି। ବ୍ୟବଚ୍ଛେଦ ପରେ ଏହାକୁ ବାମଣ୍ଡା ନର୍ସରୀରେ ପୋତି ଦିଆଯାଇଥିବା ବନପାଳ ଦୀପକ ନାୟକ ସୂଚନା ଦେଇଛନ୍ତି। ଶିଙ୍ଗ ଭାଙ୍ଗି ଯାଇଥିବା ଯୋଗୁଁ ମୁଣ୍ଡରେ ରକ୍ତ ଜମାଟ ବାନ୍ଧିବାରୁ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି।

ସକାଳୁ ସକାଳୁ ହରିଣଟି ଜଙ୍ଗଲ ପଟୁ କମିରା ଗାଁ ଆଡକୁ ଆସୁଥିବା ବେଳେ କୁକୁରପଲ ଗୋଡାଇଥିଲେ। ଗାଁ ଭିତରେ



ପଶିଯିବା ପରେ ଗ୍ରାମବାସୀ କୁକୁରଙ୍କ କବଳରୁ ଉଦ୍ଧାର କରିଥିଲେ। ସରପଞ୍ଚ ସୁମନ୍ତ ନାଏକ ଏ ବାବଦରେ ଜାଣିବା ପରେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଖଜୁରୀପଡ଼ା ସେକ୍ସନ ବନପାଳ ଦୀପକ ନାଏକ, ବ୍ରାହ୍ମଣୀପାଲି ବିଟ୍ ବନରକ୍ଷୀ ରମାକାନ୍ତ ପାଣିଗ୍ରାହୀ ଓ ଅନ୍ୟ ବନ କର୍ମଚାରୀ ତତ୍କ୍ଷଣାତ୍ ଗାଁରେ ପହଞ୍ଚି ଗୁରୁତର ହରିଣଟିକୁ ବୌଦ୍ଧ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। କୁକୁରପଲଙ୍କ ଆକ୍ରମଣରେ ହରିଣଟିର ଦୁଇ ଶିଙ୍ଗ ଭାଙ୍ଗିଯାଇ ଓହଳି ରହିଥିଲା। ଶରୀରର ବିଭିନ୍ନ ସ୍ଥାନରେ କୁକୁର କାମୁଡ଼ା ଦାଗ ମଧ୍ୟ ରହିଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ହରିଣଟିକୁ ସଦର ରେଞ୍ଜ କାର୍ଯ୍ୟାଳୟ ପରିସରରେ ରଖାଯାଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଏହାକୁ ଜଙ୍ଗଲରେ ଛଡାଯିବ ବୋଲି ବନ ବିଭାଗ ନିଷ୍ପତ୍ତି ନେଇଥିଲା; ହେଲେ ବନ ବିଭାଗର ସବୁ ଉଦ୍ୟମ ବିଫଳ ହୋଇଥିଲା। ଶେଷରେ ହରିଣଟି ଆଖି ବୁଜିଥିଲା।

## ମାନସ ତରଭା ନଗର ମଣ୍ଡଳ ସଭାପତି



**ତରଭା, ୨୫।୫(ସମିସ):** ବିଜେପି ତରଭା ନଗରମଣ୍ଡଳ ସଭାପତି ଭାବେ ମାନସ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପିଲାବେଳୁ ସାମାଜିକ କାର୍ଯ୍ୟରେ ଜଡିତ ମାନସ ଆରଏସଏସ ସହ ସମ୍ପୃକ୍ତ। ବିଜେପି ଯୁବ ମୋର୍ଚ୍ଚା ସୋନପୁର ଜିଲ୍ଲା ସହସମ୍ପାଦକ, ବଜରଙ୍ଗ ଦଳ ତରଭା ନଗର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ।

## ବଜ୍ରପାତରେ ୨ ବଳଦ ମୃତ

**ଲାଞ୍ଜିଗଡ଼, ୨୫।୫(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ଅଧୀନ ମାଡିବନ୍ଧା ଗ୍ରାମରେ ବଜ୍ରପାତରେ ୨ଟି ବଳଦଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ୪ଟାରେ କାଳବୈଶାଖୀ ତାଣ୍ଡବରେ ପ୍ରବଳ ଘଡଘଡି ସହ ପବନ ବର୍ଷା ହୋଇଥିଲା। ଏହି ସମୟରେ ଗଛ ମୂଳରେ ଥିବା ଗ୍ରାମର ଚେରରେ ସିଂ ଗଉଡଙ୍କ ଗୋଟିଏ ବଳଦ ଓ କେଶବ ଗଉଡଙ୍କ ଗୋଟିଏ ବଳଦର ମୃତ୍ୟୁ ଘଟିଥିଲା।

## ଯୁକ୍ତ ଦୁଇ ପରୀକ୍ଷାରେ ଶ୍ରୀ ସାଇ କଲେଜର ସଫଳତା

**ନୂଆପଡ଼ା, ୨୫।୫(ସମିସ):** କୋମନା ବ୍ଲକ କୁରୁମପୁରୀ ପଞ୍ଚାୟତସ୍ଥିତ ଶ୍ରୀ ସାଇ କଲେଜର ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳାରେ ୯୩%, ବିଜ୍ଞାନରେ ୭୬% ଓ ବାଣିଜ୍ୟରେ ୬୯% ପାସ୍ ହାର ରହିଛି। କଳାରେ ୭୫.୩୩% ରଖି ପଲ୍ଲବୀ ରାଉତ ସର୍ବୋଚ୍ଚ ସ୍ଥାନରେ ରହିଥିବାବେଳେ ବିଜ୍ଞାନରେ ୬୯.୩୩% ରଖି ଦର୍ଶନ ତାଣ୍ଡି ଓ ବାଣିଜ୍ୟରେ ୬୧.୩୩ % ରଖି ହରିକେଶ ସୋନି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ପରିଚାଳନା ମୁଖ୍ୟ ମୁକେଶ ସାହାଣୀ, କଲେଜ ଅଧକ୍ଷ ଡ. ଅଶୋକ ପଟ୍ଟନାୟକ, ପ୍ରଶାସକ ମୁକେଶ ରାଉତ, ପରୀକ୍ଷା ନିୟନ୍ତ୍ରକ ଅଙ୍କିତ ହୋତା, ପିଇଟି ଦୁଷ୍ମନ୍ତ ସାହୁ, ଅଧ୍ୟାପକ ଇପ୍ତେସ ମେହେର, ଭାଗୀରଥି ଭୋଇ, ଅଲୋକ ନିଆଲ, ଅଧ୍ୟାପିକା ଉତ୍କଳିନୀ ସାମନ୍ତରାଏ, ତନ୍ମୟୀ ବିଶି, ସଜନୀ ଶବର, ବୀଣାପାଣି ସାହୁ, ସିପ୍ରା ଗୁଆ, ତପସ୍ୱିନୀ ନାଥ, ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ସଦସ୍ୟ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସାବିତ୍ରୀ ପାଇଁ ବଜାର ଭିଡ଼



**ବୀରମହାରାଜପୁର, ୨୫।୫(ସମିସ):** ସୋମବାର ସାବିତ୍ରୀ ବ୍ରତ ପାଇଁ ରବିବାର ଚଳଚଞ୍ଚଳ ହୋଇଉଠିଛି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳ। ବ୍ରତ ସାମଗ୍ରୀ କିଣିବାକୁ ମହିଳାମାନେ ବଜାରରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ପୂଜା ସାମଗ୍ରୀ, ଫଳ ଓ ଶାଢ଼ୀ ଦୋକାନରେ ରବିବାର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

## ଡୁମାଲ ସମାଜ ମାଝୀସାହି କେନ୍ଦ୍ରର ବାର୍ଷିକ ବୈଠକ

**ବୌଦ୍ଧ, ୨୫।୫(ସମିସ):** ବଘିଆପଡ଼ା ପଞ୍ଚାୟତ ଆମଠାପଡ଼ା ଲଉରିଆ ସାହିରେ ଡୁମାଲ ସମାଜ ମାଝୀସାହି କେନ୍ଦ୍ରର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ମାହେଶ୍ୱରୀଙ୍କ ପୀଠରେ ପୂଜକ ଜୟସ୍ୱର ପାତ୍ର ପୂଜା କାର୍ଯ୍ୟ ସାରିବା ପରେ ବୈଠକ ଆରମ୍ଭ ହୋଇଥିଲା। କେନ୍ଦ୍ରର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଧରଣୀଧର ଲୌରିଆ ସଭାର ବିବରଣୀ ପଠନ କରିଥିଲେ। ପୁଣି ଥରେ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ସଭାପତି ଏବଂ ଧରଣୀଧର ଲଉରିଆଙ୍କୁ ସମ୍ପାଦକ ଭାବେ ମନୋନୀତ କରାଗଲା। ପୂର୍ବତନ ସରପଞ୍ଚ ଦେବହରି ମହାକୁଳ ଧନ୍ୟବାଦ୍ ଦେଇଥିଲେ।

# ମଦଭାଟିରୁ ଟଙ୍କା ଆଦାୟ ଅଭିଯୋଗ

**ସିନାପାଲି, ୨୫।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଗଣ୍ଡାବାହାଲି ଦେଶୀ ମଦଭାଟିରେ ୱେବ ପୋର୍ଟାଲର ସାମ୍ବାଦିକ କହି ଜବରଦସ୍ତି ଟଙ୍କା ଆଦାୟ କରୁଥିବା ନେଇ ମଦ ଭାଟି ମ୍ୟାନେଜର ଶଶାଙ୍କ ସାହୁ ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ସିନାପାଲି ଥାନା ପକ୍ଷରୁ ଘଟଣାର ସତ୍ୟାସତ୍ୟ ତଦନ୍ତ ଚାଲିଛି। ଅଭିଯୋଗ ଅନୁସାରେ ଗତ ୧୫ ତାରିଖ ଦିନ ସମୟ ପ୍ରାୟ ୧୨ ଟା ୪୫ରେ କଳାହାଣ୍ଡି ଜିଲ୍ଲା ନର୍ଲା ନିବାସୀ ରଞ୍ଜନ ମହାନ୍ତି ଏବଂ ଟିଟିଲାଗଡ଼ ନିବାସୀ ପବିତ୍ର ମୋହନ ସାହୁ ଓ ତ୍ରିନାଥ ସାହୁ ଗଣ୍ଡାବାହାଲି ମଦଭାଟିକୁ ଆସି କଟକରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏକ୍ସସାଇଜ୍ ଡେପାର୍ଟମେଣ୍ଟରୁ ଆସିଛୁ କହି ଜବରଦସ୍ତି ଭାଟି ଭିତରକୁ ପଶିଥିଲେ। ପରେ ଗୋଦାମ ଘର, ରୋଷେଇ ଘର, ଚୁଲାଇ ଘର, ଗଦି ଘରକୁ ପଶି ଭିଡିଓ ସୁଟିଂ କରି ଠକାମି କରି ପଇସା ଉପାର୍ଜନ କରୁଥିବା କହି ଧମକ ଦେଇ ପାଞ୍ଚ ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଜୀବନ ଭୟରେ ଭାଟି ମ୍ୟାନେଜର ସେମାନଙ୍କୁ ୧ ଲକ୍ଷ ୨ହଜାର ଟଙ୍କା ଦେବାରୁ ଚାଲି ଯାଇଥିଲେ। ଏନେଇ ଭାଟି ମ୍ୟାନେଜର ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ସିନାପାଲି ଥାନାରେ କେଶ ନଂ.୧୩୧/ ୨୫ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ହାଇଦ୍ରାବାଦରୁ ୨୪ ଦାଦନ ଉଦ୍ଧାର



**କେସିଙ୍ଗା, ୨୫।୫ (ସମିସ):** ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦରେ ଫସି ରହିଥିବା କେସିଙ୍ଗା, ଜୁନାଗଡ଼ ଓ ମ.ରାମପୁର ବ୍ଲକର ୨୪ ଜଣ ଦାଦନଙ୍କୁ ଜିଲ୍ଲା ଶ୍ରମ ବିଭାଗ ସାହାଯ୍ୟରେ ଉଦ୍ଧାର କରାଯାଇଛି। ଏର୍ନାକୁଲମ ଏକ୍ସପ୍ରେସରେ ଏହି ୨୪ ଜଣ ଦାଦନ ଶ୍ରମିକ କେସିଙ୍ଗା ରେଳ ଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଜିତାମ ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେମାନଙ୍କୁ ନିଜ ନିଜ ଗ୍ରାମକୁ ପଠାଯାଇଛି। ଏହି ସମୟରେ ଶ୍ରମବାହିନୀ ସଭାପତି ଝସକେତନ ବାଗ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଭବାନୀପାଟଣାରେ ମୂଳନିବାସୀ ବହୁଜନ ମିଳିତ ମହାସଂଘର ବୁଦ୍ଧିଜୀବୀ ସମାବେଶ

# ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ପାଇଁ ଆନ୍ଦୋଳନ ଉପରେ ଗୁରୁତ୍ୱ

**ଭବାନୀପାଟଣା, ୨୫।୫(ସମିସ):** ଦଳିତ, ଆଦିବାସୀ, ପଛୁଆ ବର୍ଗ, ସଂଖ୍ୟାଲଘୁଙ୍କ ସାମ୍ବିଧାନିକ ହକ ଓ ଅଧିକାର ଉପରେ ସଂଘର୍ଷ କରିବା ସହ ଏହି ସମାଜର ମୁକ୍ତି ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିର ଆବଶ୍ୟକତା ରହିଛି। ଓଡ଼ିଶାର ବିଭିନ୍ନ ବହୁଜନ ସଂଗଠନ ମଧ୍ୟରେ ଏକତା ଓ ଉତ୍ତମ ବୁଝାମଣା ସୃଷ୍ଟି କରିବା, ବହୁଜନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ପାଇଁ ଆନ୍ଦୋଳନ କରିବା ଆଜିର ପ୍ରମୁଖ ଆହ୍ୱାନ। ମୂଳନିବାସୀ ବହୁଜନ ମିଳିତ ମହାସଂଘର ଏହା ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବୋଲି ମହାସଂଘର ବୁଦ୍ଧିଜୀବୀ ସମାବେଶରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ନକ୍ଟିଗୁଡାସ୍ଥିତ ଆମ୍ବେଦକର ଭବନଠାରେ ମହାସଂଘ ତରଫରୁ ଏକ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶ ପ୍ରାରମ୍ଭରେ ଭଗବାନ ବୁଦ୍ଧ ଓ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତ୍ରିଶରଣ ଓ ପଞ୍ଚଶୀଳ ଗାନ କରାଯାଇଥିଲା। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ସ୍ୱାଗତ ଅଭିଭାଷଣ ଦେବା ସହ ମହାସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମହାସଂଘ ତରଫରୁ ଆହୂତ ଏହି ସମାବେଶରେ ଗୁରୁଚରଣ ହରିପାଲ, ଶ୍ରୀବସ୍ତ ତାଣ୍ଡି, ଯତୀନ୍ଦ୍ର କର, ଏସ. ସୁଜାତା, ଧନୁର୍ଜ୍ୟୟ ନାଏକ, ଶଶୀଭୂଷଣ ମଙ୍ଗରାଜ, ହାତୀରାମ ଦୁର୍ଗା, ରାମ ସେନାପତି, ମୁନିଆ ସିପକା, ଲୋକନାଥ ନାଗ, ଯୁଧିଷ୍ଠିର ଭଗତ, କବିତା ବାଗ, ବିଜୟାଲକ୍ଷ୍ମୀ ସ୍ୱର୍ଣ୍ଣ, ଡୋଳେଶ୍ୱର ନାଏକ, କମଳା ବିହାରୀ, ଯୋଗେଶ ତାଣ୍ଡି, ଜୟପ୍ରକାଶ ଜାଲ, ବିନୋଦ ନାୟକ, ଖଗପତି ନାଏକ, କାମ୍ପଲ ସେଠିଆ, ରମଣୀ ଦୁରିଆ, ଚିତ୍ରସେନ ମଙ୍ଗରାଜ, ସତ୍ୟାନନ୍ଦ ନାଗ, ସ୍ନେହଲତା ଦୁର୍ଗା ପ୍ରମୁଖ ଯୋଗଦେଇ ଆଲୋଚନାରେ ସାମିଲ ହୋଇଥିଲେ।

## ମନ୍ କି ବାତ୍ କାର୍ଯ୍ୟକ୍ରମ ଓ ପରାକ୍ରମ ଶୋଭାଯାତ୍ରା

**ମନମୁଣ୍ଡା, ଶଗଡ଼ା, ୨୫।୫(ସମିସ):** ରକ୍ସା ପଞ୍ଚାୟତ ଦହ୍ୟା ଏବଂ କସୁରବନ୍ଧ ପଞ୍ଚାୟତ ନୂଆଁପାଲିରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଓ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆପାଲି ଛକରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ଉପସ୍ଥିତିରେ ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ବିଜେପି ନେତା କିଶୋର ମେହେର, ସୁଶାନ୍ତ ବାଘ, ଦହ୍ୟା ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ ସମିତି ସଭ୍ୟ ଦଳଗଞ୍ଜନ ବେହେରା, ରକ୍ସା ଏସସିଏସ ସଭାପତି ଶିବଶଙ୍କର କର୍ଣ୍ଣ, ମଣ୍ଡଳ ସଭାପତି ଶରତ କର୍ଣ୍ଣ, ଯୀଶୁ ପ୍ରଧାନଙ୍କ ଏବଂ ଅଞ୍ଚଳର ସ୍ୱୟଂ ସହାୟକ ହିମାଂଶୁ କର୍ଣ୍ଣ, ଦୟାମୟ ଦେହୁରୀ ମହିଳା ଗୋଷ୍ଠୀର ସଦସ୍ୟା ଏବଂ ଅଞ୍ଚଳବାସୀଙ୍କ ଉପସ୍ଥିତିରେ 'ମନ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅପରେସନ ସିନ୍ଦୂରର ସଫଳତା ଅବସରରେ ରକ୍ସା ଦହ୍ୟା ଛକରେ ଓ କସୁରବନ୍ଧ ପଞ୍ଚାୟତର ନୂଆଁପାଲିରେ ତ୍ରିରଙ୍ଗା ଯାତ୍ରା ହୋଇଥିଲା।

## ମୃତକଙ୍କ ପରିବାରକୁ ସହାୟତା



**ତରଭା, ୨୫।୫(ସମିସ):** ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ମନୋଜ ସାହୁଙ୍କ ପରିବାରକୁ ରବିବାର ବିଜେପି କାର୍ଯ୍ୟକର୍ତ୍ତା ଭେଟିଛନ୍ତି। ବଲାଙ୍ଗିର ସାଂସଦଙ୍କ ତରଭା ବ୍ଲକ ପ୍ରତିନିଧି ନରେଶ ଷାଣ୍ଢ, ଡିଏଲପିସି ସଭ୍ୟ ରାଜକିଶୋର ମେଣ୍ଡଲିଙ୍କ ସମେତ ରବୀନ୍ଦ୍ର ମିଶ୍ର, ବସୁ ସାହୁ, ଅଶୋକ ନାଏକ, ସୁରେଶ କୁମାର ମିଶ୍ର ଦୁବୁଲାକୁ ଯାଇ ମନୋଜଙ୍କ ପତ୍ନୀ ସୂର୍ଯ୍ୟକାନ୍ତି ଓ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## କାରରୁ ୨୭ କେଜି ଗଞ୍ଜେଇ ଜବତ

**ଶଗଡ଼ା, ୨୫।୫ (ସମିସ):** ଆମ୍ବଗାଁ-ଦେଢ଼ନମାଲ ରାସ୍ତାରେ ଘଣ୍ଟାପଡ଼ା ପୁଲିସ ପାଟ୍ରୋଲିଂ ବେଳେ ଏକ କାରରୁ ୨୭ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ରାଜ୍ୟ ବକ୍ସର ଜିଲ୍ଲା କ୍ରିଷ୍ଣାବାରମ ଥାନା ନୂଆନ ଗାଁର ବିକ୍ରାନ୍ତ ସିଂ (୩୦) ଗିରଫ ହୋଇଛି। ଗାଡିର ୨ଟି ଜାଲ୍ ନମ୍ବରପ୍ଲେଟ ମଧ୍ୟ ଜବତ ହୋଇଛି। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରୀ ସୂଚନା ଦେଇଛନ୍ତି।

# ଓଡ଼ିଶା ପତ୍ରକାର ସଂଘର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ହୋଟେଲ ରୋୟଲ ତୁଲିପରେ ରବିବାର ଓଡ଼ିଶା ପତ୍ରକାର ସଂଘର ବଲାଙ୍ଗିର ଜିଲ୍ଲାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର, ସମ୍ପାଦକ ରାମଦାସ ଲିମା, ବିଜେପି ଜିଲ୍ଲା ସଭାପତି ଶ୍ରୀବସ ବେହେରା, ପୂର୍ବ ସୈନିକ ଗିରିରାଜ ସିଂହ ମାଝୀ, ସମାଜସେବୀ ଅଜିତ ଯୋଶୀ, ଜିଲ୍ଲା ପତ୍ରକାର ସଂଘ ସଭାପତି ତୁଳସୀ ଜଗତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପାର୍ଥ ମହାପାତ୍ର ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜାର୍ଚ୍ଚନା କରି ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ବିଧାୟକ ଶ୍ରୀ ବାଗ ବକ୍ତବ୍ୟରେ ସାମ୍ବାଦିକଙ୍କୁ ଆମ ଚତୁର୍ଥ ସ୍ତମ୍ଭ କହିବା ସହ ଅଞ୍ଚଳରେ ଏମାନେ ହିଁ ବିଭିନ୍ନ ସମସ୍ୟା ଖବର ପ୍ରକାଶିତ କରି ପ୍ରଶାସନ ପାଖରେ ପହଞ୍ଚିବା ସହଜ ହେଉଛି। ସେହିପରି ସମସ୍ତ ଅତିଥିମାନେ ସାମ୍ବାଦିକ ସୁରକ୍ଷା ସହ ଆଗାମୀ ଦିନରେ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାପାତ୍ର କହିଥିଲେ ଯେ ସାମ୍ବାଦିକ ହେବା ଅତି କଷ୍ଟ। କଷ୍ଟ ହେଲେ ବି ଦିନ ରାତି ଖବର କରିବାରେ ପଛାଉନାହାନ୍ତି ସାମ୍ବାଦିକ। ତେବେ ସରକାର ମଧ୍ୟ ସମସ୍ତ ସାମ୍ବାଦିକଙ୍କୁ ସୁରକ୍ଷା ଦେବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ପ୍ରାଚୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ତୁଳସୀ ଜଗତ ଧନ୍ୟବାଦ ଦେଇଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସମ୍ବାଦିକତା କରୁଥିବା ସମସ୍ତ ସାମ୍ବାଦିକ, ସମାଜସେବୀ, ସଂଗଠନ, ବିଭିନ୍ନ ଦିଗରେ ଉତିଣ୍ଣ ହୋଇଥିବା ଯୁବକ ଓ ଯୁବତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ ସାମ୍ବାଦିକ ଗୌରି ଶଙ୍କର ପଟ୍ଟନାୟକ, ଯୁଗଳ କିଶୋର ଶବର, ରୋହନ ମହତ, ମୋହନ ସୁନା, ରାକେଶ ସରାଫ, ଭିକି ଶର୍ମା, ଟିକେଶ୍ୱର ତାଣ୍ଡି, ମିନିକେତନ ନିଆଲ, ପିତାମ୍ବର ଦୀପ ପ୍ରମୁଖ ଯୋଗ ଦେଇଥିଲେ।




## ପିତାମହୁଲରେ ଡୁମାଲ ଜାତି ସମାଜର ବୈଠକ

**ସୁବଳୟା, ୨୫।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗ୍ରାମ ଠାରେ କେନ୍ଦ୍ରସ୍ତରୀୟ ଡୁମାଲ ଜାତି ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ଗ୍ରାମର ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା କରି ସମସ୍ତ କର୍ମକର୍ତ୍ତା ମଶାଲଯାତ୍ର କରି ଶିବ ମନ୍ଦିର ପ୍ରାଙ୍ଗଣ ସଭା ପଣ୍ଡବ ଆଣିଥିଲେ। ବୈଠକରେ ପିତାମହୁଲ କେନ୍ଦ୍ରର ସଭାପତି ଶରତ ଗାଇଗରିଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ମହାକୁର ଯୋଗଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ବାଗବର କେନ୍ଦ୍ରର ସମ୍ପାଦକ ହରିହର ପଧାନ ଯୋଗଦାନ କରିଥିଲେ। ପିତାମହୁଲ କେନ୍ଦ୍ରର ସମ୍ପାଦକ ଅଶ୍ୱିନୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଜାତି ଗଙ୍ଗାମାନଙ୍କୁ ଶୁଭେଚ୍ଛା, ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବାର୍ଷିକ ବୈଠକ ବିବରଣୀ ପାଠ କରି, ଆୟ ବ୍ୟୟ ଉପସ୍ଥାପନା କରିଥିଲେ। କେନ୍ଦ୍ର ସଭାପତି ନୂତନ କେନ୍ଦ୍ର କମିଟି ଗଠନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଉକ୍ତ ବୈଠକରେ ସମସ୍ତ ଜାତି ଗଙ୍ଗାମାନଙ୍କର ମତାମତ ଅନୁସାରେ ନୂତନ କେନ୍ଦ୍ର କମିଟିରେ (କ)ସଭାପତି ଶ୍ରୀକାନ୍ତ କର୍ମୀ, ଉପସଭାପତି ଶୁଭେନ୍ଦୁ କର୍ମୀ, ରଷୁଭ ପଧାନ, ସମ୍ପାଦକ ଅଶ୍ୱିନୀ ପାତ୍ର, ସହ ସମ୍ପାଦକ ଡିଙ୍ଗିର ମହାକୁର, ସଞ୍ଜୟ କଲତା, କୋଷାଧକ୍ଷ କୁଷଧର ମହାକୁର, ଜିଲ୍ଲା ପ୍ରତିନିଧି ରାମ ପ୍ରସାଦ କର୍ଣ୍ଣ, ସଭ୍ୟ କଳା କାହ୍ନୁ କର୍ଣ୍ଣ, , ଭୋଳାନାଥ ମହାକୁର, ଦୟାଶୀଳ ଭୋଇ, କରୁଣାକର ଭୋଇ, ମହିଳା ସଦସ୍ୟା ରମ୍ଭା ମହାକୁର ଓ ଉପଦେଷ୍ଟାକ୍ଷ କମିଟିରେ ଶରତ ଗାଇଗାରିଆ, ଧନେଶ୍ୱର ମେଣ୍ଡିଲି, ଗିରିଧାରୀ ଗେଜ, ନାରାୟଣ ମହାକୁର, କମ୍ପୁ ଦେହେରି, ବୀରେନ୍ଦ୍ର ଗାଇଗାରିଆ କୃତିବାସ ମହାକୁର ଶେଷରେ ନୂତନ କେନ୍ଦ୍ର ସଭାପତି ଶ୍ରୀକାନ୍ତ କର୍ମୀ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା ଜାତି ଭାଇ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

# ସର୍ଗିଗୁଡ଼ାକୁ ହରାଇ ବେହେରା ଚାମ୍ପିଅନ



**ଧର୍ମଗଡ଼, ୨୫।୫(ସମିସ)**

ଧର୍ମଗଡ଼ ବ୍ଲକ ନନ୍ଦଗାଁରେ ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ବେହେରା ଓ ସର୍ଗିଗୁଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବେହେରା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୮ ରନ୍ ସଂଗ୍ରହ କରିଥିଲା। ବେହେରା ଦଳ ବିପକ୍ଷରେ ସର୍ଗିଗୁଡା ଦଳ ୬୦ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲା। ବେହେରା ଦଳ ବିଜୟୀ ହୋଇଛି। ସାମାଜିକକର୍ମୀ ଭବାନୀ ବଣିଆ, ସ୍ଥାନୀୟ ସମିତି ସଭ୍ୟ ଭୁବନେଶ୍ୱର ଶବର, ସଞ୍ଜୟ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କେଶବ ଦୁର୍ଗା ଓ ଗିରିଧାରୀ ହଂସ ଖେଳ ପରିଚାଳନା କରିଥିଲେ। ମୀନକେତନ ବାଗ ଖେଳର ବିବରଣୀ ପ୍ରଦାନ କରିଥିଲେ।

## କୋଶଳ କ୍ଷତ୍ରୀୟ ପାଇକ ସମାଜର କାର୍ଯ୍ୟକାରିଣୀ



**ନୂଆପଡ଼ା, ୨୫।୫(ସମିସ):** ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର କୋଶଳ କ୍ଷତ୍ରୀୟ ପାଇକ ସମାଜର ନୂତନ କାର୍ଯ୍ୟକାରିଣୀ ବୈଠକ ଲାଠୋର ଶ୍ରୀରାଧା ଶ୍ରୀକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। କୋଶଳ କ୍ଷତ୍ରିୟ ପାଇକ ସମାଜର ନୂତନ କାର୍ଯ୍ୟକାରିଣୀରେ ଲାଠୋରର ଗିରିଶ ଚନ୍ଦ୍ର ନାଏକ କୁଳାଧିପ, ଟିକ୍ରାପଡ଼ାର ଦାମୋଦର ନାଏକ ଉପ କୁଳାଧିପ, ଟିକ୍ରାପଡ଼ା ବଲ୍ଲଭ ନାଏକ ମହାସଚିବ ଓ କୋମନାର ମନୋଜ ମୋହନ ମଲିକ ଉପ ସଚିବ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ନିଜ କୋଶଳ କ୍ଷତ୍ରିୟ ପାଇକ ସମାଜର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଅଭିବୃଦ୍ଧି ଆଦି ସମ୍ପର୍କରେ ବିଶେଷ ଧ୍ୟାନ ଦେବାକୁ ନୂତନ କାର୍ଯ୍ୟକାରିଣୀ କମିଟି କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୨୨ ଲୋକଙ୍କ ମୃତ୍ୟୁ।
- ୧୯୫୭- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୮ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।
- ୧୯୯୧- ବ୍ୟାଙ୍କକ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୨୩ ଜଣଙ୍କ ମୃତ୍ୟୁ।
- ୨୦୧୪-ନରେନ୍ଦ୍ର ମୋଦୀ ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

# କୁଚିକେୟାର

## ରୋଗୀ ଓ ବୟସ୍କଙ୍କ ମନୋବଳ ବଢ଼ାଉଛନ୍ତି ଛାତ୍ର



କେରଳର ପତନମତିଟ୍ଟା ଜିଲ୍ଲା ନେଦୁବପୁରମ୍ ଗ୍ରାମ ପଞ୍ଚାୟତ ପିଲାମାନଙ୍କୁ ନିଶାଦ୍ରବ୍ୟ ତଥା ମୋବାଇଲ ଫୋନ୍ ବ୍ୟବହାରରୁ ଦୂରେଇ ରଖିବା ପାଇଁ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଏହା କୁଚିକେୟାର ନାମରେ ପରିଚିତ। ପିଲାଙ୍କୁ ସାମାଜିକ ସମ୍ପର୍କ ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନେ ଗାଁ ଗାଁ ବୁଲି ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକଙ୍କୁ ଭେଟିଥାନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ଶୀଘ୍ର ସୁସ୍ଥ ହେବା ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି। ୪ ଏପ୍ରିଲ୍, ୨୦୨୪ ମସିହାରେ ଏଭଳି ଏକ ପ୍ରୟାସର ଆରମ୍ଭ ହୋଇଥିଲା। ଛାତ୍ରମାନେ ଗାଁର ବିଭିନ୍ନ ୱାର୍ଡ ବୁଲି ବୃଦ୍ଧ କିମ୍ବା ରୋଗୀ ଥିବା ଲୋକଙ୍କ ପାଖରେ ପହଞ୍ଚିଥାନ୍ତି। ଏହାଦ୍ୱାରା ପିଲାଙ୍କଠାରେ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ହେଉଥିବାର ଲକ୍ଷ୍ୟ କରାଯାଇଛି। ଏମାନେ ରୋଗୀଙ୍କୁ ସାନ୍ତ୍ୱନା ଦେବା ସହ ଜରୁରୀ ସୂଚନା ମଧ୍ୟ ଦେଇଥାନ୍ତି। ସେହିପରି କୁଚିକେୟାରରେ ୧୬ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦିଆଯାଇଛି। ଆୟୁର୍ବେଦିକ ଡାକ୍ତର ଅଧିନେଶ ଗୋପନ ଏହି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଅଧିନେଶଙ୍କ କହିବା ଅନୁଯାୟୀ, 'ପିଲାମାନେ ପ୍ରଥମେ ସର୍ଭେ କରି ଗାଁରେ ରୋଗୀମାନଙ୍କ ତଥ୍ୟକୁ ଏକତ୍ର କରନ୍ତି। ପରେ ସେହି ତଥ୍ୟକୁ ବିଶ୍ଳେଷଣ କରନ୍ତି। ଏଥିସହ ଗୋଟିଏ ମାସରେ ଅତି କମ୍‌ରେ ଜଣେ ହେଲେ ରୋଗୀକୁ ସେମାନେ ଭେଟିଥାନ୍ତି। ଅବଶ୍ୟ ପିଲାମାନେ ଚାହିଁଲେ ଅଧିକ ରୋଗୀଙ୍କୁ ମଧ୍ୟ ଭେଟି ପାରିବେ। ପ୍ରତିପିଲାଙ୍କୁ ଗୋଟିଏ ଗୋଟିଏ ଡାଏରୀ ଦିଆଯାଇଛି, ଯେଉଁଥିରେ ସେମାନେ ସେମାନଙ୍କ ଅନୁଭୂତି, ଭାବନା ଓ ରୋଗୀଙ୍କ ସହ ଜଡ଼ିତ ତଥ୍ୟ ଲେଖନ୍ତି। ପିଲାଙ୍କ ଡାଏରୀଗୁଡ଼ିକ ଯାଞ୍ଚ ହୁଏ। ଏଥିସହ ସବୁଠୁ ଭଲ ସେବା ପ୍ରଦାନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଏ। ଏନ୍‌ସିସି ଓ ରେଡ୍‌କ୍ରସ୍‌ରେ ଭାଗ ନେଉଥିବା ପିଲାଙ୍କୁ ଗ୍ରେସ୍ ମାର୍କ ମିଳିଥାଏ। ସେହିଭଳି କୁଚିକେୟାରରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ପିଲାଙ୍କୁ ମଧ୍ୟ ଦ୍ୱାଦଶ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥାଏ।



## 'ଲଭ୍ ଆଣ୍ଡ ୱାର୍' ଓଜନ କମାଇଲେ ରଣବୀର, ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ବହୁତ ଜଲ୍‌ଦି 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ନଜର ଆସିବେ। ତାଙ୍କ ସହ ଭିକି କୌଶଳ ଓ ଆଲିଆ ଭଟ୍ଟ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ତେବେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ପୂର୍ବରୁ ଭିକି ଓ ରଣବୀର ସେମାନଙ୍କ ଶରୀରରେ ପରିବର୍ତ୍ତନ ଆଣିଛନ୍ତି। ଉଭୟ ସେମାନଙ୍କ ଚରିତ୍ରକୁ ପରଦା ଉପରେ ସଫଳ ରୂପାୟନ ପାଇଁ ଓଜନ ହ୍ରାସ କରିଛନ୍ତି। ରଣବୀର ପାଖାପାଖି ୧୨ କେଜି ଓଜନ ହ୍ରାସ କରିଥିବାବେଳେ ଭିକି ୧୫ କେଜି କମାଇଛନ୍ତି। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧପୃଷ୍ଠ ଭୂମି ଉପରେ ଗଢ଼ିଉଠିଥିବା ଏକ ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ। ସଞ୍ଜୟ ଲୀଲା ଭଁସାଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ରଣବୀର, ସଞ୍ଜୟଙ୍କ ଫିଲ୍ମ 'ସାଓଁରିୟା'ରେ କାମ କରିଥିଲେ। ତେବେ ଭିକି ପ୍ରଥମ ଥର ପାଇଁ ସଞ୍ଜୟଙ୍କ ସହ କାମ କରୁଛନ୍ତି। ଏହା ୨୦୨୬ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

## ଦୋକାନରେ ନାହାନ୍ତି ଦୋକାନୀ

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ କିଛି ଦୋକାନ ଏମିତି ଅଛି, ଯେଉଁଠି କୌଣସି ଦୋକାନୀ ନାହାନ୍ତି। ଏଠାରେ ଗ୍ରାହକଙ୍କ ହାତକୁ ଜିନିଷ ଦେବା ପାଇଁ ନା ଦୋକାନୀ ଥାଆନ୍ତି ନା ଦୋକାନକୁ ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ। ଏଠାରେ ଗ୍ରାହକଙ୍କ ଭରସାରେ ହିଁ ଦୋକାନ ଚାଲେ। ଗ୍ରାହକ ଦୋକାନକୁ ଆସନ୍ତି ଏବଂ ଟଙ୍କା ଦେଇ ଆବଶ୍ୟକ ଜିନିଷ କିଣନ୍ତି। ଏ ଲାଗି ସ୍ୱୟଂଚାଳିତ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଗ୍ରାହକ ମେସିନ୍‌ରେ ଟଙ୍କା ପୈଠ କରି ନିଜ ମନ ମୁତାବିକ ଜିନିଷ କିଣନ୍ତି। କେବଳ ଦୋକାନ ନୁହେଁ, ଏଠାରେ ଥିବା କିଛି ବାର୍ ବି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଗ୍ରାହକଙ୍କୁ ପରଷିବା ପାଇଁ ଏଠାରେ ୱେଟର୍‌ଙ୍କ ସ୍ଥାନରେ ରୋବଟ୍ ଅଛନ୍ତି। ଲୋକେ ଦୋକାନରେ ଲାଗିଥିବା ମେସିନ୍‌ରେ ପେମେଣ୍ଟ କରିଥାନ୍ତି। ତେବେ ଦୋକାନରେ ଦୋକାନୀ ନ ରହିବାର ଏକ ନିର୍ଦ୍ଦିଷ୍ଟ କାରଣ ଅଛି। ସିଓଲରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ଏଭଳି ବ୍ୟବସ୍ଥାକୁ ପରିଚିତ କରାଯାଇଛି। ବିଶେଷକରି ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ଦ୍ରୁତ ଭାବେ କମୁଛି। ଫଳରେ ଦୋକାନ ତଥା ଅନ୍ୟ ସ୍ଥାନରେ କାମ କରିବା ପାଇଁ ଲୋକଙ୍କ ଅଭାବ ପରିଲକ୍ଷିତ ହେଉଛି। ଶ୍ରମିକଙ୍କ ଅଭାବ ଯୋଗୁଁ ମଜୁରି ମଧ୍ୟ ବଢ଼ୁଛି। ଏଭଳି ସ୍ଥିତିରେ କୌଣସି ଦୋକାନୀ ଲୋକଙ୍କୁ ରଖିବା ପରିବର୍ତ୍ତେ ରୋବଟ୍‌କୁ ରଖୁଛନ୍ତି। ଯାହାକି ସେମାନଙ୍କୁ ଶସ୍ତା ଓ ସୁବିଧାଜନକ ହେଉଛି।



## ସାବିତ୍ରୀ ଅମାବାସ୍ୟା

ଆଜି ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହାବାଦ୍ ଏହି ପୂଜାରେ ବରଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।

ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ। ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି। ଅନ୍ନ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତି। ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।



# ସ୍ୱସ୍ତି

## ନୌତପାରେ ସୂର୍ଯ୍ୟ ଉପାସନା



ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇଛି ଏବଂ ଜୁନ୍ ୮ ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପମାତ୍ରା ଅଧିକ ରହେ। କୁହାଯାଏ କି, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। ତେବେ ଜାତକରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତାପରେ କିଛି ଉପାୟ ଆପଣାଇବା ଉଚିତ।

- ନୌତପା ସମୟରେ ନିତିଦିନ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତାପରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।

## ଜ୍ୟେଷ୍ଠ ମାସରେ ଜଳ ଦାନ

**ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।**

**ଜଳର ମହତ୍ତ୍ୱ:** ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## କାଚ ଭାଙ୍ଗିବା ଅଶୁଭ

ଘରେ କାଚ ଭାଙ୍ଗିବାକୁ ଅଶୁଭ ବୋଲି କୁହାଯାଏ। ଏହା ନକାରାତ୍ମକ ଶକ୍ତି, ଦୁର୍ଭାଗ୍ୟର କାରଣ ସାଜିଥାଏ। ତେବେ ବାସ୍ତୁ ଶାସ୍ତ୍ରରେ କାଚ ଭାଙ୍ଗିବା କେଉଁ ସଙ୍କେତ ଦିଏ, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, କାଚ ଭାଙ୍ଗିବା ଘରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ମାନସିକ ଅଶାନ୍ତି, ପାରିବାରିକ ଝଗଡ଼ା ଏବଂ ଅଶାନ୍ତି ବୃଦ୍ଧି ପାଏ।
- କାଚକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ ଭଙ୍ଗା କାଚ ରଖିବା ଲକ୍ଷ୍ମୀଙ୍କ ପ୍ରତି ଅସମ୍ମାନକୁ ସୂଚାଏ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜେ।
- ଭଙ୍ଗା କାଚ ପରିବାର ମଧ୍ୟରେ ଫାଟ ସୃଷ୍ଟି କରେ। ଏହା ପ୍ରେମ ଜୀବନକୁ ପ୍ରଭାବିତ କରିଥାଏ।
- ଶୁଭ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଫଳରେ କାର୍ଯ୍ୟରେ ବାରମ୍ବାର ବାଧା ଆସେ।
- ଘର ଦର୍ପଣ କାଚ ଭାଙ୍ଗିବାକୁ ମଧ୍ୟ ଅଶୁଭ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟ ଆଣେ ଓ ଆତ୍ମବିଶ୍ୱାସକୁ ପ୍ରଭାବିତ କରେ।

ଫ୍ରେଞ୍ଚ ଓପନ୍ ଟେନିସ୍ ଆରମ୍ଭ

# ସାବାଲେଙ୍କା, ଝେଙ୍ଗ୍‌ଙ୍କ ବିଜୟ



ପ୍ୟାରିସ,୨୫ ।୫(ସମିସ): ଐତିହାସିକ ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମରେ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି । ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ମହିଳା ଏକକରେ ବିଜୟର ନ ୧ ଖେଳାଳି ତଥା ଟପ୍ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ୬-୧, ୬-୦ ସିଧା ସେଟ୍‌ରେ ରୁଷିଆର କାମିଲା ରାଖିମୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ଅଭିଯାନ ଆରମ୍ଭ କରିଛନ୍ତି । ସେହିପରି ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ୍ ୬-୪, ୬-୩ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ, ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧,୬-୧ ସେଟ୍‌ରେ ତୁର୍କୀର ସେନେପ ସୋନମେଜଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ଆମେରିକାର ୨୮ତମ ସିଡ୍ ଖେଳାଳି ପେଟୋନ ଷ୍ଟେର୍ଣ୍ଣସ ୦-୬, ୩-୬ ସେଟ୍‌ରେ ଜର୍ମନୀର ଇଭା ଲିସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।


## ଦ୍ୱିତୀୟ ରାଉଣ୍ଡରେ ଟମି ପଲ୍

ପୁରୁଷ ଏକକରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲ ପ୍ରଥମ ରାଉଣ୍ଡରେ ବିଜୟ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ପଲ୍ ୬-୭, ୬-୨, ୬-୩, ୬-୧ ମାରାଥନ ସେଟ୍‌ରେ ଡେନମାର୍କର ଏଲମେର ମୋଲୋରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଫ୍ରାନ୍ସର ୩୧ତମ ସିଡ୍ ଜିଓଭାନି ଏମ୍‌ପେସି ପେରିକାର୍ଡ ୪-୬, ୬-୩, ୭-୬, ୬-୪ ସେଟ୍‌ରେ ବେଲଜିୟମର ଜିଜୋଉ ବେର୍ଗ୍‌ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ୨୮ତମ ସିଡ୍ ଆମେରିକାର ବ୍ରାଣ୍ଡନ ନାକାସିମା ୬-୭, ୬-୪, ୧-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ପ୍ରଥମ ରାଉଣ୍ଡରେ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ । ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ଆମେରିକାର ରେଇଲି ଓପେଲକା ୧-୬, ୬-୩, ୭-୫, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ପରାସ୍ତେ କରି ଅଗ୍ରଗତି କରିଛନ୍ତି । ସର୍ବିଆର ହମାଦ ମେଡଜେଡୋଭିକ ୬-୩, ୬-୩, ୭-୬ ସେଟ୍‌ରେ କାମିଲ୍ ମାଜଚରଜାକଙ୍କୁହ ହରାଇ ଅଗ୍ରଗତି କରିଛନ୍ତି ।

ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରି

# ସିଜିନର ଦ୍ୱିତୀୟ ଟାଇଟଲ୍ ଜିତିଲେ ନୋରିସ୍

ମୋନାକୋ,୨୫ ।୫(ସମିସ): ମ୍ୟାକଲରେନ୍ ଡ୍ରାଇଭର ତଥା ବ୍ରିଟ୍ ଫର୍ମୁଲା-୧ ରେସର ଲାଣ୍ଡୋ ନୋରିସ ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରିରେ ବାଜି ମାରିଛନ୍ତି । ରବିବାର ଅନୁଷ୍ଠିତ



ଅନ୍ତିମ ରେସ୍‌ରେ ସେ ଫେରାରୀର ଚର୍ଲ୍ସ ଲେକଲେର୍କ ଓ ମ୍ୟାକଲରେନ ସାଥି ଡ୍ରାଇଭର ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ସେ ସିଜିନର ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ସେ ସିଜିନ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରି ଟାଇଟଲ ହାସଲ କରିଥିଲେ । ସେହିପରି ରେଡବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଚତୁର୍ଥ ଓ ଫେରାରୀର ଲୁଇସ ହାମିଲଟନ ୫ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି । ୨୫ ବର୍ଷୀୟ ନୋରିସ୍ ଏପର୍ଯ୍ୟନ୍ତ ୭ଟି ସଜିନ୍‌ରେ ଅଂଶଗ୍ରହଣ କରି ମୋଟ୍ ଉପରେ ୫ଟି ଗ୍ରାଁପ୍ରିରେ ଟାଇଟଲ ହାସଲ କରିଛନ୍ତି ।

ଜର୍ମାନୀ କପ୍ ଫୁଟବଲ

# ୨୮ ବର୍ଷ ପରେ ଷ୍ଟର୍ଟଗାର୍ଟକୁ ପ୍ରଥମ ଟାଇଟଲ




ବର୍ଲିନ୍,୨୫ ।୫(ସମିସ): ଜର୍ମାନୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭିଏଫ୍‌ବି ଷ୍ଟର୍ଟଗାର୍ଟ ଚାମ୍ପିଅନ ହୋଇଛି । ଫାଇନାଲ ମୁକାବିଲାରେ ଷ୍ଟର୍ଟଗାର୍ଟ ୪-୨ ଗୋଲରେ ଥାର୍ଡ ଟାୟର ଦଳ ଅର୍ମିନିଆ ବିଏଲେଫେଲ୍ଡକୁ ପରାସ୍ତ କରି ଦୀର୍ଘ ୨୮ ବର୍ଷରେ ପ୍ରଥମ ଟାଇଟଲ ହାସଲ କରିଛି । ପୂର୍ବରୁ ୧୯୯୭ରେ ଷ୍ଟର୍ଟଗାର୍ଟ ପ୍ରଥମ ଜର୍ମାନ କପ୍ ଟାଇଟଲ ଜିତିଥିଲା । ସ୍ଥାନୀୟ ଅଲିମ୍ପିଆଷ୍ଟାଡିଅନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷ୍ଟର୍ଟଗାର୍ଟ ତରଫରୁ ଏଞ୍ଜୋ ମିଲୋଟ ୨୨ ଓ ୬୬ତମ ମିନିଟ୍‌ରେ ଦୁଇଟି, ନିକ ଓଲ୍ଟମେଡ୍ ୧୫ ଓ ଡେନିଜ ଉନଦାଭ ୨୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ । ସେହିପରି ଅର୍ମିନିଆ ତରଫରୁ ୮୨ତମ ମିନିଟ୍‌ରେ ଜୁଲିଆନ କାନିଆ ଗୋଲ ଦେଇଥିଲେ । କିନ୍ତୁ ୮୫ତମ ମିନିଟ୍‌ରେ ଷ୍ଟର୍ଟଗାର୍ଟର ଜୋଶା ଭାଗନୋମାନଙ୍କ ଆତ୍ମଘାତୀ ଗୋଲ ଫଳରେ ଅର୍ମିନିଆ ପରାଜୟ ବ୍ୟବଧାନ କମିଥିଲା ।

## ଆଇପିଏଲ୍ ୧୮ ରେ କ୍ଲାସେନ୍‌ଙ୍କ ଶତକ; କୋଲକାତା ୧୧୦ ରନ୍‌ରେ ପରାସ୍ତ

# ପ୍ରଥମ ଓ ଶେଷରେ ହାଇଦରାବାଦ୍‌ର ଦମ୍‌ଦାର ବିଜୟ

ଦିଲ୍ଲୀ, ୨୫।୫ (ଏଜେନ୍ସି)

ହେନ୍‌ରିକ୍ କ୍ଲାସେନ (୧୦୫*) ଓ ଟ୍ରାଭିସ ହେଡ୍ (୬୮)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି । ଏହା ଫଳରେ ଦଳ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଆଇପିଏଲ୍-୧୮ ଅଭିଯାନ ଶେଷ କରିଛି । ଚଳିତ ଆଇପିଏଲ୍‌ରେ ହାଇଦରାବାଦ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ପରାସ୍ତ କରିଥିଲା । ଏଥିରେ ଇଶାନ କିଶାନ ଅପରାଜିତ ୧୦୬ ଓ ଟ୍ରାଭିସ୍ ହେଡ୍ ୬୭ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୨୮୬ (ଚଳିତ ସଂସ୍କରଣରେ ସର୍ବାଧିକ) ରନ୍ କରିଥିଲା । ଜବାବରେ ରାଜସ୍ଥାନ ୬/୨୪୨ ରନ୍ କରିଥିଲା । ସେହିପରି ଆଜି କ୍ଲାସେନ ୩୯ ବଲ୍‌ରେ ୧୦୫ ଓ ହେଡ୍ ୪୦ ବଲ୍‌ରେ ୭୬ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୭୮ ରନ୍ ବା ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିଥିଲା । ଜବାବରେ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ଆଉ ୮ଟି ବଲ ବାକିଥାଇ ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ଦଳ ୧୧୦ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ଖେଳିବାରେ ସମର୍ଥ ହୋଇଥିଲା । ଏହି ବିଜୟ ପରେ ହାଇଦରାବାଦ୍ ୧୪ଟି ମ୍ୟାଚ୍‌ରୁ ୬ ବିଜୟ ସହ ୧୩ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ଅନ୍ୟ ପକ୍ଷରେ କୋଲକାତା ୧୪ ମ୍ୟାଚ୍‌ରୁ ୫ ବିଜୟ ସହ ୧୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି । ଆଇପିଏଲ୍ ଇତିହାସରେ ଏହା କୋଲକାତା ରନ୍ ବ୍ୟବଧାନରେ ସର୍ବବୃହତ ପରାଜୟ ବରଣ କରିଛି । ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକୀୟ କ୍ଲାସେନ ୩୭ ବଲ୍‌ରେ ଶତକ ହାସଲ କରିବା ସହ ୩୯ ବଲ୍‌ରେ ୭ ଚୌକା ଓ ୯ ଛକା ସହ ୧୦୫ ରନ୍‌ରେ ଅପରାଜିତ ରହିଥିଲେ । ଫଳରେ ଆଇପିଏଲ୍ ଇତିହାସରେ କ୍ଲାସେନ ତୃତୀୟ ଯୁଗ୍ମ ଦ୍ରୁତତମ ଶତକ ହାସଲ କରିଥିଲେ । ତାଙ୍କ ବ୍ୟତୀତ ଟ୍ରାଭିସ ହେଡ୍ ୪୦ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୭୬, ଅଭିଷେକ ଶର୍ମା ୧୬ ବଲ୍‌ରେ ୩୨, ଇଶାନ କିଶାନ ୨୦ ବଲ୍‌ରେ ୨୯ ରନ୍ କରିଥିଲେ । ଜବାବରେ କୋଲକାତା ୧୮.୪ ଓଭରରେ ୧୬୮ ରନ୍ କରିଥିଲା । ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ନ ଥିଲାବେଳେ ମନୀଷ ପାଣ୍ଡେ ସର୍ବାଧିକ ୩୭, ହର୍ଷିତ ରାଣା ୩୪ ଓ ସୁନୀଲ ନାରାୟଣ ୩୧ ରନ୍ କରିଥିଲେ । ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦକତ, ଏଶାନ ମାଲିଙ୍ଗା ଓ ବାମହାତୀ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳକୁ ବଡ଼ ବିଜୟ ପ୍ରଦାନ କରିଥିଲେ ।



### ଆଇପିଏଲ୍‌ରେ ୫ ଉଚ୍ଚତମ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ |
|---|---|---|---|
| ହାଇଦରାବାଦ୍ | ୨୮୭/୩ | ବେଙ୍ଗାଲୁରୁ | ବେଙ୍ଗାଲୁରୁ |
| ହାଇଦରାବାଦ୍ | ୨୮୬/୬ | ରାଜସ୍ଥାନ | ହାଇଦରାବାଦ୍ |
| ହାଇଦରାବାଦ୍ | ୨୭୭/୩ | ମୁମ୍ବାଇ | ହାଇଦରାବାଦ୍ |
| କୋଲକାତା | ୨୭୨/୭ | ଦିଲ୍ଲୀ | ବିଶାଖାପାଟନମ |
| ହାଇଦରାବାଦ୍ | ୨୬୬/୭ | ଦିଲ୍ଲୀ | ଦିଲ୍ଲୀ |

### ଆଇପିଏଲ୍‌ରେ ଦ୍ରୁତତମ ଶତକ

| ଖେଳାଳି | ବଲ୍ | ମ୍ୟାଚ୍ | ଭେନ୍ୟୁ |
|---|---|---|---|
| କ୍ରିସ୍ ଗେଲ୍ | ୩୦ | ବେଙ୍ଗାଲୁରୁ- ପୁଣେ | ବେଙ୍ଗାଲୁର |
| ବୈଭବ ସୂର୍ଯ୍ୟବଂଶୀ | ୩୫ | ରାଜସ୍ଥାନ- ଗୁଜରାଟ | ଜୟପୁର |
| ୟୁସୁଫ ପଠାନ | ୩୭ | ରାଜସ୍ଥାନ- ମୁମ୍ବାଇ | ମୁମ୍ବାଇ |
| ଡେଭିଡ ମିଲର | ୩୮ | ପଞ୍ଜାବ-ବେଙ୍ଗାଲୁରୁ | ମୋହାଲି |
| ଟ୍ରାଭିସ ହେଡ | ୩୯ | ହାଇଦରାବାଦ- ବେଙ୍ଗାଲୁରୁ | ବେଙ୍ଗାଲୁରୁ |

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

ଆସାମ ପ୍ରିମିୟର ଲିଗ୍

# କଳିଙ୍ଗ ୱାରିୟର୍ସ ଚାମ୍ପିଅନ




ଭୁବନେଶ୍ୱର, ୨୫।୫ (ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ଆସାମ ଚେସ୍ ପ୍ରିମିୟର ଲିଗ୍ ରବିବାର ଶେଷ ହୋଇଛି । ଏଥିରେ ଭାଗ ନେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ୱାରିୟର୍ସ ସର୍ବାଧିକ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଏହି ଫ୍ରାଞ୍ଚାଇଜ୍‌ର ମାଲିକ ଅଲ୍ ଓଡ଼ିଶା ଚେସ ସଂଘ ରହିଛି । ଏହି ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ନେତୃତ୍ୱରେ କଳିଙ୍ଗ ୱାରିୟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସଫଳତା ପାଇଛି । ଏହି ଦଳରେ ଜିଏମ୍ ଅଙ୍କିତ ରାଜପାରା, ଅମେୟ ଗୁପ୍ତା, ଅମ୍ଲାନ ମହନ୍ତ, ମୃଣ୍ମୟ ରାଜଖୋୱା ପ୍ରମୁଖ ଭାଗ ନେଇଛନ୍ତି । ଓଡ଼ିଆ ଖେଳାଳି ସିଏମ୍ ହର୍ଷିତ ରଞ୍ଜନ ସାହୁ ଓ ଏଫ୍ଏମ୍ ରାଜେଶ ନାୟକ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ । କଳିଙ୍ଗ ୱାରିୟର୍ସ ସର୍ବାଧିକ ୫.୫ ପଏଣ୍ଟ ପାଇଥିଲା । ପୁରସ୍କାର ବାବଦରେ ଓଡ଼ିଶା ଭିତ୍ତିକ ଦଳ ୩ ଲକ୍ଷ ଟଙ୍କା ଓ ଟ୍ରଫି ପାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲା । ଅନ୍ୟ ଦଳଗୁଡ଼ିକ ହେଲେ ଆକ୍ସମ ରାଇନୋସ ଚେକ୍‌ମେଟ୍ସ, ରାଞ୍ଚି କ୍ୟାପିଟାଲ୍ସ, ସାଉୟ ଚେକ୍‌ମେଟ୍ସ, ନାଇଟ୍ ମୁଭର୍ସ, ଏଜୁ ହବ୍ ଚେକ୍‌ମେଟ୍ସ, ବିଟିଆର୍ ୱାରିୟର୍ସ ଓ ୯୧ ୟାର୍ଡ୍ସ କ୍ଲବ୍ ।

# ଟ୍ରଏ କୁଲେ ଭାରତ-ଏ ବୋଲିଂ କୋଚ୍

ମୁମ୍ବାଇ,୨୫ ।୫(ସମିସ): ଅଷ୍ଟ୍ରେଲିଆର ପୂର୍ବତନ ଘରୋଇ କ୍ରିକେଟର ଟ୍ରଏ କୁଲେ ଭାରତ-ଏ ଦଳର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି । ସେ ଆଗାମୀ ଇଂଲଣ୍ଡ ଗସ୍ତରେ ଦାୟିତ୍ୱ ବହନ କରିବେ । ରବିବାର ଭାରତ-ଏ ଦଳ ଇଂଲଣ୍ଡରେ ପହଞ୍ଚିଛି । କୁଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ବୋଲିଂ କୋଚ୍ ରହିଛନ୍ତି । ସେ ମଧ ଇଂଲଣ୍ଡର ବୋଲିଂ କୋଚ୍ ରହିଥିଲେ । ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୦୫ ଆଶେଶ୍‌ରେ ୨-୧ରେ ସିରିଜ ବିଜୟୀ ହୋଇଥିଲା । ୫୭ ବର୍ଷୀୟ କୁଲେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିଆସୁଛନ୍ତି । ୨୦୨୨ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ମହିଳା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ହୃଷିକେଶ କାନିତକର ଭାରତ-ଏ ଦଳର ମୁଖ୍ୟ କୋଚ୍ ରହିଛନ୍ତି ।



ଇଂଲଣ୍ଡ ଗସ୍ତରେ ଯାଇ ଲଣ୍ଡନରେ ପହଞ୍ଚିଥିବା ଭାରତ-ଏ କ୍ରିକେଟ ଦଳର ଖେଳାଳିମାନେ ।

# ଓସିଏର ଅମ୍ପାୟାର ପଦୋନ୍ନତି ପରୀକ୍ଷା

କଟକ,୨୫।୫(ସମିସ): ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଅମ୍ପାୟାର ପଦୋନ୍ନତି ପରୀକ୍ଷା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଛି । ଏଥିରେ ଓସିଏର ୨୧ଜଣ ପ୍ୟାନେଲ ଅମ୍ପାୟାର ଅଂଶ ଗ୍ରହଣ କରିଥିଲେ । ବିସିସିଆଇର ବରିଷ୍ଠ ଅମ୍ପାୟାର ଅରୁଣ




କୁମାର ବାସା ପରୀକ୍ଷା ପରିଚାଳନା କରିଥିଲେ । ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ଓସିଏ ନିରନ୍ତର କାର୍ଯ୍ୟ କରୁଛି । ଏହି ପରିପ୍ରେକ୍ଷୀରେ ଅମ୍ପାୟାରମାନଙ୍କ କୌଶଳ ବିକାଶ ପାଇଁ ଏଭଳି ପରୀକ୍ଷା ହୋଇଥିବା ନେଇ ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ


# ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର,୨୫ ।୫(ସମିସ)

ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ୮ଟି ପଦକ ହାସଲ କରିଛି । ଏହି ଇଭେଣ୍ଟରେ ୨୦ ଜଣ ଓଡ଼ିଆ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ । ଓଡ଼ିଆ ଖେଳାଳିମାନେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି । ଓଡ଼ିଶାର ସୋହିଲ ଗୁରୁଙ୍ଗ୍ ସୋଲୋ ଓ ଟେଣ୍ଡି ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି । ପୁରୁଷ ଗାଣ୍ଡା ଓ ଉଭୟ ପୁରୁଷ ଓ ମହିଳା ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି । ଅନିନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ର ପ୍ରତାପ ଷଡଙ୍ଗୀ ରତ୍ନ ଗିଲ୍ କାଂସ୍ୟ ପଦକଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଖେଳାଳିମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଦାୟିତ୍ୱର ରେଫ୍ରିସିପ୍ କରିଥିବାରୁ ଇଣ୍ଡିଆ ଫେଡେରେସନ ତରଫରୁ ସମ୍ମାନୀତ ହୋଇଥିଲେ । କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅନୁସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧିରଜ ପଟ୍ଟନାୟକଙ୍କ ସମେତ ସମାଜସେମୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପ-ସଭାପତି ମନୋରଞ୍ଜ ଭଞ୍ଜ, ଅରବିନ୍ଦ ନାୟକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଏସୀୟ ଜୁ ଜିତ୍‌ସୁରେ ଅନୁପମାଙ୍କ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ ଭାରତ ପକ୍ଷରୁ ନବମ ଏସୀୟ ଜୁ ଜିତ୍‌ସୁରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ଜୋର୍ଡାନ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ୫୨ କିଲୋଗ୍ରାମ୍ କାଟାଗୋରୀରେ କଣ୍ଟାକ୍ଟରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଅନୁପମା ଦ୍ୱିତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି ।

୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍

କଟକ,୨୫।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବିର ମ୍ୟାଚ୍ ଶେଷ ହୋଇଛି । ଗ୍ରୁପ-ଏରୁ ଝାରସୁଗୁଡା ଏବଂ ଗ୍ରୁପ-ବିରୁ ଖୋର୍ଦ୍ଧା ଉଭୟ ୧୬ ପଏଣ୍ଟ ଲେଖାଏ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି । ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ । ଗ୍ରୁପ-ସି ଏବଂ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଦଳ ପ୍ରତିଯୋଗିତାକୁ ଓହ୍ଲାଇବେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଗ୍ରାଉଣ୍ଡ ସମେତ ଅଡଶପୁର, ଡ୍ରିମସ, ସନସାଇନ ଏବଂ ବିଡାନାସୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ । ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚସୂଚୀ ରହିଛି । ସୋମବାର କଟକ-ଏ ଏବଂ କେନ୍ଦୁଝର, ବାଲେଶ୍ୱର ଓ ଢେଙ୍କାନାଳ, ପୁରୀ ଓ କନ୍ଧମାଳ, ଭୁବନେଶ୍ୱର-ଏ ଓ ରାଉରକେଲା, ଗଞ୍ଜାମ ଓ ବରଗଡ, ନୂଆପଡା ଏବଂ ପୁରୀ ମଧ୍ୟରେ ମୁକାବିଲା ହେବ ।

୩୮ତମ ଭୁବନେଶ୍ୱର ସ୍କୁଲ ଓପନ ଚେସ୍

# ସତ୍ୟମ ଚାମ୍ପିଅନ, ପ୍ରୀତମ ରନର୍ସ ଅପ୍



ଭୁବନେଶ୍ୱର, ୨୫।୫ (ସମିସ): ସତ୍ୟମ ସ୍ୱରୂପ ସାହୁ ଓ ପ୍ରୀତମ ହୋତା ୩୮ତମ ଭୁବନେଶ୍ୱର ସ୍କୁଲ୍ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି । କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ୫ ରାଉଣ୍ଡରୁ ସର୍ବାଧିକ ୪.୫ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରୀତମ ୪ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି । ଏମାନଙ୍କ ପଛକୁ ୫ମ ସ୍ଥାନ ଯାଏ ଥିବା ପ୍ରତିଯୋଗୀ ମଧ୍ୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିସ ନନ୍ଦ ଗୋସ୍ୱାମୀ, କଟକ ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର (ଆଜି) ଅନୁଷ୍ଠିତ ହୋଇଥିଲା । ଏହାକୁ ସ୍କୁଲ୍‌ର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଖେଳ ଶେଷରେ ଟାଟା ଷ୍ଟିଲର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

■ ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ

## ଚିଲିକୁ ହରାଇଲା କନିଷ୍ଠ ଭାରତୀୟ ମହିଳା ଦଳ



ରୋସାରିଓ,୨୫।୫(ସମିସ): ଆର୍ଜେଣ୍ଟିନାର ରୋସାରିଓ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କନିଷ୍ଠ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତୀୟ ଦଳ ୨-୧ ଗୋଲରେ ଦକ୍ଷିଣ ଆମେରିକୀୟ ଦେଶ ଚିଲିକୁ ପରାସ୍ତ କରିଛି। ଭାରତ ପାଇଁ ଶୁଖବୀର କୌର ୩୯ତମ ଓ କନିକା ସିୱାଚ୍ ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଚିଲି ତରଫରୁ ଜାଭେରିଆ ସାଏଞ୍ଜ ବିଂଶତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଭାରତ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଭାରତ ଏବେ ତା'ର ଦ୍ୱିତୀୟ ମୁକାବିଲାରେ ସୋମବାର ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଉରୁଗୁଏକୁ ଭେଟିବ।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲ ହାରି ଶ୍ରୀକାନ୍ତ ରନର୍ସଅପ୍

କ୍ୱାଲାଲମ୍ପୁର,୨୫।୫(ସମିସ): ସ୍ଥାନୀୟ ଅକ୍ସିଆଟା ଏରିନାରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ଉପ- ବିଜେତା ହୋଇ ଅଭିଯାନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ



ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରୀକାନ୍ତ ୧୧-୨୧, ୯-୨୧ ସିଧାସଳଖ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗଠାରୁ ମାତ୍ର ୩୬ ମିନିଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ୩୨ ବର୍ଷୀୟ ଶ୍ରୀକାନ୍ତ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଇଣ୍ଡିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଶନିବାର ସେମିଫାଇନାଲରେ ସେ ଜାପାନର ବିଶ୍ୱର ୨୩ ନଂ ଖେଳାଳି ୟୁସି ତନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଶ୍ରୀକାନ୍ତ ଏବେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଥିଲେ।

ଆଇପିଏଲ୍ ୧୮ | ଦମ୍ ଦେଖାଇଲେ ଯୁବ ଖେଳାଳି

# ଶେଷ ମ୍ୟାଚ୍ ଜିତି ଶେଷରେ ରହିଲା ଚେନ୍ନାଇ



ଅହମ୍ମଦାବାଦ, ୨୫।୫ (ଏଜେନ୍ସି):

ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮୩ ରନ୍‌ର ବୃହତ୍ ବ୍ୟବଧାନରେ ଟେବଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ ସର୍ବବୃହତ୍ ରନ୍ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଗୁଜରାଟ ୧୪ଟି ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ଅଭିଯାନ ଶେଷ କରିଛି। ଏହା ଫଳରେ ଦଳ ଏବେ ସୁଦ୍ଧା ୧୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପଞ୍ଜାବ କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଶେଷ ମ୍ୟାଚ୍ ଜିତିପାରିଲେ ଟେବଲର ଟପ୍ପର ହେବେ। ଅନ୍ୟ ପକ୍ଷରେ ୫ଥରର ଚାମ୍ପିଅନ ଓ ୫ ଥରର ରନର୍ସ ଅପ୍ ଚେନ୍ନାଇ ୧୪ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ୮ ପଏଣ୍ଟ ପାଇଛି। ରାଜସ୍ଥାନ ମଧ୍ୟ ୮ ପଏଣ୍ଟ ପାଇଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗ୍‌ସର ଖରାପ ନେଟ ରନ୍ ରେଟ୍ ଯୋଗୁଁ ୧୦ଟି ଦଳ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଥିରେ କି ଚେନ୍ନାଇ ପଏଣ୍ଟ ଟେବଲର ଶେଷ ସ୍ଥାନ ସହ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ମହେନ୍ଦ୍ର ସିଂ ଧୋନି ମଧ୍ୟ ଶାନ୍ତ୍ୱନାମୂଳକ ବିଜୟ ସହ ସିଜନ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୦ଥର ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ହାର ମାନି ନକରାତ୍ମକ ରେକର୍ଡ କରି ଚଳିତ ସିଜନ ଶେଷ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ୨୩ଟି ବଲ ଖେଳି ୪ ଚୌକା ଓ ୫ ଛକା ସହ ସର୍ବାଧିକ ୫୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକୀୟ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି।

| ଆଇପିଏଲ୍‌ରେ ଆଜି | |
|---|---|
| ପଞ୍ଜାବ ବନାମ ମୁମ୍ବାଇ | |
| ଜୟପୁର/ ରାତି ୭.୩୦ | ଷ୍ଟାରସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର |

### ନୁର, ଅଂଶୁଲଙ୍କ ଚମତ୍କାର ବୋଲିଂ

ଦୁଇ ବିଦେଶୀ ଖେଳାଳି ଡେଭନ କନୱେ (୫୨) ଓ ଡିୱାଲ୍ଡ ବ୍ରେଭିସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ୨୩୦ ରନ୍ କରିଥିଲା। ଚଳିତ ସିଜନରେ ଦଳର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲା। ଜବାବରେ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ପ୍ରତିପକ୍ଷ ନୁର ଅହମ୍ମଦ୍ ଓ ଅଂଶୁଲ କାମ୍ବୋଜଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୯ଟି ବଲ୍ ବାକିଥାଇ ୧୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରଥମଥର ଲାଗି ଦଳର ୩ଜଣ ଯାକ ଟପ୍ ଅର୍ଡର ବ୍ୟାଟର ଅଧିନାୟକ ଶୁବମନ ଗିଲ୍ (୧୩), ଜୋଶ ବଟଲର (୫) ଓ ସାଇ ସୁଦର୍ଶନ (୪୧) ବ୍ୟାଟିଂରେ ଫେଲ ମାରିଥିଲେ। ସୁଦର୍ଶନ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ମଧ୍ୟ ଦଳକୁ ସେ ନକରାତ୍ମକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ଚେନ୍ନାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ଶାହରୁଖ ଖାନ୍ (୧୯), ରାହୁଲ ତେୱାତିଆ (୧୪), ରାଶିଦ୍ ଖାନ୍ (୧୨) ଓ ଅଲରାଉଣ୍ଡର ଜେରାଲ୍ଡ କୋଏଜି (୫) ରନ୍ କରି ବିଫଳ ହୋଇଥିଲେ। ପୂର୍ବରୁ ଏମାନେ କିଛି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମିଳିତ ଭାବେ ଫେଲ୍ ମାରିଥିଲେ। ଚେନ୍ନାଇ ପକ୍ଷରୁ ଆଫଗାନ ସ୍ପିନର ଓ ହରିୟାଣାର ପେସ୍ ବୋଲର ଅଂଶୁଲ କାମ୍ବୋଜ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଏହା ଫଳରେ ନୁରଙ୍କ ୱିକେଟ ସଂଖ୍ୟା ଚଳିତ ସିଜନରେ ୨୪ରେ ପହଞ୍ଚିଛି। ଆଇପିଏଲ୍-୨୦୨୫ରେ ମଧ୍ୟ ସେ ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି।



### କନ୍‌ୱେ, ବ୍ରେଭିସ୍‌ଙ୍କ ଅର୍ଦ୍ଧଶତକ

ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚଳିତ ସିଜନରେ ବଦଳ ଖେଳାଳି ରୂପେ ଖେଳିଥିବା ଯୁବ ଓପନର କରିଥିବା ଆୟୂଷ ମହାତ୍ରେ ୧୭ ବଲ୍‌ରେ ୩୪ ରନ୍, ଉର୍ଭିଲ ପଟେଲ ୧୯ ବଲ୍‌ରେ ୧୯ ବଲ୍‌ରେ ୩୭ ଓ ବ୍ରେଭିସ୍ ୨୩ ବଲ୍‌ରେ ୫୭ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ୩ ବରିଷ୍ଠ ଖେଳାଳି ଡେଭନ କନୱେ ୩୫ ବଲ୍‌ରେ ୫୨, ଶିବମ ଦୁବେ ୮ ବଲ୍‌ରୁ ୧୭ ଓ ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ଅପରାଜିତ ୨୧ ରନ୍ କରିବା ଫଳରେ ଦଳ ୮/୨୩୦ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଚେନ୍ନାଇ ସୁପର କିଙ୍ଗ୍‌ସ: ୨୩୦/୫, ୨୦ ଓଭର** (ଡିୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୂଷ ମହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨)।

**ଗୁଜରାଟ ଟାଇଟନ୍ସ: ୧୪୭/୧୦, ୧୮.୩ ଓଭର** (ସାଇ ସୁଦର୍ଶନ-୪୧, ଅର୍ଶାଦ୍ ଖାନ୍-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମ୍ମଦ୍-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

ଆମେର୍ସଫୁଟ୍‌ରୁ ଜେନିଭା ପର୍ଯ୍ୟନ୍ତ

# ଟାଇଟଲ ହାସଲରେ ବିରଳ ଶତକ



ସର୍ବିଆର ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଖେଳ ଜାରି ରଖିଥିଲେ ମଧ୍ୟ କିଂବଦନ୍ତୀ ଆଖ୍ୟା ଅର୍ଜନ କରିସାରିଛନ୍ତି। ଓପନ୍ ଏରାରେ ସେ ଆଉ ଏକ ବଡ଼ ଉପଲବ୍ଧୀ ହାସଲ କରି ବିଶ୍ୱ ଟେନିସରେ ନିଜର ପ୍ରଭୁତ୍ୱ ଜାହିର କରିଛନ୍ତି। ଜେନିଭା ଓପନ୍ ଏଟିପି ଟୁର ୨୫୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ସେ କ୍ୟାରିଅରର ୧୦୦ତମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ଫାଇନାଲ ମୁକାବିଲାରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ସେ ପୋଲାଣ୍ଡ ହୁବର୍ଟ ହୁରକାଜଙ୍କୁ ୫-୭, ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଟେନିସରେ ୧୯୬୮ରେ ଓପନ୍ ଏରାର ପ୍ରାରମ୍ଭ ହୋଇଥିଲା। ଏହାପରେ ସବୁ ଖେଳାଳିଙ୍କୁ ଆମେଚର ଓ ପେସାଦାର ଟେନିଟର ୪ଟି ଗ୍ରାଣ୍ଡସ୍ଲାମରେ ଭାଗ ନେବାକୁ ଅନୁମତି ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ଲମ୍ବା ଯାତ୍ରା ନେଦରଲାଣ୍ଡସର ଆମେରର୍ସଫର୍ଟରୁ ଆରମ୍ଭ ହୋଇ ଏବେ ଜେନିଭାରେ ପହଚିଛି। ଅର୍ଥାତ ୨୦୦୬ରେ ଆମେର୍ସଫୁଟ୍‌ରେ ହିଁ ସେ ନିଜ କ୍ୟାରିଅରର ପ୍ରଥମ ଏଟିପି ଟୁର ଟାଇଟଲ ହାସଲ କରିଥିଲେ ଓ ଇତିମଧ୍ୟରେ ୧୯ ବର୍ଷ ବିତି ଯାଇଛି। ଗତ ଗୁରୁବାର ଜୋକୋଭିଚ୍ ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଶେଷରେ ତାଙ୍କର ଏହି ୧୦୦ତମ ଟାଇଟଲ ସ୍ୱପ୍ନ ସାକାର ହୋଇଛି। ଗତ ମାଦ୍ରିଦ୍ ଓପନ୍‌ରେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ନିଜ କୋଚ୍ ବ୍ରିଟେନର ଆଣ୍ଡି ମୁରେଙ୍କଠାରୁ ସମ୍ପର୍କ ଛିନ୍ନ କରିଥିଲେ।

**୧୦୦ କ୍ଲବରେ ୭ ଖେଳାଳି**

ତାଙ୍କ ପୂର୍ବରୁ କେବଳ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଓ ଆମେରିକାର ଜିମ୍ମି କର୍ଣ୍ଣର୍ସ ୧୦୯ ଟାଇଟଲ ହାସଲ କରି ଏହି ଏଲିଟ କ୍ଲବରେ ସ୍ଥାନ ପାଇଥିଲେ। ଏକଦା ଫେଡରର ମଧ୍ୟ ଜୋକୋଭିଚ୍‌ଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅନପଟେ ମହିଳା ବିଭାଗରେ ମାର୍ଟିନ ନାଭ୍ରାତିଲୋଭା ୧୬୭, କ୍ରିସ୍ ଏଭେର୍ଟ ୧୫୭ ଓ ଜର୍ମାନୀ ଷ୍ଟେଫି ଗ୍ରାଫ୍ ୧୦୭ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଏହି ୧୦୦ କ୍ଲବରେ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ଟେନିସକୁ ବିଚାର କଲେ ମୋଟ୍ ୭ ଜଣ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟାଇଟଲ ଜିତି ଏହି ହଣ୍ଡ୍ରେଡ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି।

### ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତିବାରେ ପ୍ରଥମ

ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ଭାବେ ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିରେ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ବିଶ୍ୱର ପ୍ରାୟ ସବୁ ଟୁର୍ଣ୍ଣାମେନଟ୍‌ରେ ଟାଇଟଲ ଜିତିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ

ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ ମଧ୍ୟ ଜୋକୋଭିଚ୍ ଅଲିମ୍ପିକ୍ସରେ ସଫଳତା ପାଇ ନଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଏକକରେ କାଂସ୍ୟ ପଦକ ହାସଲ କରିଥିଲେ ମଧ୍ୟ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ ଓ ଏ ନେଇ ତାଙ୍କର ଏକ ବଡ଼ ଅବଶୋସ ରହିଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଏକକ ଫାଇନାଲରେ ସ୍ପେନ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

### ୨୫ତମ ଗ୍ରାଣ୍ଡସ୍ଲାମ ପାଇଁ ଫ୍ରେଞ୍ଚ ଓପନ୍

୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ ଆଉ ଗୋଟିଏ ଟାଇଟଲ ହାସଲ କଲେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିବେ। ସେ ପୁରୁଷ ବିଭାଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତେବେ ଅଷ୍ଟ୍ରେଲିଆ ମହିଳା କିଂବଦନ୍ତୀ ମାର୍ଗାରେଟ୍ କୋର୍ଟ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତେଣୁ ଆଉ ଗୋଟିଏ ଟାଇଟଲ ଜିତିଥିଲେ ସେ କୋର୍ଟଙ୍କୁ ପଛରେ ପକାଇ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବେ। ସୋମବାର ସେ ଚଳିତ ଫ୍ରେଞ୍ଚ ଓପନ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଭେଟି ଅଭିଯାନ ଆରମ୍ଭ କରିବେ।

**ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି**

| ଖେଳାଳି | ଦେଶ | ସଂଖ୍ୟା |
|---|---|---|
| ଜିମ୍ମି କର୍ଣ୍ଣର | ଆମେରିକା | ୧୦୯ |
| ରୋଜର ଫେଡରର | ସ୍ୱିଜରଲାଣ୍ଡ | ୧୦୩ |
| ନୋଭାକ ଜୋକୋଭିଚ୍ | ସର୍ବିଆ | ୧୦୦* |
| ଇଭାନ ଲେଣ୍ଡଲ | ଚେକ ଗଣରାଜ୍ୟ | ୯୪ |
| ରାଫେଲ ନାଦାଲ | ସ୍ପେନ୍ | ୯୨ |

**ଜୋକୋଭିଚ୍‌ଙ୍କ ୧୦୦ଟି ଟାଇଟଲ**

| | |
|---|---|
| ଗ୍ରାଣ୍ଡସ୍ଲାମ | ୨୪ |
| ଏଟିପି ଫାଇନାଲ୍ସ | ୭ |
| ଏଟିପି ୧୦୦୦ ମାଷ୍ଟର୍ସ | ୪୦ |
| ଏଟିପି ୫୦୦ | ୧୫ |
| ଏଟିପି ୨୫୦ | ୧୩ |
| ଅଲିମ୍ପିକ୍ସ | ୧ |

## ରାମଲାଲାଙ୍କୁ ଦର୍ଶନ କଲେ ବୀରୁସ୍କା



ଅଯୋଧ୍ୟା,୨୫।୫(ସମିସ): ଟେଷ୍ଟରୁ କିଛିଦିନ ଦଳେ ଅବସର ଘୋଷଣା କରିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଅଯୋଧ୍ୟା ଗସ୍ତ କରି ରାମଲାଲାଙ୍କ ଦର୍ଶନ କରିଛନ୍ତି। ରବିବାର ସକାଳ ୭ଟାରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ। କିନ୍ତୁ ରାମ ମନ୍ଦିରରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିନାହିଁ। ରାମଲାଲାଙ୍କୁ ଦର୍ଶନ କରିବା ପରେ ଦୁହେଁ ହନୁମାନ ଗଡିରେ ପହଞ୍ଚିଥିଲେ। କୋହଲି ୧ କେଜି ୨୫ ଗ୍ରାମ୍‌ର ଲଡ୍ଡୁ ଓ ଫୁଲ ଚଢ଼ାଇଥିଲେ। ପୂଜାରୀ ତାଙ୍କୁ ଧଳା ରଙ୍ଗର ଫୁଲମାଳା ପିନ୍ଧାଇବା ସହ ଆଶୀର୍ବାଦ ଦେଇଥିଲେ। ସେହିପରି ଅନୁଷ୍କାଙ୍କୁ ପୂଜାରୀ ହଳଦିଆ ରଙ୍ଗର ମାଳା ପିନ୍ଧିବାକୁ ଦେଇଥିଲେ। ଅନୁଷ୍କାଙ୍କ ହାତଧରି କୋହଲି ମନ୍ଦିର ପରିକ୍ରମା କରିଥିଲେ। ଦୁହେଁ ସେଠାରେ ୨୦ ମିନିଟ୍ ରହିଥିଲେ। ହନୁମାନ ଗଡିରେ ମହନ୍ତ ହନୁମାନଙ୍କ ପ୍ରତୀମା ଉପହାର ପ୍ରଦାନ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟରୁ ସନ୍ୟାସ ନେବା ପରେ କୋହଲି ଓ ଅନୁଷ୍କା ବୃନ୍ଦାବନରେ ଯାଇ ସେଠାରେ ପ୍ରେମାନନ୍ଦ ଜୀ ମହରାଜଙ୍କୁ ସାକ୍ଷାତ କରିଥିଲେ। ପ୍ରେମାନନ୍ଦ ଜୀଙ୍କ ଆଶ୍ରମରେ ଦୁହେଁ ୨ ଘଣ୍ଟା ୨୦ ମିନିଟ୍ ସମୟ ବିତାଇଥିଲେ। ମେ ୧୨ ତାରିଖରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେହିପରି ଟି-୨୦ ବିଶ୍ୱକପ୍ ବିଜୟ ପରେ ସେ ଓ ରୋହିତ ଶର୍ମା କ୍ରିକେଟର ଏହି ଛୋଟ ଫର୍ମାଟ୍‌ରୁ ଅବସର ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS